# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୫/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, March 25/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 119 | ମୂଲ୍ୟ ₹୭/-




## ବାହା ହେଲେ ବାଦ୍‌ଶାହ

ବଲିଉଡ୍‌ର ଲୋକପ୍ରିୟ ରାପର ତଥା ଗାୟକ ବାଦ୍‌ଶାହ ପ୍ରଥମ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ରର ୬ ବର୍ଷ ପରେ ପଞ୍ଜାବୀ ଅଭିନେତ୍ରୀ ଈଶା ରିଖିଙ୍କ ହାତ ଧରିଛନ୍ତି।

୦୨

୧୪

## ବରନିକାଙ୍କ ଜାତୀୟ ରେକର୍ଡ

ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ପୋଲଭଲ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ତାମିଲନାଡୁର ବରନିକା ଇଲାନଗୋଆନ।





କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଥିବା ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସର ପୁରୁଷ ଲଙ୍ଗ୍‌ଜମ୍ପ୍ ଇଭେଣ୍ଟ ଅବସରରେ ସ୍ୱର୍ଣ୍ଣପଦକ ବିଜୟୀ ଓଡ଼ିଶାର ସରୁନ ପାୟାସିଂ। (ଫଟୋ: ବିକାଶ ନାୟକ)

# ବଢ଼ିବନି ବିଜୁଳି ଦର

**ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ପକ୍ଷରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷରେ ଘରୋଇ ତଥା ଖୁଚୁରା ଉପଭୋକ୍ତାଙ୍କ ବିଦ୍ୟୁତ୍ ଟାରିଫ୍ ବୃଦ୍ଧି କରାଯିବ ନାହିଁ ବୋଲି ଓଇଆର୍‌ସି ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଚିବ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି।

ସଚିବ କହିଛନ୍ତି, ଚଳିତ ବର୍ଷ(୨୦୨୫-୨୬) ବଳବତ୍ତର ଥିବା ଟାରିଫ୍ ଆସନ୍ତା ବର୍ଷ(୨୦୨୬-୨୭)ରେ ମଧ୍ୟ ଅପରିବର୍ତ୍ତିତ ରହିବ। ଅକ୍ଷୟ ଶକ୍ତି ଉତ୍ପାଦନ ଓ ବ୍ୟବହାର ଏବଂ ଶିଳ୍ପ ବିଦ୍ୟୁତ୍ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଗଙ୍କ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କ ଟାରିଫ୍‌ରେ ପରିବର୍ତ୍ତନ କରାଯାଇଛି। ଇଏଚ୍‌ଟି ବିଦ୍ୟୁତ୍ ଉପଭୋକ୍ତା ନିଜ ଲୋଡ୍‌ର ୮୦%ରୁ ଅଧିକ ବ୍ୟବହାର କଲେ ତାହା ଉପରେ ୨୦ ପଇସା ଜାଗାରେ ୩୦ ପଇସା ରିହାତି ପାଇବେ। ମେଗା ଉଠା ଜଳସେଚନ ପ୍ରକଳ୍ପ(ଏଚ୍‌ଟି ଏବଂ ଇଏଚ୍‌ଟି)ଗୁଡ଼ିକୁ ବାଣିଜ୍ୟ ଉପଭୋକ୍ତା ବର୍ଗରେ ରଖାଯାଇଛି। ସେମାନେ ସୋଲାର ସମୟ(ସକାଳ ୮ରୁ ଅପରାହ୍ଣ ୪ଟା)ରେ ବ୍ୟବହାର କରୁଥିବା ବିଦ୍ୟୁତ୍ ଉପରେ ୟୁନିଟ୍ ପିଛା ୨ ଟଙ୍କା ରିହାତି ପାଇବେ ଏବଂ ଅନ୍ୟ ସମୟରେ ୟୁନିଟ୍ ପିଛା ୧ ଟଙ୍କା ରିହାତି ମିଳିବ। ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ୍ ଚାହିଦା(ଲୋଡ୍) ୧୦ କିଲୋୱାଟ୍‌ରୁ ଅଧିକ ଏବଂ ସ୍ମାର୍ଟମିଟର ଲଗାଇଥିବେ ସେମାନେ ସୋଲାର ସମୟ ବିଦ୍ୟୁତ୍ ବ୍ୟବହାର ଉପରେ ନିଜ ଟାରିଫ୍‌ଠାରୁ ୧୦% କମ୍ ଦେବେ ଏବଂ ପିକ୍ ସମୟ(ସନ୍ଧ୍ୟା ୬ରୁ ରାତି ୧୨) ବିଦ୍ୟୁତ୍ ବ୍ୟବହାର ଉପରେ ଅଧିକ ୧୦% ପଇଠ କରିବେ। ପ୍ରଥମଥର ପାଇଁ ୧୦୦ କିଲୋୱାଟ୍ କିମ୍ବା ତଦୂର୍ଦ୍ଧ୍ୱ ଏଚ୍‌ଟି ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଖୋଲାବଜାରରୁ ବିଦ୍ୟୁତ୍ କ୍ରୟ କରିବା ପାଇଁ ସୁଯୋଗ ଦିଆଯାଇଛି। ସେହିପରି ଓଏଚ୍‌ପିସି ହାରାହାରି ଟାରିଫ୍ ଚଳିତ ବର୍ଷ ପାଇଁ ୟୁନିଟ୍ ପିଛା ୧୦୦.୨୩ ପଇସା ଥିବାବେଳେ ତାହାକୁ କମ୍ କରି ୯୯.୨୨ ପଇସା ଧାର୍ଯ୍ୟ କରାଯାଇଛି। ଓପିଜିସି ପ୍ରଥମ ପର୍ଯ୍ୟାୟ ୟୁନିଟ୍ ୧ ଓ ୨ ପ୍ଲାଣ୍ଟର ଟାରିଫ ହ୍ରାସ ହୋଇଛି। ଫଳରେ ଗ୍ରୀଡ୍‌କୋ ବାର୍ଷିକ ୯୦ କୋଟି ଟଙ୍କା ସଞ୍ଚୟ କରିବ, ଯାହାର ସିଧାସଳଖ ଲାଭ ଉପଭୋକ୍ତା ପାଇବେ।

ପଟ୍ଟନାୟକ ଆହୁରି କହିଛନ୍ତି, ଓପିଜିସିଏଲ୍‌ର ସଞ୍ଚାରଣ ଟାରିଫ୍ ଚଳିତ ବର୍ଷ ପାଇଁ ୟୁନିଟ୍ ପିଛା ୨୫.୫୦ ପଇସା ଥିବାବେଳେ ତାହାକୁ ହ୍ରାସକରି ୨୪ ପଇସା ଧାର୍ଯ୍ୟ କରିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଲକ୍ଷ୍ୟହୀନ ଯୁଦ୍ଧ**

# ଓଁକାର, ସରୁନଙ୍କୁ ସ୍ୱର୍ଣ୍ଣ ପଦକ

**ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର,୨୪।୩(ତପନ ସ୍ୱାଇଁ)**

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ଓଁକାର ପ୍ରସାଦ ନନ୍ଦ ଓ ସରୁନ ପାୟାସିଂ। ୨୦ ବର୍ଷରୁ କମ୍ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ କଟକର ଓଁକାର ୧୭.୭୭ ମିଟର ଥ୍ରୋ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ନିଜ ପ୍ରଥମ ଉଦ୍ୟମରେ ହିଁ ଓଁକାର ଏହି ଦୂରତ୍ୱ ହାସଲ କରିଥିଲେ। ପଟିଆଲାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି(ଏନ୍‌ସିଓଇ)ର ସାଇ କିରନ (୧୭.୦୦) ରୌପ୍ୟ ଓ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ହର୍ଷିତ ଗେହଲଟ (୧୬.୯୮) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ପୁରୁଷ ଲଙ୍ଗ୍‌ଜମ୍ପ୍‌ରେ କଳାହାଣ୍ଡିର ସରୁନ ପାୟାସିଂ ୭.୮୦ ମିଟର ଜମ୍ପ୍‌କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରଥମ ଉଦ୍ୟମରେ ଫଲ୍ଟ କରିଥିବା ସରୁନ ଦ୍ୱିତୀୟ ଉଦ୍ୟମରେ ହିଁ ୭.୮୦ ମିଟର କ୍ଲିୟର କରିଥିଲେ। ଜେଏସ୍‌ଡବ୍ଲ୍ୟୁର ପ୍ରବୀନ ଚିତ୍ରାଭେଲ ୭.୭୮ ଓ ରେଲ୍‌ୱେ ସ୍ପୋର୍ଟ୍ସର ଡେଭିଡ୍ ପି. ୭.୬୯ ମିଟର ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

**ମନୀଷାଙ୍କୁ ରୌପ୍ୟ, ସୁସ୍ମିତାଙ୍କୁ ବ୍ରୋଞ୍ଜ୍**

ମହିଳା ଲଙ୍ଗ୍‌ଜମ୍ପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ମନୀଷା ମେରେଲ। ସେ ସେ ୬.୦୪ ମିଟର ଜମ୍ପ୍‌କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଜେଏସ୍‌ଡବ୍ଲ୍ୟୁର ଅନାମିକା କେ.ଏ. (୬.୦୫) ସ୍ୱର୍ଣ୍ଣ ଓ ଶେରିନ ଏ. (୫.୯୨) ବ୍ରୋଞ୍ଜ୍ ପଦକ ପାଇଛନ୍ତି। ସେହିପରି ମହିଳା ୩୦୦୦ ମିଟର ରେସ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ଓଡ଼ିଶାର ସୁସ୍ମିତା ଟିଗା। ସୁନ୍ଦରଗଡ଼ର ☞ପୃଷ୍ଠା-୪

# ଶୁକ୍ରୁ ଛାଡ଼ିଲେ ଅସ୍ତ୍ର

## ଡେଡ୍‌ଲାଇନ୍ ପୂର୍ବରୁ ମାଓବାଦୀଙ୍କ ଆତ୍ମସମର୍ପଣ

**ଦେଶକୁ ମାଓବାଦୀ ମୁକ୍ତ କରିବା ପାଇଁ ଦିଆଯାଇଥିବା ମାର୍ଚ୍ଚ ୩୧ ଡେଡ୍‌ଲାଇନକୁ ସପ୍ତାହେ ବାକିଥିବା ବେଳେ ପୋଲିସ ଅପରେଶନ ଆଗରେ ହାର ମାନିଛନ୍ତି ଟପ୍ ମାଓବାଦୀ ଶୁକ୍ରୁ ଓରଫ କଷା ସୋଡ଼ି। ଶୁକ୍ରୁ ଏବଂ ତାଙ୍କ ୪ଜଣ ସହଯୋଗୀ କୁନି, ରୁନି, ଅନିଲା ଏବଂ ସଞ୍ଜୟଙ୍କୁ ଧରି କନ୍ଧମାଳ ପୋଲିସ ନିକଟରେ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ଶୁକ୍ରୁଙ୍କ ଠାରୁ ଏକେ-୪୭ ବନ୍ଧୁକ ଜବତ କରାଯାଇଥିବାବେଳେ ଅନ୍ୟମାନଙ୍କ ଠାରୁ ସାଧାରଣ ବନ୍ଧୁକ ଏବଂ ଗୁଳି ଜବତ କରାଯାଇଛି।**



ଶୁକ୍ରୁ ଓରଫ କଷା ସୋଡ଼ି

**ଭୁବନେଶ୍ୱର/ଫୁଲବାଣୀ,୨୪।୩ (ତ୍ରିନାଥ ମହାନ୍ତି/ରାକେଶ କୁମାର ରାଉତ)**

ଗତ କିଛି ଦିନ ଧରି ଶୁକ୍ରୁଙ୍କୁ ଧରିବାକୁ କନ୍ଧମାଳ ଜଙ୍ଗଲରେ ଚାଲିଥିଲା ବଡ଼ ଅପରେଶନ। ମାର୍ଚ୍ଚ ୩୧ ସୁଦ୍ଧା ତାଙ୍କୁ ଧରିବାକୁ ରହିଥିଲା ଟାର୍ଗେଟ। ଡ୍ରୋନ୍ ଜରିଆରେ ଘଞ୍ଚ ଜଙ୍ଗଲରେ ସ୍ପେଶାଲ ଅପରେଶନ ଚଳାଇଥିଲା ଓଡ଼ିଶା ପୋଲିସ। କଳାହାଣ୍ଡି- କନ୍ଧମାଳ ରାୟଗଡ଼ା ସୀମାନ୍ତରେ ଶୁକ୍ରୁ ଲୁଚିଥିଲେ। ଓଡ଼ିଶା ପୋଲିସ ଏବଂ ତାଙ୍କ ପରିବାର ଲୋକେ ଖବରୀ ମାଧ୍ୟମରେ ଆତ୍ମସମର୍ପଣ କରିବାକୁ ଶୁକ୍ରୁଙ୍କ ନିକଟକୁ ସୂଚନା ଦେଇଥିଲେ। ଏହାପରେ ଶୁକ୍ରୁ ପୋଲିସ ନିକଟରେ ଆତ୍ମସର୍ମପଣ କରିବାକୁ ☞ପୃଷ୍ଠା-୪

## ପାପାରାଓଙ୍କ ସହ ୧୭ ଧରାଦେଲେ

**ମାଲକାନଗିରି,୨୪।୩(ଦୁର୍ଯ୍ୟୋଧନ ପାତ୍ର)**

ମାଓବାଦୀ ସଙ୍ଗଠନକୁ ଏକ ବଡ଼ ଝଟକା ଲାଗିଛି। ମୋଷ୍ଟ ୱାଣ୍ଟେଡ୍ କୁଖ୍ୟାତ ମାଓବାଦୀ ନେତା ପାପାରାଓ ମଙ୍ଗଳବାର ଛତିଶଗଡ଼ ବିଜାପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏପରିକି ତାଙ୍କ ସହ ଅନ୍ୟ ୧୭ ଜଣ ଟପ୍ ମାଓବାଦୀ ନେତା ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ପାପାରାଓ ଓରଫ ମଙ୍ଗୁ ଦାଦା ଓରଫ ସୁଧାକର ମାଓବାଦୀ ସଂଗଠନର ଶୀର୍ଷ ନେତା ଥିଲେ । ସେ ଓଡ଼ିଶା, ଛତିଶଗଡ଼ ଓ ମହାରାଷ୍ଟ୍ରରେ ବହୁ ହିଂସାକାଣ୍ଡରେ ଜଡିତ ଥିଲେ। ୨୦୧୦ରେ ଦାନ୍ତେୱାଡା ଆମ୍ବୁସ୍‌ରେ ହୋଇଥିବା ମାଓବାଦୀ ଆକ୍ରମଣରେ ୭୬ ଜଣ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ସହ ଅନେକେ ଆହତ ହୋଇଥିଲେ। ଏହି ଆକ୍ରମଣ ଘଟଣାରେ ମାଓବାଦୀ ନେତା ପାପାରାଓଙ୍କ ବଡ଼ ସମ୍ପୃକ୍ତି ରହିଥିଲା। ତାଙ୍କ ନାମରେ ସରକାର ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେହିପରି ପାପାରାଓଙ୍କ ସ୍ତ୍ରୀ ଉର୍ମିଳା ମଧ୍ୟ ଜଣେ ସକ୍ରିୟ ମାଓବାଦୀ ଥିଲେ। ୨୦୨୫ ନଭେମ୍ବର ୧୩ରେ ☞ପୃଷ୍ଠା-୪



ପାପାରାଓ ଓରଫ ସୁଧାକର

## ୩ ବର୍ଷରେ ୩୨୫ ବନ୍ୟପ୍ରାଣୀ ଶିକାର: ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)**

ରାଜ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଛି। ଗତ ୩ ବର୍ଷ ମଧ୍ୟରେ ଶିକାରୀଙ୍କ ଦ୍ୱାରା ୩୨୫ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ କହିଛନ୍ତି।

ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଖୁଣ୍ଟିଆ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୩-୨୪ରେ ୧୩୬ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୪-୨୫ରେ ୭୯ ଏବଂ ୨୦୨୫-୨୬ରେ ୧୧୦ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଏଥିମଧ୍ୟରେ ୨୦୨୩-୨୪ରେ ୪ଟି ହାତୀ ଶିକାରୀଙ୍କ ଦ୍ୱାରା ମୃତ ହୋଇଥିବାବେଳେ ୨୦୨୪-୨୫ରେ ୩ ଏବଂ ୨୦୨୫-୨୬ରେ ୭ ହାତୀଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୨୩-୨୪ରେ କୌଣସି ବାଘ ଶିକାରୀଙ୍କ ଦ୍ୱାରା ମରି ନ ଥିବାବେଳେ ୨୦୨୪-୨୫ରେ ଗୋଟିଏ ମରିଛି। ☞ପୃଷ୍ଠା-୪

**ଯୁଦ୍ଧ ପ୍ରଭାବ**

# ବଢ଼ିପାରେ ମଦ, ବିୟର ମୂଲ୍ୟ

**ନୂଆଦିଲ୍ଲୀ,୨୪।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ତୈଳ ଓ ଗ୍ୟାସ୍ ଆମଦାନୀ ବାଧାପ୍ରାପ୍ତ ହୋଇଥିବାରୁ ଭାରତରେ ଖାଉଟିଙ୍କ ଠାରୁ ଆରମ୍ଭ କରି ଶିଳ୍ପକ୍ଷେତ୍ର ପର୍ଯ୍ୟନ୍ତ ସମସ୍ୟା ବଢ଼ିବାରେ ଲାଗିଛି। ଗ୍ୟାସ୍ ଏବଂ ପେଟ୍ରୋଲିୟମଜାତ ସାମଗ୍ରୀ ଉପରେ ନିର୍ଭର କରୁଥିବା ଅଧିକାଂଶ ଶିଳ୍ପାନୁଷ୍ଠାନ ବନ୍ଦ ହେବାକୁ ବସିଥିବାବେଳେ ହୋଟେଲ ଓ ରେଷ୍ଟୁରାଣ୍ଟ କ୍ଷେତ୍ର ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ଏହି କ୍ରମରେ ଭାରତରେ ମଦ ପ୍ରସ୍ତୁତ କରୁଥିବା ବ୍ରିୱେରି କମ୍ପାନୀଗୁଡ଼ିକ ମଧ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଗ୍ୟାସ୍ ଅଭାବରୁ ମଦ ପାଇଁ ଉଦ୍ଦିଷ୍ଟ କାଚ ବୋତଲ ଏବଂ କ୍ୟାନ୍ ଉତ୍ପାଦନ ପ୍ରଭାବିତ ହୋଇଥିବାରୁ ବଜାରରେ ମଦ ଯୋଗାଣ ହ୍ରାସ ପାଇବା ସହ ମୂଲ୍ୟ ବଢ଼ିବା ଆଶଙ୍କା ବଢ଼ାଇଛି। ଗ୍ୟାସ୍ ଅଭାବକୁ ନେଇ ଏବେ କାଚ ବୋତଲ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଯାହାକୁ ନେଇ ବଜାରରେ ବିଭିନ୍ନ କମ୍ପାନୀର ମଦ ଉପଲବ୍ଧ କରାଇବା କଷ୍ଟକର ହୋଇପଡ଼ିଛି। ସେହିପରି କ୍ୟାନ୍‌ରେ ଆସୁଥିବା ବିୟର ପାଇଁ କ୍ୟାନ୍ ଉତ୍ପାଦନ ମଧ୍ୟ ହ୍ରାସ ପାଇଛି। କାରଣ କ୍ୟାନ୍ ତିଆରି ପାଇଁ ଆବଶ୍ୟକ ରହିଥିବା ଆଲୁମିନିୟମ ବିଦେଶରୁ ଆମଦାନୀ କରିବା ଏବେ ସହଜ ହେଉନାହିଁ। ଫଳରେ ଏବେ ଭାରତୀୟ ବଜାରରେ ମଦ ଏବଂ ବିୟର ମୂଲ୍ୟ ବଢ଼ିବ ବୋଲି ବ୍ରିୟୁର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ କହିଛି। ମଦ ପ୍ରସ୍ତୁତିଠାରୁ ଆରମ୍ଭ କରି ଏଥିସହ ଜଡ଼ିତ ଆନୁଷଙ୍ଗିକ ସାମଗ୍ରୀ ପ୍ରସ୍ତୁତି କ୍ଷେତ୍ରରେ ଗ୍ୟାସ୍‌ର ଆବଶ୍ୟକତା ସବୁଠୁ ଅଧିକ ରହିଥାଏ। ଦେଶର ମୋଟ ଗ୍ୟାସ୍ ଚାହିଦା ମଧ୍ୟରୁ ୪୦ ଭାଗ କାତାରରୁ ଆମଦାନୀ କରାଯାଇଥାଏ। ହେଲେ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ☞ପୃଷ୍ଠା-୪




# ଗନ୍ଧମାର୍ଦ୍ଦନ ଜଙ୍ଗଲରେ ନିଆଁ

**ପାଇକମାଳ,୨୪।୩(ବଡ଼ ଶତପଥୀ)**

ବରଗଡ଼ ଜିଲାର ନୃସିଂହନାଥ ଓ ବଲାଙ୍ଗୀର ଜିଲାର ହରିଶଙ୍କର ଅଞ୍ଚଳକୁ ଘେରି ରହିଥିବା ଭାରତ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଗତ ରବିବାରରୁ ନିଆଁ ଲାଗିଛି।

ପଦ୍ମପୁରରୁ ଲଖନା ୯୭ କିଲୋମିଟର ବ୍ୟାପି ଏହି ଗନ୍ଧମାର୍ଦ୍ଦନ ପର୍ବତରେ ପ୍ରାୟ ୪୦୦ ପ୍ରକାରର ଔଷଧୀୟ ବୃକ୍ଷଲତା ରହିଛି। ଏଥିସହ ଅନେକ ପ୍ରଜାତିର ପଶୁ, ପକ୍ଷୀ, ସରୀସୃପ ଅଛନ୍ତି। ଏହି ପର୍ବତକୁ ୮୦ ଦଶକରେ ଭାରତ ଆଲୁମିନିୟମ କମ୍ପାନୀ ନାମକ ବକ୍ସାଇଟ ଖନନ ପାଇଁ ୧୦୦ ବର୍ଷର ଲିଜ୍ ପାଇ ଉଦ୍ୟମ ଆରମ୍ଭ କରିଥିବା ବେଳେ ସୂତ୍ରପାତ ହୋଇଥିଲା 'ଗନ୍ଧମାର୍ଦ୍ଦନ ବଞ୍ଚାଅ-ବାଲ୍‌କୋ ହଟାଓ' ଜନ ଆନ୍ଦୋଳନ। ଏହି ପର୍ବତମାଳାରୁ ଉପାର୍ଜିତ ଲଘୁ ବନଜାତ ଦ୍ରବ୍ୟ ଚାର, କେନ୍ଦୁ, ମହୁଲ, ଟୋଲ ଆଦି ସଂଗ୍ରହ କରି ପ୍ରାୟତଃ ୫୦ ହଜାର ଆଦିବାସୀ ଜନଜାତି ଜୀବିକା ନିର୍ବାହ କରୁଥିବା ବେଳେ ପର୍ବତରୁ ନିର୍ଗତ ୨୨ଟି ଚିରସ୍ରୋତା ଝରଣାର ପାଣିରୁ ହୋଇଥିବା ଫସଲକୁ ମରୁଡ଼ି ଦାଉରୁ ଚାଷୀ ରକ୍ଷା କରିଥାଏ। ଏହି ପର୍ବତମାଳା ସୁରକ୍ଷା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ବ୍ୟାପକ କର୍ମଚାରୀ ନିୟୁକ୍ତ ଥିବାବେଳେ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ନିଆଁର ତାଣ୍ଡବ ଦେଖିବାକୁ ମିଳିଥାଏ।

ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରି ଜଙ୍ଗଲ ବିଭାଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରୁଥିବା ସତ୍ତ୍ୱେ ନିଆଁ କିପରି ଜଙ୍ଗଲରେ ଲାଗିଛି ବୋଲି ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି। ଏ ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କୁ ପଚାରିବାରୁ ନୃସିଂହନାଥ ଅଞ୍ଚଳରେ ପ୍ରତିବର୍ଷ ପ୍ରଥମେ ନିଆଁ ଲାଗୁ ଥିବାର ଦେଖାଯାଉଛି। ପର୍ବତ ଉପରକୁ ଚଢୁଥିବା ଯାତ୍ରୀ ହେଉ କି ମହୁଲ ଫୁଲ ଗୋଟାଇବା ପାଇଁ ହେଉ ସେମାନେ ନିଆଁ ଲଗାଉ ଥିବାର ସନ୍ଦେହ ହେଉଛି। ତେବେ ବନ ବିଭାଗ କର୍ମଚାରୀମାନେ ନିଆଁ ଲାଗିଲା ମାତ୍ରେ ତାକୁ ଲିଭାଇବାକୁ ଉଦ୍ୟମ କଲେ ଏତେ କ୍ଷୟକ୍ଷତି ହୁଅନ୍ତା ନାହିଁ ବୋଲି ପୁଟା କହିଛନ୍ତି। ଏଥିସହିତ କାଠୁରିଆମାନେ ଜଙ୍ଗଲକୁ ଯାଇ ଜୀଅନ୍ତା ଗଛକୁ କାଟି ଦେଉଛନ୍ତି ଓ ଦୁଇ ତିନିଦିନ ପରେ ଯାଇ ସେହି ଗଛକୁ ଛୋଟ ଛୋଟ କରି ଟାଙ୍ଗିଆରେ କାଟି ବିଡ଼ା ବାନ୍ଧି ଗାଁ ଗାଁରେ ବିକ୍ରୟ କରୁଛନ୍ତି। ଏହି କାଠୁରିଆମାନେ ଜଙ୍ଗଲ ନଷ୍ଟ କରୁଥିବା ସହ ଜଙ୍ଗଲରେ ନିଆଁ ଜାଳି ରୋଷେଇ କରୁଥିବାରୁ ଏହି ରୋଷେଇ ନିଆଁ ମଧ୍ୟ ବ୍ୟାପିଯାଇ ଜଙ୍ଗଲକୁ ନଷ୍ଟ କରୁଛି ବୋଲି ସେ କହିଛନ୍ତି।

**ରହିଛି ୪୦୦ ପ୍ରକାରର ଔଷଧୀୟ ବୃକ୍ଷଲତା**



ଗନ୍ଧମାର୍ଦ୍ଦନ ଜଙ୍ଗଲରେ ନିଆଁ ଲାଗିଛି।



ଇରାନର କ୍ଷେପଣାସ୍ତ୍ର ମାଡ଼ରେ ତେଲ୍ ଆଭିଭ୍‌ର ଏକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ଉଦ୍ଧାର କାର୍ଯ୍ୟରେ ଇସ୍ରାଏଲୀ ସୁରକ୍ଷା ବଳ ଓ ରେସ୍କ୍ୟୁ ଟିମ୍ ନିୟୋଜିତ ହୋଇଛନ୍ତି।

## ପଶ୍ଚିମ ଏସିଆ ସ୍ଥିତିକୁ ନେଇ ସର୍ବଦଳୀୟ ବୈଠକ ଆଜି

ନୂଆଦିଲ୍ଲୀ,୨୪।୩

ପଶ୍ଚିମ ଏସିଆରେ ଲାଗିରହିଥିବା ସଙ୍କଟ ସମ୍ପର୍କରେ ଆଲୋଚନା ପାଇଁ କେନ୍ଦ୍ର ସରକାର ବୁଧବାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ପାର୍ଲାମେଣ୍ଟକୁ ଅବଗତ କରାଇବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତି ଚିନ୍ତାଜନକ, ଯାହା ଅଭୂତପୂର୍ବ ଆହ୍ୱାନ ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ। କେବଳ ଅର୍ଥନୀତି ପାଇଁ ନୁହେଁ, ଜାତୀୟ ସୁରକ୍ଷା ଏବଂ ମାନବୀୟତା ପ୍ରତି ମଧ୍ୟ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ସେ କହିଥିଲେ।

ମଧ୍ୟପ୍ରାଚ୍ୟ ଉତ୍ତେଜନା ଯୋଗୁ ଏଲ୍‌ପିଜି ସଙ୍କଟ ଦେଖାଦେଇଥିବାବେଳେ ବଜାର ସ୍ଥିତିରେ ଅସ୍ଥିରତା ଲାଗି ରହିଛି। ସରକାର ସ୍ଥିତି ମୁକାବିଲା କରିବାରେ ବିଫଳ ହୋଇଥିବା ନେଇ ବିରୋଧୀ ସମାଲୋଚନା କରିବା ସହ ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ପାଇଁ ଚାପ ପକାଇଥିଲେ। ମଙ୍ଗଳବାର କଂଗ୍ରେସ ନେତା ଜୟରାମ ରମେଶ ସରକାରଙ୍କ ପରିଚାଳନାଗତ ବିଫଳତାକୁ ନେଇ ସମାଲୋଚନା କରିଥିଲେ। ରାଜ୍ୟ ସଭାରେ ସିପିଆଇ(ଏମ୍) ସଦସ୍ୟ ଜନ୍ ବ୍ରିଟାସ୍ ୨୦୦୩ର ସଂସଦୀୟ ସଂକଳ୍ପର ଅବତାରଣା କରିଥିଲେ, ଯେଉଁଥିରେ ଇରାକ ଯୁଦ୍ଧକୁ ନିନ୍ଦା କରାଯାଇଥିଲା। ସରକାର ଇରାନ ଯୁଦ୍ଧକୁ ନେଇ ଅନୁରୂପ ପଦକ୍ଷେପ ନେବାକୁ ସେ ନିବେଦନ କରିଥିଲେ। କଂଗ୍ରେସ ଏମ୍‌ପି ବିଜୟ ବସନ୍ତ ଏଲ୍‌ପିଜି ସଙ୍କଟ ଏବଂ ଦର ଅନିୟମିତତାକୁ ନେଇ ଲୋକ ସଭାରେ ଏକ ମୁଲତବୀ ପ୍ରସ୍ତାବ ଆଣିଥିଲେ।

## ମୋଦିଙ୍କ ବୈଦେଶିକ ନୀତିକୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ,୨୪।୩

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତର ବୈଦେଶିକ ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର କଡ଼ା ସମାଲୋଚନା କରିଛନ୍ତି। ଭାରତର ବୈଦେଶିକ ନୀତି ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ନୀତିରେ ପରିଣତ ହୋଇଛି ଏବଂ ଏହା ଏକ ସାର୍ବଜନିକ ପରିହାସ ବୋଲି ରାହୁଲ କହିଛନ୍ତି। ପ୍ରଧାନମନ୍ତ୍ରୀ ବୈଦେଶିକ ନୀତିରେ ସାଲିସ୍ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିଛନ୍ତି ବୋଲି ବିରୋଧୀ ଦଳ ନେତା ଅଭିଯୋଗ କରିଛନ୍ତି। ଏଲପିଜି ଏବଂ ତୈଳ ଦର ବୃଦ୍ଧିକୁ ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି।

# ଇରାନ ଯୁଦ୍ଧ: ବିରତି ସତ୍ତ୍ୱେ ଆକ୍ରମଣ

ତେହରାନ୍ /ତେଲ ଆଭିଭ୍ ,୨୪।୩

ଇରାନ୍ ସହ ଆଲୋଚନା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ୫ ଦିନିଆ ସାମୟିକ ଯୁଦ୍ଧ ବିରତି ଘୋଷଣା କରିଥିଲେ। ଏଥିସହ ଆଗକୁ ଆଲୋଚନା ଜାରି ରଖି ବିବାଦର ସମାଧାନ ପାଇଁ ଉଦ୍ୟମ କରାଯାଉଛି ବୋଲି କହିଥିଲେ। ହେଲେ ଟ୍ରମ୍ପଙ୍କ ଯୁଦ୍ଧି ବିରତି ପ୍ରଭାବ କୌଣସି ପକ୍ଷ ଉପରେ ପଡ଼ି ନାହିଁ। ମଙ୍ଗଳବାର ଆମେରିକା ଓ ଇସ୍ରାଏଲ ପକ୍ଷରୁ ତେହରାନ୍ ସମେତ ଇରାନ୍‌ର ବିଭିନ୍ନ ସହରରେ ବୋମାମାଡ଼ କରାଯାଇଛି। ସେହିପରି ଇରାନ୍ ମଧ୍ୟ ଇସ୍ରାଏଲ ଏବଂ ଉପସାଗରୀୟ ଦେଶଗୁଡିକ ଉପରେ ଆକ୍ରମଣ ଜାରି ରଖିଛି। ଇସ୍ରାଏଲ ଅଧୀନରେ ଥିବା ୱେଷ୍ଟବ୍ୟାଙ୍କର ଏକ ସହର ଉପରେ ଇରାନ୍ କ୍ଷେପଣାସ୍ତ୍ର ମାଡ଼ କରିବାରୁ କେତେକ ଲୋକ ଆହତ ହୋଇଛନ୍ତି। ଏହାଛଡ଼ା ୟୁଏଇ ଏବଂ କାତାରର କେତେକ ସ୍ଥାନରେ ମଧ୍ୟ ଇରାନ୍ ମଙ୍ଗଳବାର ଆକ୍ରମଣ କରିଥିବା କୁହାଯାଇଛି। ଏହାକୁ ନେଇ ଏବେ ବି ମଧ୍ୟପ୍ରାଚ୍ୟ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସେପଟେ ଟ୍ରମ୍ପଙ୍କ ଆଲୋଚନା ବିଷୟକୁ ଇରାନ୍ ପୁଣି ଅସ୍ୱୀକାର କରିଛି। ହର୍ମୁଜ୍ ଷ୍ଟ୍ରେଟକୁ ମୁକ୍ତ କରିବା ଲାଗି ଟ୍ରମ୍ପ୍ ଦେଇଥିବା ଧମକକୁ ନେଇ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗାଚି କହିଛନ୍ତି, କେବଳ ଶତ୍ରୁ ରାଷ୍ଟ୍ରଙ୍କୁ ବାଦ୍ ଦେଇ ଅନ୍ୟ ରାଷ୍ଟ୍ରଙ୍କ ପାଇଁ ଏହି ପଥ ସ୍ୱାଭାବିକ ରହିଛି। କିନ୍ତୁ ହର୍ମୁଜ୍ ପ୍ରସଙ୍ଗକୁ ନେଇ ଆମେରିକା ଅନ୍ୟ ରାଷ୍ଟ୍ର ମଧ୍ୟସ୍ଥତାରେ ଇରାନ୍ ସହ ଆଲୋଚନା କରିବାକୁ ଉଦ୍ୟମ ଚଳାଇଛି।



## ୟୁକ୍ରେନ୍ ଉପରେ ରୁଷିଆର ଜୋର୍‌ଦାର ଆକ୍ରମଣ

କିଭ୍,୨୪।୩

ୟୁକ୍ରେନ୍‌ର ଜନବସତି ଅଞ୍ଚଳ ଉପରେ ରୁଷିଆ ସୋମବାର ରାତିରେ ଜୋର୍‌ଦାର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟୁନ ୨୭ ଆହତ ହୋଇଛନ୍ତି। ବସନ୍ତକାଳୀନ ସମ୍ଭାବ୍ୟ ସ୍ଥଳଭାଗ ଆକ୍ରମଣ ପୂର୍ବରୁ ରୁଷିଆ ସେନା ୟୁକ୍ରେନ୍‌ର ଆଗଧାଡ଼ିର ପ୍ରତିରକ୍ଷା ବ୍ୟବସ୍ଥା ଭାଙ୍ଗିବା ପାଇଁ ଉଦ୍ୟମ କରିଛି। ରୁଷିଆ ପ୍ରାୟ ୪୦୦ ଡ୍ରୋନ୍ ଛାଡ଼ିଥିଲା, ଯାହାକି ଗତ କିଛି ସପ୍ତାହ ମଧ୍ୟରେ ସବୁଠୁ ବଡ଼ ଆକ୍ରମଣ। ଏଥିସହ ମସ୍କୋ ୟୁକ୍ରେନ୍ ଉପରେ ୨୩ଟି କ୍ରୁଜ୍ ଏବଂ ୭ଟି ବାଲିଷ୍ଟିକ୍ ମିଶାଇଲ୍ ମାଡ଼ କରିଛି।

## ଟ୍ରାନ୍ସଜେଣ୍ଡର ଅଧିକାର ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୪।୩

ଟ୍ରାନ୍ସଜେଣ୍ଡରଙ୍କ ସୁରକ୍ଷା ଓ ଅଧିକାର ଆଇନରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ବିଲ୍‌କୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଏହା ଆଇନର ପରିସରରୁ ସାମାଜିକ ଦୃଷ୍ଟିକୋଣକୁ ବାଦ୍ ଦେବ ବୋଲି ସେମାନେ ଅଭିଯୋଗ କରିଥିଲେ। ବିତର୍କର ଉତ୍ତର ଦେଇ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବିରେନ୍ଦ୍ର କୁମାର କହିଥିଲେ, ଜୈବିକ ପ୍ରସଙ୍ଗ କାରଣରୁ ଯେଉଁମାନେ ବାସନ୍ଦର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କୁ ସୁରକ୍ଷ ପ୍ରଦାନ କରିବା ପ୍ରସ୍ତାବିତ ଆଇନର ଉଦ୍ଦେଶ୍ୟ। ଟ୍ରାନ୍ସଜେଣ୍ଡରମାନଙ୍କୁ ଆଇନଗତ ସ୍ୱୀକୃତି ଓ ସୁରକ୍ଷା ବଳବତ୍ତର ରହିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି କରିଥିଲେ।

## ଇରାନ୍‌ର ନୂଆ ସୁରକ୍ଷା ବିଭାଗ ମୁଖ୍ୟ ହେଲେ ମହମ୍ମଦ ବାକର୍



ଇରାନ୍ ମଙ୍ଗଳବାର ଏହାର ନୂଆ ସୁରକ୍ଷା ବିଭାଗ ମୁଖ୍ୟ ଭାବେ ମହମ୍ମଦ ବାକର୍ ଜୋଲକାଦର୍‌ଙ୍କୁ ନିଯୁକ୍ତ କରିଛି। ମହମ୍ମଦ ବାକର୍ ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲ ମୁଖ୍ୟ ଭାବେ କାର୍ଯ୍ୟ କରିବେ। ପୂର୍ବରୁ ଆଇଆର୍‌ଜିସିର କମାଣ୍ଡର ଭାବେ କାର୍ଯ୍ୟ କରିଥିବା ମହମ୍ମଦ ବାକର୍ ଇରାନ୍‌ର ରାଜନୀତି ଏବଂ ପ୍ରଶାସନିକ କ୍ଷେତ୍ର ସହ ଜଡ଼ିତ ରହିଆସିଛନ୍ତି। ଆଇଆର୍‌ଜିସି ମୁଖ୍ୟ ରହିଥିବା ଅଲ୍ଲୀ ଲାରିଜାନି ଇସ୍ରାଏଲ ଆକ୍ରମଣରେ ନିହତ ହେବା ପରେ ତାଙ୍କୁ ସିକ୍ୟୁରିଟି କାଉନସିଲ୍‌ର ନେତୃତ୍ୱ ଦାୟିତ୍ୱ ଦିଆଯାଇଛି। ଔପଚାରିକ ଭାବେ ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲର ଅଧକ୍ଷ ରାଷ୍ଟ୍ରପତି ମାସୁଦ୍ ପେଜେଶକିଆନ ରହିଥିଲେ ହେଁ ମହମ୍ମଦ ବାକର୍ ତାଙ୍କୁ ସୁରକ୍ଷା ଏବଂ ବହିର୍ବ୍ୟାପାର ନୀତିକୁ ନେଇ ପରାମର୍ଶ ଦେବେ ବୋଲି କୁହାଯାଇଛି।

## କଲମ୍ବିଆ ସାମରିକ ବିମାନ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୬୬

ବୋଗୋଟା,୨୪।୩

କଲମ୍ବିଆର ସାମରିକ ବିମାନ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୬୬ରେ ପହଞ୍ଚିଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ୧୧୫ ସୈନ୍ୟଙ୍କ ସମେତ ୧୨୮ ଜଣଙ୍କୁ ନେଇ ବିମାନଟି କଲମ୍ବିଆର ପୁଏର୍ତ୍ତୋ ଲେଗୁଇଜାମୋରୁ ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଅନେକ ଆହତ ହୋଇଥିବା କଲମ୍ବିଆ ସେନା ମୁଖ୍ୟ କହିଛନ୍ତି। କ'ଣ ପାଇଁ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା ତାହା ଜଣାପଡ଼ିନାହିଁ। ବେଆଇନ ସଶସ୍ତ୍ର ସଂଗଠନ ଆକ୍ରମଣ କରିଥିଲେ କି ନାହିଁ, ସେ ସମ୍ପର୍କିତ କୌଣସି ସୂଚନା ଆମ ପାଖରେ ନ ଥିବା ସେନା ମୁଖ୍ୟ ଜେନେରାଲ ହୁଗୋ ଆଲେଜାଣ୍ଡ୍ରୋ ଲୋପେଜ୍ ବାରେଟୋ କହିଛନ୍ତି। ମୃତଦେହଗୁଡ଼ିକ ସହରର ଏକ ଶବାଗାରରେ ରଖାଯାଇଥିବାବେଳେ ଆହତମାନଙ୍କୁ ପ୍ରଥମ ୨ଟି କ୍ଲିନିକ୍‌ରେ ଚିକିତ୍ସା କରାଯିବା ପରେ ବିମାନ ଯୋଗେ ବଡ଼ ସହରକୁ ନିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ କହିଛନ୍ତି, ସୋମବାର ସୈନ୍ୟମାନଙ୍କୁ ଅନ୍ୟତମ ସହର ପୁଟୁମାୟୋକୁ ନିଆଯାଉଥିବାବେଳେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସ୍ଥଳରୁ କଳାଧୂଆଁ ଉଠୁଥିବା ଦେଖାଯାଇଛି।



ଦୁର୍ଘଟଣାଗ୍ରସ୍ତ କଲମ୍ବିଆ ସାମରିକ ବିମାନ ଜଳୁଛି।

## ସ୍ଥାୟୀ କମିଶନ ମିଳୁ ନ ଥିବା ମହିଳା ଅଫିସରଙ୍କୁ ପେନ୍‌ସନ ସୁବିଧା ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୪।୩(ପି.ଟି.)

ସ୍ୱେଚ୍ଛାଚାରୀ ଆକଳନ ଯୋଗୁ ସ୍ଥାୟୀ କମିଶନ ଦିଆଯାଉ ନ ଥିବା ସ୍ଥଳସେନା, ନୌସେନା ଏବଂ ବାୟୁସେନାରେ ସ୍ୱଳ୍ପକାଳୀନ ନିଯୁକ୍ତ ମହିଳା ଅଫିସରମାନେ ପୂର୍ଣ୍ଣ ପେନ୍‌ସନ ସୁବିଧା ପାଇବାକୁ ହକ୍‌ଦାର ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯଦିଓ ମହିଳା ଅଫିସରମାନଙ୍କୁ ଆବଶ୍ୟକ ସମୟ ପୂର୍ବରୁ ସୈନ୍ୟବାହିନୀରୁ ଅବ୍ୟାହତି ଦିଆଯାଉଛି, ତେବେ ପେନ୍‌ସନ ପାଇଁ ସେମାନେ ସର୍ବନିମ୍ନ ସେବା ଯୋଗ୍ୟତା ୨୦ ବର୍ଷ ପୂରଣ କରିଥିବା ମାନିନିଆଯିବ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଏବଂ ଏନ୍. କୋଟିଶ୍ୱର ସିଂ କହିଛନ୍ତି। ୨୦୧୯ରେ ହୋଇଥିବା ନୀତିଗତ ପରିବର୍ତ୍ତନ ଏବଂ ସଶସ୍ତ୍ର ବଳ ଟ୍ରିବ୍ୟୁନାଲର ପୂର୍ବ ରୁଲିଂ ଆଧାରରେ ମହିଳା ଅଫିସରମାନଙ୍କୁ ସ୍ଥାୟୀ କମିଶନ ଦିଆଯାଉ ନ ଥିବାବେଳେ ଏହାକୁ ୱିଙ୍ଗ୍ କମାଣ୍ଡର ସୁଚେତା ଏଡାନ ଓ ଅନ୍ୟମାନେ ଚ୍ୟାଲେଞ୍ଜ କରିଥିଲେ। ଉକ୍ତ ପିଟିଶନ୍‌ଗୁଡ଼ିକର ଶୁଣାଣି କରି ସିଜେଆଇ କହିଥିଲେ, ମହିଳା ଅଫିସରମାନେ କ୍ୟାରିୟରରେ ଆଗକୁ ବଢ଼ିବା ପାଇଁ ଯୋଗ୍ୟ ନୁହନ୍ତି ବୋଲି ଧରିନିଆଯାଇ ସେମାନଙ୍କ ପାଇଁ ବାର୍ଷିକ ଗୋପନୀୟ ରିପୋର୍ଟ (ଏସିଆର୍)କୁ ପ୍ରାୟତଃ ହାଲୁକା ଭାବେ ଗ୍ରେଡ୍ ଦିଆଯାଉଥିଲା। ସେମାନେ କ୍ୟାରିୟରରେ ଆଗକୁ ବଢ଼ିପାରିବେ ନାହିଁ ଧାରଣା ନେଇ ଏସିଆର୍ ଲେଖାଯାଉଥିଲା, ଯାହା ସେମାନଙ୍କ ମେଧା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିଲା ବୋଲି ସିଜେଆଇ କହିଛନ୍ତି।

## ବାହାହେଲେ ବାଦ୍‌ଶାହ

ମୁମ୍ବାଇ

ବଲିଉଡ୍‌ର ଲୋକପ୍ରିୟ ରାପର ତଥା ଗାୟକ ବାଦ୍‌ଶାହ ପ୍ରଥମ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ରର ୬ ବର୍ଷ ପରେ ପଞ୍ଜାବୀ ଅଭିନେତ୍ରୀ ଇଶା ରିଖିଙ୍କ ହାତ ଧରିଛନ୍ତି।

୩୨ ବର୍ଷୀୟା ଇଶା ୧୯୯୩ରେ ଚଣ୍ଡିଗଡ଼ରେ ଜନ୍ମଗ୍ରହଣ କରିଥିଲେ। ସେ ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିର ଏକ ଜଣାଶୁଣା ଚେହେରା। ସେ ରେମୋ ଡି'ସୌଜାଙ୍କ ଫିଲ୍ମ 'ନବାବଜାଦେ' ଜରିଆରେ ବଲିଉଡ୍‌ରେ ପାଦ ଥାପିଥିଲେ। ପରେ ସେ 'ଜଟା ଦେ ପୁତ' ଏବଂ 'ହ୍ୟାପି ଗୋ ଲକି' ଭଳି ପଞ୍ଜାବୀ ସିନେମାରେ କାମକରି ପ୍ରଶଂସା ସାଉଁଟିଛନ୍ତି। ଇନ୍‌ଷ୍ଟାଗ୍ରାମରେ ତାଙ୍କର ପ୍ରାୟ ୧.୧ ମିଲିୟନ ଫଲୋଅର୍ସ ଅଛନ୍ତି।

ବାଦ୍‌ଶାହ ଏବଂ ଇଶାଙ୍କ ଡେଟିଂକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଥିଲେ ମଧ୍ୟ ସେମାନେ ଏହାକୁ ଗୋପନ ରଖିଥିଲେ। ବର୍ତ୍ତମାନ ଏକ ଛୋଟ ଘରୋଇ ଉତ୍ସବରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଜଣାପଡ଼ିଛି।



ବାଦ୍‌ଶାହ

ଇଶା ରିଖି

# ସ୍ଥିତି ମୁକାବିଲା ପାଇଁ ୭ କ୍ଷମତାସମ୍ପନ୍ନ କମିଟି

### ଅର୍ଥନୀତି ପାଇଁ ଚ୍ୟାଲେଞ୍ଜ ଆଣିଛି ମଧ୍ୟପ୍ରାଚ୍ୟ ଯୁଦ୍ଧ

ନୂଆଦିଲ୍ଲୀ ,୨୪।୩ (ପି.ଟି.)



ନରେନ୍ଦ୍ର ମୋଦି

ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶର ବର୍ଦ୍ଧିତ ଅର୍ଥନୀତି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଯୁଦ୍ଧ ଯୋଗୁ ବୈଶ୍ୱିକ ଭୂ-ରାଜନୀତି କ୍ରମରେ ପରିବର୍ତ୍ତନ ସହ ଅର୍ଥନୀତି ଏବଂ ଯୋଗାଣ ଶୃଙ୍ଖଳ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ଏହି କ୍ରମରେ ବିଦେଶରୁ ତୈଳ, ଗ୍ୟାସ୍ ଏବଂ ସାର ସମେତ ଅନ୍ୟ ସାମଗ୍ରୀ ଆମଦାନୀ ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇଥିବାରୁ ଭାରତୀୟ ଶିଳ୍ପ କ୍ଷେତ୍ର ଅଧିକ ମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି। ତେବେ ଚାହିଦା ଏବଂ ଯୋଗାଣ କ୍ଷେତ୍ରକୁ ସ୍ୱାଭାବିକ ରଖି ଦେଶର ପ୍ରଗତି ଧାରାକୁ ଅତୁଟ ରଖିବାକୁ କେନ୍ଦ୍ର ସରକାର ୭ କ୍ଷମତାସମ୍ପନ୍ନ କମିଟି ଗଠନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାଜ୍ୟ ସଭାରେ କହିଛନ୍ତି। ସେ କହିଛନ୍ତି, ଯୁଦ୍ଧ ଯୋଗୁ ଏବେ ସାରା ବିଶ୍ୱରେ ଉର୍ଜାକୁ ନେଇ ବଡ଼ ସମସ୍ୟା ଦେଖାଯାଇଛି। ତେବେ ଏହି ସମସ୍ୟା ଦୂର କରିବା ଲାଗି ସରକାର ଏକ ବ୍ୟାପକ ଏବଂ ଦୀର୍ଘସୂତ୍ରୀ ରଣନୀତିରେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଚାହିଦା ଅନୁସାରେ ତୈଳ, ଗ୍ୟାସ୍ ଏବଂ ସାର ଉପଲବ୍ଧ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ସମସ୍ତ ଉପଲବ୍ଧ ଉତ୍ସରୁ ଏହିସବୁ ସାମଗ୍ରୀ ଆମଦାନୀ କରିବାକୁ କାର୍ଯ୍ୟ କରାଯାଉଛି। ସାଧାରଣ ଖାଉଟିଙ୍କଠାରୁ ଆରମ୍ଭ କରି ଉଦ୍ୟୋଗ କ୍ଷେତ୍ର ପର୍ଯ୍ୟନ୍ତ ଇନ୍ଧନ ଆବଶ୍ୟକତା ପୂରଣ ଲାଗି ସରକାର ସତର୍କତା ସହ କାର୍ଯ୍ୟ କରିବା ସହ ଯେକୌଣସି ସ୍ଥିତିକୁ ମୁକାବିଲା କରିବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ମୋଦି କହିଛନ୍ତି। ଇନ୍ଧନ ଆମଦାନୀ-ରପ୍ତାନି ଏବଂ ଏହାର ପରିଚାଳନା ପାଇଁ ସରକାର ଗଠନ କରିଥିବା ଏହି ୭ ଗୋଷ୍ଠୀ ବିଭିନ୍ନ ଦିଗରେ ତର୍ଜମା କରି କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। କରୋନା କାଳରେ ଉତ୍ପନ୍ନ ସ୍ଥିତିକୁ ମୁକାବିଲା କରିବା ଭଳି ଏହି ଗୋଷ୍ଠୀ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ତତ୍କାଳ ନିଷ୍ପତ୍ତି ଏବଂ ଆବଶ୍ୟକ ପଦକ୍ଷେପ ନେବେ। ଦେଶବାସୀଙ୍କ ହିତ ଏବଂ ସୁବିଧାକୁ ଅଗ୍ରାଧିକାର ଦିଆଯାଇ ଯୁଦ୍ଧ ସ୍ଥିତିର ପ୍ରଭାବ ସେମାନଙ୍କ ଉପରେ କେତେ କମ୍ ପଡ଼ିବ ତାହାକୁ ନେଇ ଏହି ୭ ଗୋଷ୍ଠୀ କାର୍ଯ୍ୟ କରିବେ ବୋଲି ମୋଦି କହିଛନ୍ତି।

## ମୋଦିଙ୍କ ସହ କଥାହେଲେ ଟ୍ରମ୍ପ୍

ନୂଆଦିଲ୍ଲୀ ,୨୪।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମଙ୍ଗଳବାର ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ବିଶେଷକରି ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଇନ୍ଧନ ପରିବହନ ସମସ୍ୟାର ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ ନେତା ଗୁରୁତ୍ୱ ଦେଇଛନ୍ତି। ହର୍ମୁଜ୍ ସାମୁଦ୍ରିକ ପଥ ଦେଇ ଉପସାଗରୀୟ ଦେଶଗୁଡିକରୁ ଆସୁଥିବା ତୈଳବାହୀ ଜାହାଜ ଉପରେ ଇରାନ୍ ପ୍ରତିବନ୍ଧକ ଲଗାଇଥିବାରୁ ଏବେ ବୈଶ୍ୱିକ ସ୍ତରରେ ଯୋଗାଣ କ୍ଷେତ୍ର ଅଧିକ ପ୍ରଭାବିତ ହେବା ସହ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଉର୍ଜା ଯୋଗାଣ କ୍ଷେତ୍ର ବ୍ୟାହତ ହେବା ଦ୍ୱାରା ଆଗକୁ ଭୟଙ୍କର ସ୍ଥିତି ସୃଷ୍ଟି ହେବ ବୋଲି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିଠାରୁ ଆରମ୍ଭ କରି ପ୍ରତିଷ୍ଠିତ ଅର୍ଥନୀତିଜ୍ଞମାନେ ଆମେରିକାକୁ ସତର୍କ କରାଇ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ପରିହନ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ଟ୍ରମ୍ପ୍ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ଆଣି ଇନ୍ଧନ ଯୋଗାଣ କ୍ଷେତ୍ରକୁ ସ୍ୱାଭାବିକ କରିବାକୁ କହିଛନ୍ତି। ଏହାଛଡ଼ା ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ସବୁ ଦିଗରେ ସହଯୋଗ କରିବାକୁ ଭାରତ ପ୍ରସ୍ତୁତ ରହିଛି ବୋଲି ମୋଦି କହିଛନ୍ତି।


ଜମ୍ମୁ-କଶ୍ମୀରସ୍ଥିତ ପାମ୍ପୋରରେ ସୋରିଷ ବିଲ ଭିତରେ ମେଣ୍ଢା ଶାବକକୁ ଧରି ଯାଉଛନ୍ତି ଜଣେ ଯୁବକ। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ଧର୍ମ ବଦଳାଇଲେ ଏସ୍‌ସି ମାନ୍ୟତା ରଦ୍ଦ

**ହିନ୍ଦୁ, ବୌଦ୍ଧ କିମ୍ବା ଶିଖ୍ ଧର୍ମାବଲମ୍ବୀ କୌଣସି ବ୍ୟକ୍ତି ଅନ୍ୟ ଧର୍ମକୁ ଧର୍ମାନ୍ତରିତ ହେଲେ ସେ ପୂର୍ବରୁ ପାଇଆସୁଥିବା ତଫସିଲଭୁକ୍ତ ଜାତି (ଏସ୍‌ସି) ମାନ୍ୟତା ଏବଂ ତଜ୍ଜନିତ ସୁବିଧା ହରାଇବେ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସ୍‌ସି ବର୍ଗର ଲୋକେ ଧର୍ମ ପରିବର୍ତ୍ତନ କରିବା ମାତ୍ରେ ସେମାନଙ୍କ ସଂରକ୍ଷଣ ସୁବିଧା ରଦ୍ଦ ହେବ ବୋଲି ଆନ୍ଧ୍ରପ୍ରଦେଶ ହାଇକୋର୍ଟ ପୂର୍ବରୁ ଏକ ରାୟ ଦେଇଥିଲେ, ଯାହାକୁ ସର୍ବୋଚ୍ଚ ଅଦାଲତଙ୍କ ୨ ଜଣିଆ ଖଣ୍ଡପୀଠ ବଳବତ୍ତର ରଖିଛନ୍ତି।**



**ନୂଆଦିଲ୍ଲୀ, ୨୪।୩ (ପି.ଟି./ଲାଇଭ୍ ଲ)**

ଆନ୍ଧ୍ର ପ୍ରଦେଶର ଜଣେ ବ୍ୟକ୍ତି ହିନ୍ଦୁଧର୍ମ ଛାଡ଼ି ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପରେ ପାଦ୍ରୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ଆକ୍ରମଣ ଅଭିଯୋଗ ଆଣି ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ନିର୍ଯାତନା ନିବାରଣ ଆଇନ ବଳରେ ଏତଲା ଦେଇଥିଲେ। ସେ ଉକ୍ତ ଆଇନର ଅବତାରଣା କରି ଆଇନଗତ ସୁରକ୍ଷା ଦାବି କରିଥିଲେ। ଅଭିଯୁକ୍ତମାନେ ଏହାକୁ ଆନ୍ଧ୍ର ପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅଭିଯୋଗକାରୀ ଧର୍ମାନ୍ତରିତ ହୋଇ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବା ସହ ପାଦ୍ରୀ ହୋଇଥିବାରୁ ସେ ଉକ୍ତ ଆଇନ ବଳରେ ବୈଧାନିକ ସୁବିଧା ଯୋଗ୍ୟ ନୁହନ୍ତି ବୋଲି ହାଇକୋର୍ଟରେ ଦର୍ଶାଇଥିଲେ। ୨୦୨୫ ଏପ୍ରିଲ ୩୦ରେ ହାଇକୋର୍ଟ ବିଚାରପତି ହରିନାଥ ଏନ୍. ଏହାର ଶୁଣାଣି କରି କହିଥିଲେ, ଜାତି ବ୍ୟବସ୍ଥା ଖ୍ରୀଷ୍ଟଧର୍ମର ପରିପନ୍ଥୀ। ତେଣୁ ଏସ୍‌ସି/ଏସ୍‌ଟି ନିର୍ଯାତନା ନିବାରଣ ଆଇନ, ୧୯୫୦ ବଳରେ ପାଦ୍ରୀଙ୍କୁ ସମସ୍ତ ବୈଧାନିକ ସୁବିଧାରୁ ବାରଣ କରାଯିବ। ଏଥିସହ ପାଦ୍ରୀଙ୍କ ସ୍ପେଶିଆଲ ଲିଭ୍ ପିଟିଶନକୁ ହାଇକୋର୍ଟ ରଦ୍ଦ କରିଦେଇଥିଲେ। ଏହି ରାୟ ବିରୋଧରେ ପାଦ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ ରାୟ ଶୁଣାଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଜଣେ ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରିବା ମାତ୍ରେ ତତ୍କାଳ ଏସ୍‌ସି ବର୍ଗରେ ଥିବାବେଳେ ଯେଉଁସବୁ ସୁବିଧା ପାଉଥିଲେ, ସେଗୁଡ଼ିକରୁ ବଞ୍ଚିତ ହେବେ। ଉକ୍ତ ଆଇନର କ୍ଲଜ୍ ୩ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ଯେ ଧର୍ମ ବଦଳାଇବା ପରେ ଭାରତୀୟ ସମ୍ବିଧାନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବୈଧାନିକ ସୁବିଧା, ସୁରକ୍ଷା କିମ୍ବା ସଂରକ୍ଷଣ ☞ପୃଷ୍ଠା-୪

# ଇରାନ୍ ଯୁଦ୍ଧ ପାଇଁ ପ୍ରତିରକ୍ଷା ସଚିବଙ୍କୁ ଦୋଷ ଦେଲେ ଟ୍ରମ୍ପ୍

**ୱାଶିଂଟନ, ୨୪।୩**

ଇସ୍ରାଏଲ୍ ସହ ମିଶି ଆମେରିକା ଇରାନ ବିରୋଧରେ ଯୁଦ୍ଧ କରିବା ନିଷ୍ପତ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନେଇଥିବାବେଳେ ଏବେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ତାଙ୍କର ଘନିଷ୍ଠ ସମର୍ଥକ ପ୍ରତିରକ୍ଷା ସଚିବ ପେଟ୍ ହେଗ୍‌ସେଥ୍‌ଙ୍କ ଉପରେ ଲଦିଛନ୍ତି। ଇରାନ ବିରୋଧରେ ୨୪ ଦିନ ଯୁଦ୍ଧ ଲଢ଼ିବା ପରେ ସୋମବାର ଟ୍ରମ୍ପ୍ ଏକତରଫା ଭାବେ ୫ ଦିନ ପାଇଁ ଯୁଦ୍ଧବିରତି ଘୋଷଣା କରିଥିଲେ। ମଧ୍ୟପ୍ରାଚ୍ୟ ସ୍ଥିତି ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ଇରାନ୍ ସହ ହୋଇଥିବା ଆଲୋଚନା ଅତ୍ୟନ୍ତ ଫଳପ୍ରଦ ହୋଇଥିବା ଦର୍ଶାଇ ଟ୍ରମ୍ପ୍ ଏହି ନିଷ୍ପତ୍ତି ନେଇଥିବା କହିଥିଲେ। ଟ୍ରମ୍ପ୍‌ଙ୍କ ଏଭଳି ଦାବିକୁ ଇରାନ୍ ସମ୍ପୂର୍ଣ୍ଣ ଅସ୍ୱୀକାର କରିଥିଲା। ଆମେରିକା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ସ୍ତରରେ ଆଲୋଚନା ହୋଇ ନ ଥିବା ଏବଂ କୌଣସି ମଧ୍ୟସ୍ଥଙ୍କ ଜରିଆରେ ମଧ୍ୟ ଆଲୋଚନା ହୋଇନାହିଁ ବୋଲି ତେହରାନ୍ କହିଥିଲା। ଟେନେସିଠାରେ ସୋମବାର ଏକ ବୈଠକରେ ଟ୍ରମ୍ପ୍ କହିଥିଲେ, ତାଙ୍କ ପ୍ରତିରକ୍ଷା ସଚିବ ହେଗ୍‌ସେଥ୍ ପ୍ରଥମ ବ୍ୟକ୍ତି, ଯିଏକି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଚାପ ପକାଇଥିଲେ। ଇରାନ ଆଣବିକ ଅସ୍ତ୍ର ହାସଲ କରୁ ଏହା ହେଗ୍‌ସେଥ୍ ଚାହୁଁ ନ ଥିବା କାରଣରୁ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେଇଥିଲେ ବୋଲି ଟ୍ରମ୍ପ୍ କହିଛନ୍ତି। ☞ପୃଷ୍ଠା-୪


ପେଟ୍ ହେଗ୍‌ସେଥ୍

# ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁ

**ଦେଶରେ ପ୍ରଥମ**

**ନୂଆଦିଲ୍ଲୀ, ୨୪।୩ (ପି.ଟି.)**

ଦୀର୍ଘ ୧୩ ବର୍ଷ ଧରି କୋମାରେ ରହିବା ପରେ ମଙ୍ଗଳବାର ମୃତ୍ୟୁକୁ ଆଦରି ନେଇଛନ୍ତି ଉତ୍ତରପ୍ରଦେଶର ୩୧ ବର୍ଷୀୟ ଯୁବକ ହରିଶ ରାଣା। ସୁପ୍ରିମକୋର୍ଟଙ୍କ ଅନୁମତି କ୍ରମେ ନୂଆଦିଲ୍ଲୀସ୍ଥିତି ଏମ୍ସରେ ସେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଲାଭ କରିଛନ୍ତି। ଦେଶରେ ଏଭଳି ମୃତ୍ୟୁବରଣ କରିବାର ଏହା ହେଉଛି ପ୍ରଥମ ଘଟଣା। ୟୁପି ଗାଜିଆବାଦର ହରିଶ ରାଣା ଜଣେ ଜିମ୍ଂ ଓ ଫୁଟ୍‌ବଲ ଖେଳାଳି ଥିଲେ। ସେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ପଢୁଥିବାବେଳେ ୨୦୧୩ ଅଗଷ୍ଟ ୨୦ରେ ଏକ କୋଠାର ଚତୁର୍ଥ ମହଲାରୁ ତଳକୁ ଖସିପଡ଼ିଥିଲେ। ଏଥିଯୋଗୁ ହରିଶଙ୍କ ମସ୍ତିଷ୍କରେ ଆଘାତ ଲାଗିବାରୁ ସେ କୋମା ଅବସ୍ଥାକୁ ☞ପୃଷ୍ଠା-୪



# ଆଜିଠୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି

**ପୁରୀ, ୨୪।୩ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ, ବୁଧବାରଠାରୁ ରତ୍ନଭଣ୍ଡାର ଗଣତି ଆରମ୍ଭ ହେବ। ଏନେଇ ସରକାରଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ, ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁଭମୁହୂର୍ତ୍ତ ମଧ୍ୟାହ୍ନ ୧୨ଟା ୦୯ରୁ ୧ଟା୪୫ ମଧ୍ୟରେ ଏହି ଗଣତି କାର୍ଯ୍ୟର ଶୁଭାରମ୍ଭ ହେବ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ। ଭିତର ଓ ବାହାର ରତ୍ନଭଣ୍ଡାରରେ ଥିବା ସମସ୍ତ ସୁନା ଅଳଙ୍କାରର ଗଣତି, ଭିଡିଓଗ୍ରାଫି ଓ ୩ଡି ମ୍ୟାପିଂ ହେବ। ୧୯୭୮ ମସିହାର ଗଣତି ତାଲିକା ଅନୁଯାୟୀ ମେଳକ କରାଯିବ। ସମସ୍ତେ ପାରମ୍ପରିକ ବସ୍ତ୍ର ପିନ୍ଧି ରତ୍ନଭଣ୍ଡାରକୁ ପ୍ରବେଶ କରିବେ। ପ୍ରତିଦିନ ଗଣତି ମଣତିର ତଥ୍ୟ କମ୍ପ୍ୟୁଟରରେ ରଖାଯିବ। ଗଣତିମଣତି ଦିନ ଭକ୍ତମାନେ ବାହାର କାଠ ନିକଟରୁ ଦର୍ଶନ କରିବେ। ଏନେଇ ଜିଲାପାଳ ବିଦ୍ୟଜ୍ୟୋତି ପରିଡ଼ା କହିଛନ୍ତି, ପ୍ରଥମେ ଚଳନ୍ତି ରତ୍ନଭଣ୍ଡାରର ଗଣତି ହେବ। ସେଥିପାଇଁ ସମସ୍ତ କାର୍ଯ୍ୟ ଚୂଡ଼ାନ୍ତ ହୋଇଛି। ସମସ୍ତ ନୀତି ନିର୍ଦ୍ଦିଷ୍ଟ ସମୟରେ କରାଯିବ ବୋଲି ଜିଲାପାଳ କହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତ ନିଯୋଗର ସଭାପତି, ସମ୍ପାଦକ, ପରିଚାଳନା କମିଟି ସଦସ୍ୟଙ୍କୁ ଗଣତି ସମ୍ପର୍କରେ ଚିଠି ଲେଖି ଅବଗତ କରାଇଛନ୍ତି। ମୁଖ୍ୟ ପ୍ରଶାସକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍‌ଓପି ଆଧାରରେ ରତ୍ନଭଣ୍ଡାର ଅଳଙ୍କାର ଗଣତି କରାଯିବ। ଏହି ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବା ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଗଣତି ପ୍ରକ୍ରିୟାର ସୁରକ୍ଷା ଦୃଷ୍ଟିରୁ ଭକ୍ତଗଣଙ୍କ ପାଇଁ କେବଳ ବାହାର କାଠ ନିକଟରେ ଦର୍ଶନ ସୁବିଧା ଉପଲବ୍ଧ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସମ୍ପାଦନରେ ସମସ୍ତ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତଗଣଙ୍କ ସହଯୋଗ କାମନା କରୁଛି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।










# ଜଳ ଜୀବନ ମିଶନ ୨.୦ ନେଇ କେନ୍ଦ୍ର-ରାଜ୍ୟ ଏମ୍‌ଓୟୁ

## 'ହର୍ ଘର୍ ଜଲ୍' ଲକ୍ଷ୍ୟ ପୂରଣ ପାଇଁ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ଓଡ଼ିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଆଭାସି ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀରୁ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏବଂ ରାଷ୍ଟ୍ରମନ୍ତ୍ରୀ ବି.ସୋମନ୍ନା ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି। କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ଲାଗି ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ବେଳେ 'ହର୍ ଘର୍ ଜଲ୍' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଜଳ ଜୀବନ ମିଶନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଅପରେଶନ ଏବଂ ମେଣ୍ଟେନାନ୍ସ ପଲିସି ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି, ଆର୍ଥିକ ସ୍ଥିରତା ଓ ଠିକ୍ ରକ୍ଷଣାବେକ୍ଷଣ ଉପରେ ଜୋର୍ ଦିଆଯାଇଛି। ସୁଜଳମ୍ ଭାରତ ପ୍ଲାଟ୍‌ଫର୍ମ ମାଧ୍ୟମରେ ପ୍ରାୟ ୫ ହଜାର ଗ୍ରାମୀଣ ପାଇପ୍ ଜଳ ଯୋଜନାର ଆଇଡି ପ୍ରସ୍ତୁତ କରାଯାଇଛି। ସମସ୍ତ ଯୋଜନାର ବିତ୍ତୀୟ ସମନ୍ୱୟ ସମ୍ପନ୍ନ ହୋଇଛି। ଓଡ଼ିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ବସୁଧା ହେଲ୍‌ପଲାଇନ, ହ୍ୱାଟ୍ସଆପ୍ ସେବା ଓ ଡିଜିଟାଲ ଗ୍ରିଭାନ୍ସ ପ୍ଲାଟ୍‌ଫର୍ମ ମାଧ୍ୟମରେ ସିଟିଜେନ-ସେଣ୍ଟ୍ରିକ୍ ସେବାକୁ ଶକ୍ତିଶାଳୀ କରାଯାଇଛି। ଗ୍ରାମ ସ୍ତରରେ ଭିଲେଜ ୱାଟର ଆଣ୍ଡ ସାନିଟେଶନ କମିଟି(ଭିଡବ୍ଲୁଏସ୍‌ସି) ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି ବୃଦ୍ଧି ପାଇଛି। ୩୦ରୁ ୨୫ ଜିଲାରେ 'ଜଳ ଅର୍ପଣ ଦିବସ' ସଫଳତାର ସହିତ ପାଳନ ହୋଇଛି। ବାକି ସବୁ ଜିଲାରେ ମଧ୍ୟ ଖୁବ୍‌ଶୀଘ୍ର କରାଯିବ। ଏହି ମିଶନ ମହିଳାମାନଙ୍କ ଜୀବନରେ ଏକ ବଡ ପରିବର୍ତ୍ତନ ଆଣିଛି, କାରଣ ବର୍ତ୍ତମାନ ସମୟରେ ସେମାନଙ୍କୁ ପାଣି ଆଣିବା ଲାଗି ଆଉ ଦୂରକୁ ଯିବାକୁ ପଡୁନାହିଁ। ଓଡ଼ିଶାରେ ଜଳ ଶକ୍ତି ଅଭିଯାନ ଏକ ଜନ ଆନ୍ଦୋଳନର ରୂପ ନେଇଛି। ଏହାର ଅନ୍ତର୍ଗତ ୨.୨୧ ଲକ୍ଷ ଜଳ ସଂରକ୍ଷଣ ଓ ବର୍ଷାଜଳ ସଂଗ୍ରହ ଷ୍ଟ୍ରକ୍ଚର, ୪୩ ହଜାରରୁ ଊର୍ଦ୍ଧ୍ୱ ଜଳାଶୟର ପୁନରୁଦ୍ଧାର, ୪୨ ହଜାର ଭୂଗର୍ଭ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ୱାଟରସେଡ୍ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ୨ କୋଟିରୁ ଅଧିକ ଗଛ ରୋପଣ କରାଯାଇଛି ବୋଲି ସେ କହିଛନ୍ତି।


ମୋହନ ଚରଣ ମାଝୀ

କେନ୍ଦ୍ରମନ୍ତ୍ରୀ ସି.ଆର୍. ପାଟିଲ କହିଛନ୍ତି, ୨୦୨୪ରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୬-୨୮ ପର୍ଯ୍ୟନ୍ତ ଜଳ ଜୀବନ ମିଶନ ୨.୦ ମାଧ୍ୟମରେ ସମ୍ପ୍ରସାରିତ କରାଗଲା। ଏହି ମିଶନ ମହିଳାଙ୍କ ଜୀବନରେ ସୁଧାର ଆଣିବ। ଓଡ଼ିଶାରେ ଯେଉଁଠାରେ ପାଣିର ଅଭାବ ରହିଛି ସେଠାରେ ଜଳର ଉପଲବ୍ଧତାକୁ ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଶା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗ ସଚିବ ଅଶୋକ ମୀନା, ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସକ ସଚିବ ସଞ୍ଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଗିରିଶ ଏସ୍.ଏନ୍.ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦ୍ୱିତୀୟ ପର୍ଯ୍ୟାୟରେ ଆସିଲା ୧୫ ରଥକାଠ

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୧୬ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଘୋଷଯାତ୍ରା ନିମନ୍ତେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ରଥ ସଂହିତା ଅନୁଯାୟୀ, ପବିତ୍ର ଅକ୍ଷୟତୃତୀୟା ତିଥିରୁ ରାଜନହର ସମ୍ମୁଖସ୍ଥ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ରଥ ନିର୍ମାଣ ପୂର୍ବରୁ ଶ୍ରୀପଞ୍ଚମୀ ବା ସରସ୍ୱତୀ ପୂଜା ଦିନ ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ରଥ ନିର୍ମାଣ ନିମନ୍ତେ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ମଙ୍ଗଳବାର ପୁରୀରେ ପହଞ୍ଚିଛି। ଗୋଟିଏ ଟ୍ରକ୍ ଯୋଗେ ୧୫ ଖଣ୍ଡ ରଥକାଠ ଭଞ୍ଜନଗର ବନଖଣ୍ଡରୁ ଆସି ପୁରୀରେ ପହଞ୍ଚିଛି।

# ବୈଷ୍ଣୋଦେବୀଙ୍କୁ ଦର୍ଶନ କଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ନୂଆପଡ଼ା, ୨୪।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନାସ୍ଥିତ ବୈଷ୍ଣୋ ଦେବୀ ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା ଚାଲିଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ଣ ୧୧ଟାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସପରିବାର ପହଞ୍ଚି ବୈଷ୍ଣୋଦେବୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରିଛନ୍ତି। ସେ ରାଇପୁରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସିଧାସଳଖ କୋମନା ଆସି କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ ଉପସ୍ଥିତ ନୂଆପଡ଼ା ଜିଲାର ଭାଜପା କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ସାଏ ସପରିବାର ବୈଷ୍ଣୋଦେବୀ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ଛତିଶଗଡ଼ ଏବଂ ଓଡ଼ିଶା ତଥା ସମଗ୍ର ଭାରତବାସୀଙ୍କ ସୁଖ ସମୃଦ୍ଧି କାମନା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହ ରାୟପୁର (ଉତ୍ତର)ର ବିଧାୟକ ପୁରନ୍ଦର ମିଶ୍ର, କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ନୂଆପଡ଼ା ଜିଲା ଭାଜପା ସଭାପତି କମଳେଶ ଦୀକ୍ଷିତ, ଜିଲା ଭାଜପା ସାଧାରଣ ସମ୍ପାଦକ ଅଭିନନ୍ଦନ ପଣ୍ଡା, ବିଶିଷ୍ଟ ଭାଜପା ନେତା ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠାତା ତଥା ପୂଜକ ସଦନ ତିୱାରୀଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସାଏଙ୍କ ଗସ୍ତ ଅବସରରେ ଉଭୟ ଛତିଶଗଡ଼ ଓ ସ୍ଥାନୀୟ ପୋଲିସ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂଜାର୍ଚ୍ଚନା ପରେ ମୁଖ୍ୟମନ୍ତ୍ରୀ ସାଏ ରାଇପୁର ଫେରିଯାଇଥିଲେ।


ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ସ୍ୱାଗତ କରାଯାଉଛି।

# ୫,୯୮୯ ନର୍ସିଂ ଅଫିସର, ୨୪୦ ରେଡିଓଗ୍ରାଫର ପଦବୀକୁ ଅନୁମୋଦନ

ଭୁବନେଶ୍ୱର, ୨୪।୩ (ବନ୍ଦନା ସେଠୀ)

ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ୫୯୮୯ ନର୍ସିଂ ଅଫିସର ଏବଂ ୨୪୦ ରେଡିଓଗ୍ରାଫରଙ୍କ ପଦବୀକୁ ଅନୁମୋଦନ ଦେଇଛନ୍ତି। ଏହି ନିଯୁକ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକରେ ମାନବ ସମ୍ପଦର ଅଭାବ କମିବା ସହିତ ରୋଗୀମାନଙ୍କୁ ଉନ୍ନତ ଏବଂ ସମୟୋପଯୋଗୀ ସେବା ଯୋଗାଇ ଦିଆଯାଇପାରିବ ବୋଲି ସୂଚନା ଦିଆଯାଇଛି।

# ଏପ୍ରିଲ ୬ରୁ ସକାଳୁଆ କୋର୍ଟ

କଟକ,୨୪।୩(କୁମାରଶ୍ରୀ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ୬ରୁ ରାଜ୍ୟର ସମସ୍ତ ଜିଲା ଓ ଅଧୀନସ୍ଥ ଅଦାଲତ ସକାଳୁଆ ହେବ। ମଙ୍ଗଳବାର ଏ ନେଇ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। କୋର୍ଟ କାର୍ଯ୍ୟ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ଏହା ସହିତ ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଅଧ ଘଣ୍ଟିଆ ବିରତି ସମୟ ଧାର୍ଯ୍ୟ ହୋଇଛି। ପ୍ରତିଦିନ ଅଦାଲତ ସକାଳ ୭ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ। ତେବେ ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ (ସଦର) ଓ ପୁରୀ (ସଦର) ଅଞ୍ଚଳରେ ସକାଳୁଆ କୋର୍ଟ ଚାଲିବା ବ୍ୟବସ୍ଥା ଲାଗୁ ହେବ ନାହିଁ ବୋଲି ସୂଚନା ମିଳିଛି। ସକାଳୁଆ କୋର୍ଟ ସମୟ ସୂଚୀ ଗ୍ରୀଷ୍ମ ଅବକାଶର ଶେଷ କାର୍ଯ୍ୟ ଦିନ ପର୍ଯ୍ୟନ୍ତ ଜାରି ରହିବ। ଆଇନଜୀବୀ ଓ ମକଦ୍ଦମାକାରୀମାନେ ନୂତନ ସମୟ ସୂଚୀକୁ ଲକ୍ଷ୍ୟ ରଖି ନିଜ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ଅଦାଲତ ପକ୍ଷରୁ ଅନୁରୋଧ କରାଯାଇଛି।

ଠିକାଦାର ଆବଶ୍ୟକ
ହାଇଦ୍ରାବାଦ ଓ ବିଶାଖାପାଟଣା ଆଧାରିତ ଏକ ଅଗ୍ରଣୀ ଫାର୍ମା କମ୍ପାନୀ ଠିକାରେ କର୍ମଚାରୀ ଯୋଗାଣ କରୁଥିବା ଠିକାଦାର ଆବଶ୍ୟକ କରୁଛି
ଆଗ୍ରହୀ ଠିକାଦାରମାନେ ଯୋଗାଯୋଗ କରିପାରିବେ:
91001 05908

5001/12/2526
NATION TAX MARKET
ଦ୍ରବ୍ୟ ଓ ସେବାକର ଅପିଲ୍ ପ୍ରାଧିକରଣ
(GSTAT)
⚠ କରଦାତା ଦୟାକରି ଧ୍ୟାନ ଦିଅନ୍ତୁ ⚠
- ୩୧.୦୩.୨୦୨୬ ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରଥମ ଅପିଲ୍ ଆଦେଶ ବିରୁଦ୍ଧରେ ଦ୍ୱିତୀୟ ଅପିଲ୍ ଦାଖଲ କରିବାର ଶେଷ ତାରିଖ ହେଉଛି ୩୦.୦୬.୨୦୨୬।
- ମାନ୍ୟବର ଦ୍ରବ୍ୟ ଏବଂ ସେବା କର ଅପିଲ ପ୍ରାଧିକରଣ (GSTAT) ରେ ଦ୍ୱିତୀୟ ଅପିଲ୍ ଦାଖଲ କରିବାକୁ ଇଚ୍ଛୁକ କରଦାତାମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ଯଥାଶୀଘ୍ର 10% ବାଧ୍ୟତାମୂଳକ ପୂର୍ବ-ଜମାରାଶି (pre-deposit) ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅପିଲ୍ ଦାଖଲ କରନ୍ତୁ।
ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ। ନିର୍ଣ୍ଣାୟକ ଭାବରେ ଫାଇଲ୍ କରନ୍ତୁ। ବୁଦ୍ଧିମତ୍ତାର ସହ ଅପିଲ ଦାଖଲ କରନ୍ତୁ।
* ଉପରୋକ୍ତ ସୂଚନା ସାଧାରଣ ମାର୍ଗଦର୍ଶନ ପାଇଁ। ସବିଶେଷ ବିବରଣୀ ପାଇଁ ଦୟାକରି CGST/OGST ଆଇନର ଧାରା 112 ଏବଂ ଓଡିଶା ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା 7332 ତାରିଖ 19.03.2026 ଏବଂ CBIC ସର୍କୁଲାର ନମ୍ବର 224/18/2024 - GST ତାରିଖ 11 ଜୁଲାଇ, 2024 ଦେଖନ୍ତୁ।
ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର କମିଶନରେଟ୍, ଓଡିଶା।
@Banijyakar
OIPR-5001/5034/2/25-26/0002

ଷାଠିଏ ବର୍ଷ ବୟସ ପରେ ବାର୍ଦ୍ଧକ୍ୟକାଳୀନ ଆୟର ସୁରକ୍ଷା ଏବଂ ଗରିମା ପାଇଁ
ଅଟଳ ପେନ୍‌ସନ ଯୋଜନାରେ ୮.୮୫ କୋଟି ଉପଭୋକ୍ତା ପଞ୍ଜୀକୃତ



"ସମସ୍ତ ଭାରତୀୟ ନାଗରିକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇ ସେମାନଙ୍କୁ ଗରିମାମୟ ଏବଂ ସୁଖରେ ପରିପୂର୍ଣ୍ଣ ଜୀବନଯାପନରେ ସକ୍ଷମ କରିବା ଆମ ସରକାରଙ୍କ ଲକ୍ଷ୍ୟ।"
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଆଜି ହିଁ ଯୋଗ ଦିଅନ୍ତୁ ଏବଂ ଅନ୍ୟ ଦୁଇଟି ଲାଭ ସମେତ ଗ୍ୟାରେଣ୍ଟି ସହିତ ଆଜୀବନ ପେନ୍‌ସନ ପାଆନ୍ତୁ:-
1 ଆଜୀବନ ₹୧୦୦୦/- କିମ୍ବା ₹୨୦୦୦/- କିମ୍ବା ₹୩୦୦୦/- କିମ୍ବା ₹୪୦୦୦/- କିମ୍ବା ₹୫୦୦୦/- ପେନ୍‌ସନର ଗ୍ୟାରେଣ୍ଟି
2 ଉପଭୋକ୍ତାଙ୍କ ମୃତ୍ୟୁ ପରେ ତାଙ୍କର ସ୍ତ୍ରୀ/ସ୍ୱାମୀଙ୍କୁ ଆଜୀବନ ସମାନ ପେନ୍‌ସନ
3 ସ୍ୱାମୀ/ସ୍ତ୍ରୀଙ୍କ ମୃତ୍ୟୁ ପରେ ୬୦ ବର୍ଷ ପର୍ଯ୍ୟନ୍ତ ଜମା ହୋଇଥିବା ପାଣ୍ଠି ନୋମିନିଙ୍କୁ ଫେରସ୍ତ କରିଦିଆଯିବ
ଯଦି ଆପଣଙ୍କର ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ, ତେବେ ଆପଣ **ଅଟଳ ପେନ୍‌ସନ ଯୋଜନା**ରେ ଯୋଗ ଦେଇପାରିବେ

| ଆଜି ହିଁ ଯୋଗ ଦିଅନ୍ତୁ, କମ୍ ପୈଠ କରନ୍ତୁ | ବୟସ | ପେନ୍‌ସନ ସ୍ଲାବ୍ (₹) | ପୈଠଯୋଗ୍ୟ ରାଶି (₹) | ପେନ୍‌ସନ ସ୍ଲାବ୍ (₹) | ପୈଠଯୋଗ୍ୟ ରାଶି (₹) |
|---|---|---|---|---|---|
| | ୧୮ | ୧୦୦୦ | ୪୨ ପ୍ରତି ମାସ | ୫୦୦୦ | ୨୧୦ ପ୍ରତି ମାସ |
| | ୪୦ | ୧୦୦୦ | ୨୯୧ ପ୍ରତି ମାସ | ୫୦୦୦ | ୧୪୫୪ ପ୍ରତି ମାସ |

ଏପିୱାଇ ଉପରେ ଅଧିକ ସୂଚନା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆପଣଙ୍କ ନିକଟତମ ଡାକଘର/ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ କିମ୍ବା ୧୮୦୦ ୧୧୦ ୦୬୯କୁ କଲ୍ କରନ୍ତୁ କିମ୍ବା www.pfrda.org.in ପରିଦର୍ଶନ କରନ୍ତୁ
CBC 15113/13/0004/2526

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ । ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ । -ଶ୍ରୀଅରବିନ୍ଦ

-ବାସନ୍ତିକ ଦୁର୍ଗାଦେବ୍ୟାଃ
ମହାଷ୍ଟମୀ ପୂଜା ଓ ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥ ପ୍ରତିଷ୍ଠା



# ଲକ୍ଷ୍ୟହୀନ ଯୁଦ୍ଧ

ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ୨୩ ମାର୍ଚ୍ଚରେ ଭିନ୍ନ ମୋଡ଼ରେ ପହଞ୍ଚିଥିଲା । ଏହିଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌ର ପାୱାରପ୍ଲାଣ୍ଟ ଉପରେ ୫ ଦିନ ପାଇଁ ଅର୍ଥାତ୍ ୨୭ ମାର୍ଚ୍ଚ ଯାଏ ଆକ୍ରମଣକୁ ସ୍ଥଗିତ ରଖାଗଲା ବୋଲି ଘୋଷଣା କରିଥିଲେ । ମୂଳ ଲକ୍ଷ୍ୟ ହେଲା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲା ରଖାଯିବ, ଯଦ୍ୱାରା ବିଶ୍ୱ ଶକ୍ତିକ୍ଷେତ୍ର ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ । ଟ୍ରମ୍ପ ଏଥିସହିତ ଆହୁରି ମଧ୍ୟ କହିଛନ୍ତି, ହର୍ମୁଜ୍ ଜଳପଥ ଖୋଲିଲେ ଇରାନ୍‌ର ଆୟାତୋଲ୍ଲାଙ୍କ ସହିତ ଟ୍ରମ୍ପ ନିଜେ ତାହାର ମିଳିତ ଦାୟିତ୍ୱ ନେବେ । କୌତୂହଳର ବିଷୟ ହେଉଛି ୨୮ ଫେବୃଆରୀ ପୂର୍ବରୁ ଅର୍ଥାତ୍ ଯୁଦ୍ଧ ଆରମ୍ଭ ପୂର୍ବରୁ ହର୍ମୁଜ୍ ଜଳପଥ ଖୋଲା ଥିଲା ଓ ସେଥିରେ କେହି ବାଧା ସୃଷ୍ଟି କରି ନ ଥିଲେ । ତେଣୁ ଟ୍ରମ୍ପଙ୍କ ଦାବି ଯଥାର୍ଥ ମନେ ହେଉନାହିଁ । ହର୍ମୁଜ୍ ଖୋଲିବା ଯୁଦ୍ଧର ଲକ୍ଷ୍ୟ ହୋଇ ନ ପାରେ । ସମ୍ଭବତଃ ଆମେରିକା ଏହି ଯୁଦ୍ଧରେ ଅଗ୍ରସର ହେବା ପୂର୍ବରୁ ନିଜର କୌଣସି ବୁଦ୍ଧି ବିବେକ ଖଟାଇ ନ ଥିଲା । ଏବେ, ଖାପ୍‌ଚରେ ପଡ଼ିଗଲା ପରେ ରାଷ୍ଟ୍ରପତି ଟ୍ରମ୍ପ ବୋଧହୁଏ ପୁନର୍ବିଚାର କଲେଣି । ଅପରପକ୍ଷରେ ଇରାନ୍ ତା'ର ଦାବିରେ ଅଟଳ ରହିଛି । ଇରାନ୍ କୌଣସି ଆଲୋଚନା ଆମେରିକା ସହ କରି ନ ଥିବା ପ୍ରକାଶ କରିଛି । ତତ୍‌ସହିତ ଇରାନ୍ ୬ଟି ସର୍ତ୍ତ ନିଜଆଡୁ ଦେଇଛି । ସେଗୁଡ଼ିକ ହେଲା–ପ୍ରଥମରେ ପୁନର୍ବାର ଯୁଦ୍ଧ ନ ହେବା ନେଇ ସୁନିଶ୍ଚିତ କରାଯିବା, ଦ୍ୱିତୀୟରେ ଉପସାଗରୀୟ ଅଞ୍ଚଳରେ ଆମେରିକୀୟ ସାମରିକ ଘାଟି ବନ୍ଦ କରିବା, ତୃତୀୟରେ ଯୁଦ୍ଧ ଯୋଗୁ ହୋଇଥିବା କ୍ଷତିକୁ ଆକ୍ରମଣକାରୀ ଭରଣା କରିବ, ଚତୁର୍ଥରେ ଆଞ୍ଚଳିକ ସ୍ତରରେ ଚାଲିଥିବା ସମସ୍ତ ଯୁଦ୍ଧ ବନ୍ଦ ଲାଗି ଆହ୍ୱାନ, ପଞ୍ଚମରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ପରିଚାଳନା ଲାଗି ଏକ ନୂଆ ଆଇନଗତ ବ୍ୟବସ୍ଥା ପ୍ରତିଷ୍ଠା, ଯାହା ଉପରେ ଇରାନ୍‌ର ରଣନୀତିକ ପ୍ରଭାବ ରହିବ ଏବଂ ଷଷ୍ଠରେ ଯେଉଁ ଗଣମାଧ୍ୟମ ଇରାନ୍ ବିରୋଧରେ ଶତ୍ରୁତାପୂର୍ଣ୍ଣ ଆଚରଣ କରି ଖବର ପ୍ରସାରଣ କରୁଥିଲେ ସେମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରାଯାଉ । ଏଥିରୁ ବୁଝିବାକୁ ହେବ ଯେ, ଇସ୍ରାଏଲ ସହିତ ମିଶିକରି ଆମେରିକା ଆରମ୍ଭ କରିଥିବା ଯୁଦ୍ଧରେ ପରାଜୟ ସ୍ୱୀକାର କରିଗଲାଣି । ଜିତାପଟ ମାରିଥିବା ଇରାନ୍ ଏବେ ଦାବିରେ ଅଟଳ ରହିବା ସ୍ଥିତିକୁ ଆସିଗଲାଣି । ଏହା ଆମେରିକାର ବିଶ୍ୱ ଭାବମୂର୍ତ୍ତିରେ ଏକ ବଡ଼ ଧକ୍କା ବୋଲି କହିହେବ । କାରଣ ଯୁଦ୍ଧ ପାଇଁ ଆମେରିକାର ଯୁଦ୍ଧସଚିବ ପିଟ୍ ହେଗ୍‌ସେଥ୍ ଦାୟୀ ବୋଲି ଟ୍ରମ୍ପ ନିଜେ କହିବାକୁ ଆରମ୍ଭ କଲେଣି । ପରାଜୟ କିମ୍ବା ବିଫଳତା ବେଳେ ଅନ୍ୟମାନଙ୍କୁ ଏବଂ ଇତିହାସକୁ ଦୋଷ ଦେଇ ନିଜେ ଖସିଯିବା ହୋଇଛି ଏକବିଂଶ ଶତାବ୍ଦୀର ନେତାମାନଙ୍କ ଚରିତ୍ର । ଯେତେବେଳେ ସଫଳତା ମିଳୁଛି ସେତେବେଳେ ନିଜେ ବାହାବା ନେବାକୁ ସବୁ ନେତା ଧାଇଁ ଆସୁଛନ୍ତି । ଏଭଳି ଚିତ୍ର ବିଶ୍ୱର ଅନେକ ଦେଶରେ ଦେଖିବାକୁ ମିଳୁଛି ।

ପରାଜୟ କିମ୍ବା ବିଫଳତା ବେଳେ ଅନ୍ୟମାନଙ୍କୁ ଏବଂ ଇତିହାସକୁ ଦୋଷ ଦେଇ ନିଜେ ଖସିଯିବା ହୋଇଛି ଏକବିଂଶ ଶତାବ୍ଦୀର ନେତାମାନଙ୍କ ଚରିତ୍ର । ଯେତେବେଳେ ସଫଳତା ମିଳୁଛି ସେତେବେଳେ ନିଜେ ବାହାବା ନେବାକୁ ସବୁ ନେତା ଧାଇଁ ଆସୁଛନ୍ତି । ଏଭଳି ଚିତ୍ର ବିଶ୍ୱର ଅନେକ ଦେଶରେ ଦେଖିବାକୁ ମିଳୁଛି ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଶେଷ ହେଲା ବୋଲି କହିବା ଏବେ ସମ୍ଭବପର ନୁହେଁ । କିନ୍ତୁ ଏହି ସମୟରେ ପାକିସ୍ତାନର ମଧ୍ୟସ୍ଥ ଭୂମିକା ସମ୍ପର୍କରେ ଯାହା ଆଲୋଚନା ହେଉଛି ତାହା ସେହି ଦେଶକୁ ଅନ୍ତର୍ଜାତୀୟ ସ୍ତରରେ ଏକ ବିରାଟକାୟ ଗୁରୁତ୍ୱ ପ୍ରଦାନ କରୁଛି । ପାକିସ୍ତାନ ତୁଳନାରେ ଭାରତ ସହ ଇରାନ୍‌ର ସକାରାତ୍ମକ ସମ୍ପର୍କ ଥିଲା । ଅବଶ୍ୟ କଶ୍ମୀର ବିଷୟରେ ଆଲୋଚନା ସମୟରେ ଇରାନ୍ କେବେହେଲେ ଭାରତକୁ ସମର୍ଥନ କରି ନ ଥିଲା । କିନ୍ତୁ ପୃଥିବୀର ଏକମାତ୍ର ଶିୟା ମୁସଲମାନ ଦେଶ ଭାବେ ଇରାନ୍ ତରଫରୁ ଭାରତକୁ ଅନେକ ତୈଳଜନିତ ବ୍ୟବସାୟିକ ସୁବିଧା ମିଳିଆସୁଥିଲା । ଯୁଦ୍ଧର ଆରମ୍ଭ ବେଳେ ଭାରତର ଇସ୍ରାଏଲ୍ ସହ ବନ୍ଧୁତ୍ୱ ଗଢ଼ିଉଠିବା ଆଜି ଭାରତ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଆଜିର ପୃଥିବୀରେ ଯଦି କେହି ଭାବୁଥାଆନ୍ତି ଯେ ଭାରତ ଏକ ଶାନ୍ତିପ୍ରିୟ ଦେଶ ଏବଂ ଶାନ୍ତିରେ ରହିବାକୁ ହେଲେ କାହାରି ସହିତ ଜଡ଼ିତ ହେବ ନାହିଁ, ତେବେ ସେହି ଚିନ୍ତାଧାରା ପ୍ରଥମେ ଇସ୍ରାଏଲ୍ ସହିତ ବନ୍ଧୁତ୍ୱ ସୁଦୃଢ଼ କରିବା ପୂର୍ବରୁ ଭାବିବା ଉଚିତ ଥିଲା । ଭାରତୀୟମାନେ ବୁଝିବା ଦରକାର ଯେ ଏହି ଦେଶର ବୈଦେଶିକ ନୀତି କୌଣସି ଦିଗରୁ ନିରପେକ୍ଷ ରହିଲା ନାହିଁ । ତେଣୁ ଆଜିର ମଧ୍ୟପ୍ରାଚ୍ୟ ପରିସ୍ଥିତିରେ ଭାରତର ଭୂମିକା ସମ୍ପୂର୍ଣ୍ଣ ଭାବେ ଗୌଣ କିମ୍ବା କିଛି ନାହିଁ ବୋଲି କହିହେବ । ଏଭଳି ପରିସ୍ଥିତିରେ ଭାରତ ପଡ଼ିବା ପାଇଁ ଖୋଦ୍ ଭାରତର ଏବକାର ନୀତି ନିର୍ଣ୍ଣୟକାରୀ ବ୍ୟବସ୍ଥା ଦାୟୀ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 2 | | | | |
| | | 2 | 3 | | | 4 | | |
| | 4 | | | 9 | | | | 5 |
| | 7 | 3 | | | | 8 | | |
| 2 | 5 | | | | | | | |
| | | | 1 | | 9 | | | 7 |
| | | 1 | | | | | 3 | |
| | | | | 6 | | | | 2 |
| 3 | | 7 | 8 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 7 | 5 | 4 | 3 | 8 | 2 | 9 |
| 3 | 4 | 8 | 6 | 9 | 2 | 5 | 1 | 7 |
| 5 | 9 | 2 | 7 | 8 | 1 | 6 | 4 | 3 |
| 6 | 3 | 9 | 2 | 1 | 5 | 7 | 8 | 4 |
| 4 | 8 | 5 | 9 | 3 | 7 | 2 | 6 | 1 |
| 2 | 7 | 1 | 8 | 6 | 4 | 3 | 9 | 5 |
| 7 | 1 | 3 | 4 | 2 | 6 | 9 | 5 | 8 |
| 8 | 5 | 6 | 1 | 7 | 9 | 4 | 3 | 2 |
| 9 | 2 | 4 | 3 | 5 | 8 | 1 | 7 | 6 |

ଗତକାଲିର ଉତ୍ତର

# କୃଷି ରପ୍ତାନିର ନୂତନ ଆଶା



ବିଦ୍ୟାଧର ମହାରଣା

ରାଜ୍ୟର କୃଷିବିକାଶ ଓ କୃଷକମାନଙ୍କ ଆୟବୃଦ୍ଧି ପାଇଁ କୃଷି-ରପ୍ତାନି ଏକ ପ୍ରମୁଖ ମାର୍ଗ । କୃଷି–ରପ୍ତାନି ପାଇଁ ପାରମ୍ପରିକ ଜୈବିକ କୃଷି ଓ ଅତ୍ୟାଧୁନିକ କୃଷି ଅଧିକ ସୁଯୋଗ ସୃଷ୍ଟିକରେ । ହାଇଟେକ ବା ଅତ୍ୟାଧୁନିକ କୃଷିରେ ସୁରକ୍ଷିତ ଚାଷ ( ପଲି ହାଉସ, ଗ୍ରୀନ ହାଉସ), ପରିଶୁଦ୍ଧ କୃଷି (ସେନ୍‌ସର, ଜିପିଏସ, ଜିଆଇଏସ), ମୃତ୍ତିକା ବିହୀନ ଚାଷ ( ହାଇଡ୍ରୋପନିକ, ଏରୋପୋନିକ), ଅଣୁ ଜଳସେଚନ, ଭର୍ଟିକାଲ ଫାର୍ମିଂ ଓ ଟିସୁ କଲ୍‌ଚର ଅନ୍ତର୍ଗତ । ଏପରି କୃଷିର ଉଦ୍ଦେଶ୍ୟ ହେଲା ଅତ୍ୟାଧୁନିକ କୌଶଳ ବ୍ୟବହାର କରି ସୀମିତ ଜାଗାରେ ମୂଲ୍ୟବାନ ଫସଲ ଚାଷ ଓ ଅଧିକ ଲାଭ ହାସଲ । ଉଦ୍ୟାନ ବିଭାଗ ତରଫରୁ ଜାତୀୟ ଉଦ୍ୟାନ ବୋର୍ଡ, ସମନ୍ୱିତ ଉଦ୍ୟାନ ବିକାଶ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପିଏମ୍ କୁସୁମ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସହାୟତା ଚାଷୀଙ୍କୁ ଯୋଗାଇ ଦିଆଯାଉଛି । ଏହି ସହାୟତା ବଳରେ ଓଡ଼ିଶାରେ ଟିସୁ କଲ୍‌ଚର କଦଳୀ, ଷ୍ଟ୍ରବେରି , ଡ୍ରାଗନଫ୍ରୁଟ, ଅର୍କିଡ ଫୁଲ ଓ କଶ୍ମୀର କେଶର ଚାଷ ଆରମ୍ଭ ହୋଇଗଲାଣି । ଏହାଦ୍ୱାରା ବହୁ ଉଚ୍ଚଶିକ୍ଷିତ ଯୁବତୀ ଯୁବକ ଏପରି ଚାଷପାଇଁ ଆଗ୍ରହ ପ୍ରକାଶ କଲେଣି ।

ଷ୍ଟ୍ରବେରି ଏକ ଉଚ୍ଚ ମୂଲ୍ୟଯୁକ୍ତ ଫଳ । ଏଥିରେ ପ୍ରଚୁର ଭିଟାମିନ ସି, ଆଣ୍ଟିଅକ୍ସିଡାଣ୍ଟ ଓ ତନ୍ତୁ ଥାଏ ; ଯାହା କି ହୃଦ୍‌ରୋଗ, ଖାଦ୍ୟ ହଜମ ଓ ଚର୍ମସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ । ଏହି ଫଳ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟିକରେ । ଏହି ଫଳକୁ ସାଲାଡ୍, ଡେଜର୍ଟ ଓ ଜାମ ପାଇଁ ବ୍ୟବହାର କରାଯାଏ । ଫଳର ମୂଲ୍ୟ କିଲୋଗ୍ରାମ ପ୍ରତି ୨୦୦–୩୦୦ ଟଙ୍କା । ଓଡ଼ିଶାରେ କୋରାପୁଟ, କନ୍ଧମାଳ, ବରଗଡ଼, କେନ୍ଦୁଝର, ବଲାଙ୍ଗୀର, ନୟାଗଡ଼, ଖୋର୍ଦ୍ଧା ଓ ନୂଆପଡ଼ା ଜିଲାରେ ପ୍ରାୟ ୧୦୦ ହେକ୍ଟର ଜମିରେ ଏହି ଚାଷ ହୋଇ ସାରିଲାଣି । କୋରାପୁଟ ଜିଲାର କାଓହୁଡା ଓ ବରଗଡ ଜିଲାର ରୁଗୁ ଗ୍ରାମରେ ଚାଷୀମାନେ ଏହି ଚାଷକରି ଅଧିକ ସଫଳତା ପାଇଛନ୍ତି । ବେଗୁନିଆ ଖଡିପଦର ଗ୍ରାମରେ ମଧ୍ୟ ଷ୍ଟ୍ରବେରି ଚାଷ ହେଲାଣି । ହେକ୍ଟର ପ୍ରତି ୮ ଲକ୍ଷ ଚାରା ଆବଶ୍ୟକ ହୁଏ । ମାତ୍ର ୩–୪ ମାସରେ ଫସଲ ଅମଳ ହୋଇଥାଏ । ଏକର ପ୍ରତି ପ୍ରାୟ ପାଞ୍ଚ କୁଇଣ୍ଟାଲ ଅମଳ ହୋଇଥାଏ, ଯାହାର ମୂଲ୍ୟ ୧୦–୧୫ ଲକ୍ଷ ଟଙ୍କା । ସମସ୍ତ ଚାଷ ଖର୍ଚ୍ଚ ବାଦ୍‌ଦେଲେ ଏକର ପ୍ରତି ଲାଭ ୩–୪ ଲକ୍ଷ ହୋଇଥାଏ । ରାଜ୍ୟ ଉଦ୍ୟାନ ବିଭାଗ ଏହି ଚାଷପାଇଁ ହେକ୍ଟର ପ୍ରତି ୧୨.୨୭ ଲକ୍ଷ ଟଙ୍କା ସହାୟତା ଦେଉଛନ୍ତି ; ଯାହାଦ୍ୱାରା ଉନ୍ନତ ଚାରା ଓ ସୌରଶକ୍ତି ଚାଳିତ ପମ୍ପ ଓ ବୁନ୍ଦା ଜଳସେଚନ ଯୋଗାଇ ଦିଆଯାଏ । ଏହି ଫଳ ସହରଗୁଡ଼ିକରେ ବିକ୍ରୟହେବା ସହିତ ବାହାର ରାଜ୍ୟକୁ ପଠାଯାଏ ; ଯାହା କି ଓର୍‌ମାସ ସହାୟତାରେ ହୋଇଥାଏ । ଆଜିପର୍ଯ୍ୟନ୍ତ ଷ୍ଟ୍ରବେରି ଚାଷର ଅଗ୍ରଗତି ଉତ୍ସାହଜନକ ବୋଲି ବିଚାରିବାକୁ ହେବ ।



ଆଉ ଗୋଟିଏ ଦାମିକା ମସଲା ଓ ଉଚ୍ଚ ମୂଲ୍ୟଯୁକ୍ତ ଫସଲ ହେଉଛି ସାଫ୍ରନ ବା କେଶର । କେଶରରେ ପ୍ରଚୁର ପରିଣାମରେ ଆଣ୍ଟିଅକ୍ସିଡାଣ୍ଟ ଓ ଔଷଧୀୟ ଗୁଣ ସହିତ ସୁଗନ୍ଧି ରହିଛି । ଏହାକୁ ବ୍ଲଡ଼ ପ୍ରେସର୍, ମାନସିକ ଚାପ, ଓଜନ ହ୍ରାସ ଏବଂ କୋଲେଷ୍ଟରଲ ହ୍ରାସ ପାଇଁ ବ୍ୟବହାର କରାଯାଏ । ଖାଦ୍ୟ ପ୍ରସ୍ତୁତି ବେଳେ ଓ କେତେକ ରଙ୍ଗିନ ବସ୍ତ୍ର ପ୍ରସ୍ତୁତିରେ ଏହାର ବ୍ୟବହାର ହୋଇଥାଏ । ବିଶ୍ୱରେ ଇରାନ ୯୦% କେଶର ଅନ୍ୟ ଦେଶକୁ ରପ୍ତାନି କରେ । ଜମ୍ମୁ ଓ କଶ୍ମୀରରେ କେଶର ଚାଷ ବହୁଦିନ ହେଲା ହେଉଥିଲେ ମଧ୍ୟ ଏହାର ଉତ୍ପାଦନ ୨୦–୨୫ ଟନରୁ ଊର୍ଦ୍ଧ୍ୱ । ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ୨–୩ ଟନ୍‌କୁ କମି ଯାଉଛି । ଭାରତରେ ଅନ୍ୟାନ୍ୟ କେତେକ ରାଜ୍ୟରେ ଏହି କେଶର ଚାଷ ହେଉଥିଲେ ମଧ୍ୟ ବାର୍ଷିକ ଉତ୍ପାଦନ ୨୦ ଟନ ମଧ୍ୟରେ ସୀମିତ, ଯଦିଓ ଚାହିଦା ୫୦ ଟନ ପର୍ଯ୍ୟନ୍ତ ରହିଛି । ହେକ୍ଟର ପ୍ରତି ଉତ୍ପାଦନ ପ୍ରାୟ ୪–୫ କିଲୋଗ୍ରାମ ହେଲେ ମଧ୍ୟ କିଲୋଗ୍ରାମର ବଜାର ମୂଲ୍ୟ ପ୍ରାୟ ୩.୨୫ ଲକ୍ଷ ଟଙ୍କା । ଅଧିକ କ୍ରୋସିନ ଥିବା କେଶର ଏକ ଗ୍ରାମ ପ୍ରତି ୫୦୦ ଟଙ୍କା ମୂଲ୍ୟରେ ବିକ୍ରୟ ହୁଏ ।

କେଶର ଚାଷ ଜୁଲାଇ–ଅଗଷ୍ଟଠାରୁ ଅକ୍ଟୋବର–ନଭେମ୍ବର ମଧ୍ୟରେ ହୁଏ । ଏହି ଚାଷ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ମହାରାଷ୍ଟ୍ର ଇତ୍ୟାଦିକୁ ବ୍ୟାପିଲାଣି । ଅନ୍ୟ ରାଜ୍ୟରେ କୋଠରି ମଧ୍ୟରେ ନିୟନ୍ତ୍ରିତ ଭାବରେ ମୃତ୍ତିକା ବିହୀନ ଏରୋପୋନିକ ପ୍ରଣାଳୀରେ ଚାଷ ହେଉଛି । ଏହି ପ୍ରଣାଳୀରେ ଏକ ଛୋଟ କୋଠରିରେ ଭର୍ଟିକାଲ କୃଷି ପ୍ରଣାଳୀରେ ତାପମାତ୍ରା ୧୦–୨୫ ଡିଗ୍ରୀ ସେଲସିୟସ ଓ ଅଧିକ ଆପେକ୍ଷିକ ଆର୍ଦ୍ରତା ରଖି ଚାଷ କରାଯାଏ । କେଶର ଗଛ କନ୍ଦରୁ ପ୍ରସ୍ତୁତ ହୁଏ । ଏହାକୁ ଜୁଲାଇ ମାସରେ ଲଗାଇଲେ ୪ ମାସ ପରେ ଅମଳ ହୁଏ । ପ୍ରତି ଫୁଲରେ ତିନିଟି କେଶର ଥାଏ, ଯାହାକୁ ହାତରେ ତୋଳା ଯାଏ । ଏକର ପ୍ରତି ଅମଳ ମାତ୍ର ୨–୪ କିଲୋଗ୍ରାମ ହୁଏ ଓ କିଲୋଗ୍ରାମ ପ୍ରତି ୨.୫ ଲକ୍ଷ ଟଙ୍କାରେ ବିକ୍ରୟ ହୁଏ । ଘର ଭିତରେ ତାପ ଓ ଆର୍ଦ୍ରତା ନିୟନ୍ତ୍ରିତ ଭାବରେ ଚାଷ କଲେ ପ୍ରଥମ ବର୍ଷ ଅଧିକ ଖର୍ଚ୍ଚ ହେଉଥିବାରୁ ବେଶି ଲାଭ ହୁଏନାହିଁ । କିନ୍ତୁ ଦ୍ୱିତୀୟ ବର୍ଷରୁ ନିଜର ଚାରା ମିଳୁଥିବାରୁ ଖର୍ଚ୍ଚ କମିଯାଏ । ଏଣୁ ପ୍ରତିବର୍ଷ ୪–୫ ଲକ୍ଷ ଟଙ୍କା ଲାଭ ମିଳେ । ଓଡ଼ିଶାର ଝାରସୁଗୁଡା ଜିଲାର ସୁଜାତା ଅଗ୍ରୱାଲ ୨୦୨୦ ମସିହାରୁ କେଶର ଚାଷ ଏରୋପୋନିକ ପ୍ରଣାଳୀରେ କରି ଏଯାଏ ପ୍ରାୟ ୨୪ ଲକ୍ଷ ଟଙ୍କା ରୋଜଗାର କରି ସାରିଛନ୍ତି । ସେ ନୂଆ ଚାଷୀଙ୍କୁ କେଶର ଚାଷ ପ୍ରଶିକ୍ଷଣ ଦେଇଛନ୍ତି । ଓଡ଼ିଶାର ଖୋର୍ଦ୍ଧା, ଝାରସୁଗୁଡ଼ା, ଭୁବନେଶ୍ୱର ଅଞ୍ଚଳରେ ନୂଆକରି ଏହି କଶ୍ମୀର କେଶର ଚାଷ ଉଦ୍ୟୋଗୀ ଯୁବଚାଷୀ ଓ ଇଞ୍ଜିନିୟରମାନେ ଆରମ୍ଭ କରି ସାରିଲେଣି । ଖୋର୍ଦ୍ଧା ନିକଟସ୍ଥ ଭାଲିଆବାଡ଼ି ଗ୍ରାମରେ ଦୁଇଜଣ ଇଞ୍ଜିନିୟର ଏକଶହ ବର୍ଗଫୁଟ କୋଠାଘରେ ଏହି ଚାଷ ୫ ଲକ୍ଷ ଟଙ୍କା ବ୍ୟୟ କରି ଆରମ୍ଭ କରିଥିଲେ । ଏବେ ସେମାନେ ବର୍ଷକୁ ମାତ୍ର ଚାରି ମାସରେ ଚାରି ଲକ୍ଷ ଟଙ୍କା ଲାଭ ପାଉଛନ୍ତି । କେଶର ଏକ ଗ୍ରାମ୍ ପ୍ରତି ୫୦୦ ଟଙ୍କା ମୂଲ୍ୟରେ ସେମାନେ ବିକ୍ରୟ କରୁଛନ୍ତି । ଏହି ଚାଷ ପାଇଁ ଭର୍ଟିକାଲ ଫାର୍ମିଂ ଓ ଏରୋପୋନିକ ପ୍ରଣାଳୀ ଅବଲମ୍ବନ କରାଯାଏ । ଭୁବନେଶ୍ୱର ଜଗନ୍ନାଥ ବିହାରରେ ଛାତ ଉପରେ ହାଇଡ୍ରୋପୋନିକ ପ୍ରଣାଳୀରେ କେଶର ଚାଷ ଆରମ୍ଭ ହୋଇଛି । ରାଷ୍ଟ୍ରୀୟ ଉଦ୍ୟାନ ବୋର୍ଡ କେଶର ଚାଷ ପାଇଁ ପ୍ରକଳ୍ପ ଖର୍ଚ୍ଚ ଉପରେ ୨୫–୩୦% ରିହାତି ଦେଉଛନ୍ତି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରକଳ୍ପ ବ୍ୟୟ ଉପରେ ୪୦–୫୦% ରିହାତି ବ୍ୟବସ୍ଥା ରହିଛି ।

ଓଡ଼ିଶାରୁ ବିଦେଶକୁ ଯାଉଥିବା କୃଷିଉତ୍ପାଦଗୁଡିକ ହେଲା ଅଣ ବସୁମତୀ ଚାଉଳ, ସମୁଦ୍ର ଚିଙ୍ଗୁଡି, କାଜୁ, ଅଦା, ହଳଦୀ, ଆମ୍ବ, କଦଳୀ, ପିଜୁଳି, ପୋଟଳ, ଭେଣ୍ଡି, ଅମୃତଭଣ୍ଡା, କଫି, କପା ଓ ନଡ଼ିଆ । ନୂତନ କରି ଚାଷ କରାଯାଉଥିବା ଷ୍ଟ୍ରବେରି, କେଶର, ଡ୍ରାଗନଫ୍ରୁଟ ଓ ଅର୍କିଡ ଫୁଲର ରପ୍ତାନି ସୁଯୋଗ ଅଧିକ ରହିଛି । ଯେଉଁ ଯୁବତୀ ଯୁବକ ଏହି ଚାଷ କରିବେ ସେଥିପାଇଁ ସରକାରୀ ସହାୟତା ମଧ୍ୟ ରହିଛି । ସୁତରାଂ କୃଷି ଉଦ୍ୟୋଗୀମାନେ ନିକଟସ୍ଥ ଉଦ୍ୟାନ ବିଭାଗ ଅଫିସରଙ୍କ ସହିତ ସାକ୍ଷାତ କରି ସମସ୍ତ ବିବରଣୀ ପାଇପାରିବେ । ଏଗୁଡ଼ିକ ହେବ ଆତ୍ମନିଯୁକ୍ତି ପାଇଁ ଏକ ବଳିଷ୍ଠ ମାଧ୍ୟମ ଏବଂ କୃଷକ ଆୟ ବୃଦ୍ଧି ପାଇଁ ସୁନିଶ୍ଚିତ ପନ୍ଥା ।

କଳିଙ୍ଗନଗର, ଭୁବନେଶ୍ୱର
ମୋ:୯୪୩୭୦୭୧୧୯୦

# ଏମିତି ଥିଲା ଗାଁ



ଡ. ମନୋରଞ୍ଜନ ପ୍ରଧାନ

ଭାରତର ଆତ୍ମା ହେଉଛି ଗାଁ । ସଭ୍ୟତା, ସଂସ୍କୃତି, ପରମ୍ପରା, ସାମାଜିକ ବନ୍ଧନ ଓ ସଦାଚାରର ପ୍ରାଣକେନ୍ଦ୍ର ଯେଉଁଠି ଗୋଟିଏ ଘରେ ସୋରିଷ ଫୁଟିଲେ ସମ୍ପୂର୍ଣ୍ଣ ଗାଁକୁ ବାସିଥାଏ । ମାନେ ଭଲମନ୍ଦ, ସୁଖଦୁଃଖ, ସବୁଥିରେ ମିଳିମିଶି ସହଭାଗୀ ହେଉଥିବା ପବିତ୍ର ସ୍ଥାନ ହେଉଛି ଗାଁ । ପରସ୍ପର କାନ୍ଧକୁ କାନ୍ଧ ମିଳେଇ ବଞ୍ଚିବା ତଥା ସାମାଜିକ ସମରସତାର ଭୂମି ହେଉଛି ଗାଁ । ସେଥିପାଇଁ ଗାଁ ହେଉଛି ଆମରି ମା' । ସେବାର ମହତ୍ତ୍ୱ ବୁଝୁଥିଲେ ଗାଁ ଲୋକେ । ସାହାଯ୍ୟ ଓ ସହଯୋଗ ନିଷ୍କାମ ଭାବରେ କରନ୍ତି ସେମାନେ । ବ୍ୟକ୍ତିଗତ ଜୀବନ ଅପେକ୍ଷା ସାମୂହିକତା ଗ୍ରାମ୍ୟ ଜୀବନର ପ୍ରେରଣାଦାୟୀ ଜୀବନ ମୂଲ୍ୟ । ମିଳିମିଶି ଓଷାବ୍ରତ କରିବା, ସହଭାଗିତା ଭିତ୍ତିରେ ପର୍ବପର୍ବାଣି ପାଳିବା, ଚାଷବାସ ସରିବା ପରେ ଜନ୍ତାଳ ନାମରେ ଗାଁ ମନ୍ଦିରରେ ଗୋଷ୍ଠୀଗତ ଭୋଜି କରି ଆନନ୍ଦ ନେବା । ସନ୍ଧ୍ୟାବେଳେ ଶାସ୍ତ୍ର ଆଲୋଚନା । ଯେକୌଣସି ମନୋମାଳିନ୍ୟ ଦୂର କରିବା ପାଇଁ ଗ୍ରାମ୍ୟ କମିଟି । ଏମିତି ବି ଦିନ ଥିଲା, ଗାଁର ଗୋଟିଏ ବି ମକଦ୍ଦମା ବା ଅଭିଯୋଗ ପୋଲିସ ଫାଣ୍ଡି ବା ଥାନା ଯାଏଁ ଯାଉନଥିଲା । ଗୁରୁଜନଙ୍କ କଥାକୁ ସମସ୍ତେ ମାନୁଥିଲେ । କନିଷ୍ଠମାନଙ୍କ ପ୍ରତି ବରିଷ୍ଠମାନଙ୍କର ଆଦର ଯତ୍ନ ଥିଲା । ଗାଁର ଯେକୌଣସି ପିଲା ନିର୍ଦ୍ଦିଷ୍ଟ ପରିବାରର ନ ହୋଇ ସମ୍ପୂର୍ଣ୍ଣ ଗାଁର ସନ୍ତାନ ଥିଲେ । ଯେକୌଣସି ତ୍ରୁଟି ବିଚ୍ୟୁତି ଦେଖିଲେ ଗାଁର ଯେକୌଣସି ବୟୋଜ୍ୟେଷ୍ଠ ପିଲାଙ୍କୁ ତାଗିଦା କରିପାରୁଥିଲେ । ପିଲେ ଅଭିଭାବକ ଭଳି ମାନୁଥିଲେ । ଗାଁର ଯେକୌଣସି ଲୋକଙ୍କ ସଫଳତାରେ ସମ୍ପୂର୍ଣ୍ଣ ଗାଁ ଖୁସି ମନାଉଥିଲା ଏବଂ ଯେକୌଣସି ବିପଦଆପଦରେ ସମସ୍ତେ କାନ୍ଧକୁ କାନ୍ଧ ମିଶାଇ ସମାଧାନ କରୁଥିଲେ । ସମ୍ପୂର୍ଣ୍ଣ ଗାଁ ଥିଲା ଗୋଟିଏ ପରିବାର । ଜାତିଭେଦ ରୂପକ ଘୃଣ୍ୟ ପ୍ରଥା ଥିଲେ ମଧ୍ୟ ତଥାକଥିତ ସବର୍ଣ୍ଣ ଘର ସହ ଅସବର୍ଣ୍ଣଙ୍କ ମିତ ବସୁଥିଲେ । ସଙ୍ଗାତ, ବଉଳ ଇତ୍ୟାଦି ବସେଇ ସାମାଜିକ ବନ୍ଧନକୁ ମଜଭୁତ କରୁଥିଲା । ପ୍ରତ୍ୟେକ ଲୋକ ପରସ୍ପରକୁ ମାନ୍ୟତା ଅନୁସାରେ ସମ୍ବୋଧନ କରୁଥିଲେ । ବିବାହ ବ୍ରତରେ ଭାର ଆସୁଥିଲା । ଗାଁରେ ଯଦି କାହାର ଦେହାନ୍ତ ହୁଏ, ସମ୍ପୂର୍ଣ୍ଣ ଗାଁ କାଠ ନେଇ ତାଙ୍କ ଅନ୍ତ୍ୟେଷ୍ଟି କରୁଥିଲେ । ଶୁଦ୍ଧିକ୍ରିୟାଯାଏ ସବୁପ୍ରକାର ସହଯୋଗ କରି ପୀଡ଼ିତ ପରିବାରକୁ ଦୁର୍ବଳ ସ୍ଥିତିରୁ ଉଦ୍ଧାର କରୁଥିଲେ । ଅର୍ଥାତ୍ ଗାଁ ଥିଲା ସଂସ୍କାର, ସହଯୋଗ ଓ ସଦ୍ଭାବନାର ପ୍ରାଣକେନ୍ଦ୍ର । ଏଠାରେ ଗୋଟିଏ ଦୁଇଟି ଉଦାହରଣ ଉଲ୍ଲେଖ କରୁଛି, ଯାହାକି ଗ୍ରାମ୍ୟ ଜୀବନର ସ୍ୱରୂପକୁ ଉଜାଗର କରିବ ।

ପ୍ରାୟ ତିରିଶ ବର୍ଷ ତଳେ ଆମ ଘର ଛାତ ପଡ଼ିବା କଥା ମନେପଡୁଛି । ପ୍ରାୟ ଦୁଇହଜାର ବର୍ଗଫୁଟର ଛାତ । ନିର୍ଦ୍ଧାରିତ ସମୟରେ ସବୁ ଜିନିଷପତ୍ର ଆସିଗଲା । ରାତିରେ ଗାଁ ସଭାପତି ଗାଁଲୋକଙ୍କୁ ସୂଚନା ଦେଇଥିଲେ । ସକାଳୁ ସକାଳୁ ପ୍ରତି ଘରୁ ଜଣେ ଦି'ଜଣ ପହଞ୍ଚିଗଲେ । ଗାଁ ସଭାପତିଙ୍କ ସମେତ ପଞ୍ଚକମିଟି କାଠଚୌକିରେ ବସି ସମ୍ପୂର୍ଣ୍ଣ କାର୍ଯ୍ୟର ତଦାରଖ କରୁଥା'ନ୍ତି । ପ୍ରାୟ ମଧ୍ୟାହ୍ନଭୋଜନ ବେଳକୁ ଛାତ ପଡ଼ିଗଲା । ରୋଷେଇ ହୋଇଥିବା ଭାତ, ଡାଲି ଓ ତରକାରି ଖାଇ ଯେ ଯାହା ଘରକୁ ଚାଲିଗଲେ । ବିନା ପାରିଶ୍ରମିକରେ ଏତେ ବଡ଼ କାମ । ଅର୍ଥାତ୍ ଦିନେ ଶ୍ରମଦାନ କରି ଗାଁ ଲୋକଙ୍କୁ ସହାୟତା କରିବା ଗ୍ରାମ୍ୟ ଜୀବନର ଏକ ଅଲିଖିତ ସାମ୍ବିଧାନିକ ମର୍ଯ୍ୟାଦା ବୋଲି ଲୋକ ଗ୍ରହଣ କରିଥିଲେ । ସେହିପରି ଆଉ ଗୋଟିଏ ଘଟଣା, ଯାହାକି କୌଣସି ପତ୍ର ପତ୍ରିକାରେ ପଢ଼ିଥିଲି ।



ସେଦିନ ଗାଁରେ ବଡ଼ ସତ୍‌ସଙ୍ଗ କାର୍ଯ୍ୟକ୍ରମ ହେବାର ଥିଲା । କୌଣସି ଆଧ୍ୟାତ୍ମିକ ସଙ୍ଗଠନ ଦ୍ୱାରା ତାହା ଆୟୋଜନ ହେବାର ଥିଲା । ପୂର୍ବ ଯୋଜନାନୁସାରେ ସଙ୍ଗଠନର ସଦସ୍ୟ ସଦସ୍ୟାମାନେ ଗାଁମୁଣ୍ଡ ପଡ଼ିଆରେ ଏକତ୍ରିତ ହେଲେ । କିନ୍ତୁ ସମୟ ଅତିକ୍ରାନ୍ତ ପରେ ମଧ୍ୟ କାହାର ଦେଖା ମିଳିଲା ନାହିଁ । ଜଣେ ବୁଢ଼ୀ କହିଲେ କେହି ଆସିବେ ନାହିଁ, କାରଣ ଗତ ରାତିରେ ଦୁଇଟି ଘର ପୋଡ଼ିଯାଇଛି । ଫଳତଃ ଦୁଇ ପରିବାରର ସମସ୍ତ ସମ୍ପତ୍ତି ନଷ୍ଟ ହୋଇଯାଇଛି । ସତ୍ୟାସତ୍ୟ ବୁଝିବା ପାଇଁ ଗାଁ ଭିତରକୁ ଗଲାବେଳେ ସେମାନେ ଦେଖିଲେ ଗାଁର ଯୁବକମାନେ କାତି ଧରି କୁଆଡ଼େ ଯାଉଛନ୍ତି । ଏକାସାଙ୍ଗରେ କୋଡ଼ିଏରୁ ଊର୍ଦ୍ଧ୍ୱ ଯୁବକ କାତି ଧରି ଏକମୁହାଁ ଯାଉଥିବାର ମାନେ ବୁଝିପାରିଲେ ନାହିଁ । ଗାଁ ମଧ୍ୟଭାଗରେ ଦେଖିଲେ ବୟସ୍କ ପୁରୁଷମାନେ ପୋଡ଼ାଘରୁ ପାଉଁଶ, ଦରପୋଡ଼ା କାଠ, ଆସବାବପତ୍ର ବାହାର କରିବାରେ ଲାଗିଛନ୍ତି । କେଇ ଦୂରରେ ତୁଳସୀ ଚଉଁରା ଚଉତରା ଉପରେ ମହିଳାମାନେ କ'ଣ ଆଲୋଚନା କରିବାରେ ବ୍ୟସ୍ତ । ଖବର ନେବାପରେ ଜଣାପଡ଼ିଲା ଯେ, ପୀଡ଼ିତ ପରିବାରକୁ ସାହାଯ୍ୟ କରିବା ପାଇଁ କିଏ କେଉଁ ପ୍ରକାରର (ଥାଳି, ବାସନ, ହାଣ୍ଡି, ଚାଉଳ ଇତ୍ୟାଦି) ସହଯୋଗ କରିପାରିବେ ତା'ର ତାଲିକା ଚାଲିଛି । ସେମାନେ ସନ୍ଧ୍ୟାଯାଏ ଗ୍ରାମବାସୀଙ୍କ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରି ଦେଖିଲେ ସନ୍ଧ୍ୟାବେଳକୁ କାଠ ବାଉଁଶରେ ଦୁଇଟି ଘର ବନେଇଦେଲେ । ଅର୍ଥାତ୍ ଦୁଇଜଣ ଗ୍ରାମବାସୀଙ୍କ ଦୁଃଖରେ ସମଦୁଃଖୀ ଗ୍ରାମବାସୀ ହାତକୁ ହାତ ମିଶେଇ ସେମାନଙ୍କୁ ବିପଦରୁ ଉଦ୍ଧାର କରିବା ପାଇଁ ପ୍ରୟାସ କଲେ । ଏ ହେଉଛି ପ୍ରକୃତ ଗ୍ରାମ୍ୟ ଜୀବନଧାରା ଓ ଜୀବନ ମୂଲ୍ୟ । ହେଲେ ଆଜି ସେହି ସଂସ୍କାର, ନିବିଡ଼ ସମ୍ପର୍କ ଓ ସଦ୍ଭାବନାରେ କିଛିଟା ବ୍ୟତିକ୍ରମ ଘଟିଛି ।

ସଂକୀର୍ଣ୍ଣ ରାଜନୀତି, ଆଜିକାଲିର ପାଠୁଆ ଯୁବତୀଯୁବକଙ୍କ ବେଖାତିର ଉଚ୍ଚାରଣ ଓ ଆଚରଣ, ମୋବାଇଲ୍ ଫୋନ୍ ପ୍ରତି ଅତିଶୟ ପ୍ରୀତି ଇତ୍ୟାଦି ଗ୍ରାମ୍ୟ ସଂହତି ଓ ଭାଇଚାରାରେ କିଛିଟି ବ୍ୟତିକ୍ରମ ସୃଷ୍ଟି କରିଛି । ଜନ୍ମଦିନ ବିନା କେକ୍‌କଟାରେ ହେଉନି । ବିନା ମାଂସଭୋଜି ଓ ମଦରେ ବରଯାତ୍ରୀରେ କେହି ଯିବାକୁ ରାଜିନୁହନ୍ତି । ଶବଦାହ ବେଳେ ମାଦକ ଦ୍ରବ୍ୟର ଆବଶ୍ୟକତା ପଡୁଛି । ପର୍ବପର୍ବାଣିରେ ନାଚଗୀତ ତ ହେଉଛି, କିନ୍ତୁ ଉଗ୍ର ଆଧୁନିକ ସଙ୍ଗୀତ ଓ ନୃତ୍ୟରେ ଗାଁ ପରିବେଶ ଆଜିକାଲି ସହର ସହର ବାସୁଛି । ଗ୍ରାମ୍ୟ କମିଟି ଅନେକାଂଶରେ ସମସ୍ୟା ସମାଧାନ କରିପାରୁ ନାହାନ୍ତି । ତେଣୁ ଗାଁ ଭିତରେ ମୋକଦ୍ଦମା ବଢ଼ିଲାଣି । ଛୋଟ ଛୋଟ କଥାରେ ଥାନା, କଚେରି ଯାଇ ସାମାଜିକ ସମ୍ପର୍କ ଓ ସଦ୍ଭାବନା ବିଗାଡୁଛନ୍ତି । ଶାନ୍ତିପୂର୍ଣ୍ଣ ଜୀବନଯାପନ କରୁଥିବା ଗ୍ରାମ୍ୟ ପରିବେଶ ଧୀରେ ଧୀରେ ଅଶାନ୍ତ ହୋଇଉଠୁଛି । ଅର୍ଥାତ୍ ସେଦିନ ଗାଁ ଆଉ ଆଜିର ଗାଁ ଭିତରେ ଆକାଶପାତାଳ ପ୍ରଭେଦ । ଏହାର କୌଣସି ସମାଧାନ ବାହାର କରିବା ଉଚିତ ।

ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର
ମୋ:୭୦୦୮୨୮୩୦୫୫

## ଏଇ ଭାରତରେ

ରାଜସ୍ଥାନରେ ୨୦୨୦ରେ ତାପମାତ୍ରା ୫୦ ଡିଗ୍ରୀ ସେଲ୍‌ସିୟସ୍ ଟପିଯାଇଥିଲା । ସେ ସମୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ପକ୍ଷୀମାନେ ପାଣି ନ ପାଇ ମୃତ୍ୟୁ ମୁଖରେ ପଡ଼ିଥିଲେ । ଏହି ସ୍ଥିତିକୁ ଲକ୍ଷ୍ୟ କରିଥିଲେ ବାରମର ଜିଲାର ଏକ ଛୋଟ ଗାଁର ଗ୍ରାମବାସୀ । ସେମାନେ ତେଲଟିଣ ସଂଗ୍ରହକରି ସେଥିରେ ପାଣି ଭରି ଗଛରେ ଝୁଲାଇ ଦେଇଥିଲେ । ଫଳରେ ପକ୍ଷୀମାନେ ସେଥିରୁ ପାଣି ପିଇବା ଓ ଗାଧୋଇବା ଯୋଗୁ ସେମାନଙ୍କ ଜୀବନ ରକ୍ଷା ହୋଇପାରିଥିଲା । ଗଛରେ ପାଣିଭରା ଟିଣ ଝୁଲୁଥିବା ଛବିକୁ ଆଇଏଫ୍ଏସ୍ ଅଧିକାରୀ ପ୍ରବୀଣ କସ୍ୱାନ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହା ଭାଇରାଲ ହୋଇଥିଲା ଏବଂ ସବୁଠି ଲୋକେ ଏହି ଉପାୟ ଆପଣାଇବାକୁ ଲାଗିଲେ । ଏବେ ରାଜସ୍ଥାନର ରାୟପୁର ଓ ବିକାନିର୍‌ରେ ଲୋକେ ପକ୍ଷୀ ଗାଧୋଇବା ଲାଗି ଟିଣ ଗଛ କିମ୍ବା ଘରେ ଝୁଲାଉଛନ୍ତି । ଏପରିକି ମହାରାଷ୍ଟ୍ରର ପୁଣେରେ ମଧ୍ୟ ଲୋକେ ଏହି ପ୍ରକାର ଉପାୟ ଆପଣାଇଲେଣି । ବିକାନିର୍‌ରେ ଗଛ କିମ୍ବା ଘରେ ଝୁଲାଇବା ପାଇଁ ୫୦୦ଟି ପକ୍ଷୀଗଧୁଆ ଟିଣ ଲୋକଙ୍କୁ ମାଗଣାରେ ବଣ୍ଟାଯାଇଛି । ସେଠାକାର ଦୋକାନୀମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି ।

## ୫୦ ବର୍ଷ ତଳର ଧରିତ୍ରୀ

### ୨୫ ମାର୍ଚ୍ଚ ୧୯୭୭

- ବଙ୍ଗଳା ଚଳଚ୍ଚିତ୍ର ଅଭିନେତ୍ରୀ କୁମାରୀ କେୟା ଚକ୍ରବର୍ତ୍ତୀ ହୁଗୁଳି ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି ।
- ଜନତାଦଳ ପାର୍ଲାମେଣ୍ଟାରୀ ପାର୍ଟିର ଦଳପତି ରୂପେ ନିର୍ବାଚିତ ହୋଇଥିବା ମୋରାରଜୀ ଦେଶାଇ ଦେଶର ନୂଆ ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି ।

## ଚିରନ୍ତନୀ

ଦେଖ ସାଗର ଦେଖ ଗୋ ନଦୀ
ପୂରୁବ ସ୍ନେହ ରହିଛି ଯଦି
ହତାଶ ଆଜି ତୃଷିତ କବି
ଭୁବନଗୋଟା ଶିରରେ ଲଦି ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀ ଅସନ୍ତୋଷ ବଢୁଛି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ରେ ଧାନମଣ୍ଡି ସମସ୍ୟା ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି । କେଉଁଠି ମଣ୍ଡି ଅଛି ମିଲର ନାହାନ୍ତି, କେଉଁଠି ମଣ୍ଡିରେ ତାଲା ପଡ଼ିଛି । ଆଉ କେଉଁଠି ମଣ୍ଡି ଖୋଲା ଏବଂ ମିଲର ଆସିଛନ୍ତି ଏବଂ ସେଠାରେ କଟ୍‌ନି ଛଟ୍‌ନି ସହ ଲୋଡ଼ିଂ, ଅନ୍‌ଲୋଡ଼ିଂ ଚାପରେ ଚାଷୀ ପେଷି ହୋଇଯାଉଛନ୍ତି । ଏସବୁ ଦେଖି ମଧ୍ୟ ଯୋଗାଣ ବିଭାଗ ନୀରବ । ପୂର୍ବବର୍ଷଗୁଡ଼ିକ ତୁଳନାରେ ଚଳିତବର୍ଷ ଅଧିକ ଚାଷୀ ପଞ୍ଜୀକୃତ ହୋଇଛନ୍ତି । କିନ୍ତୁ ସେହି ତୁଳନାରେ ଧାନ କିଣିବାକୁ ସରକାର ଟାର୍ଗେଟ୍ ବୃଦ୍ଧି କରିନାହାନ୍ତି । ତେଣେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀମାନେ ନିୟମିତ ପରିଦର୍ଶନ କରୁନାହାନ୍ତି । ସେଥିରୁ ଫାଇଦା ଉଠାଉଛନ୍ତି କୃଷି ସମବାୟ ସମିତି, ମିଲ୍ ମାଲିକ ଓ ଦଲାଲ୍ । ଜାନୁଆରୀ ୧୫ଠାରୁ ସତ୍ୟବାଦୀ ବ୍ଲକ୍‌ରେ ଧାନକିଣା ଆରମ୍ଭ ହୋଇଛି । କୌଣସି ମଣ୍ଡିରେ ଏପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ, ଶୌଚାଳୟ କିମ୍ବା ବିଶ୍ରାମସ୍ଥଳ କରାଯାଇନାହିଁ । ମିଲରଙ୍କ ଅନିୟମିତତା ପାଇଁ ହଜାର ହଜାର ଚାଷୀ ଏଯାବତ୍ ସେମାନଙ୍କ ଧାନ ବିକ୍ରି କରିପାରିନାହାନ୍ତି । ଧାନ ବିକିବାର ଅବଧି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିବାରୁ ଚାଷୀ ଆଶା ଆଶଙ୍କାରେ ଦିନ କାଟୁଛନ୍ତି । ଧାନକିଣା ଟାର୍ଗେଟ୍ ପୂରଣ ହେବା ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି ।

–ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମିଳୁନି ଗ୍ୟାସ୍ ସିଲିଣ୍ଡର, ବିକଳ୍ପ ଚୁଲା କଲେ ହୋଟେଲ ମାଲିକ

**■ପୋଡ଼ା ମୋବିଲ-ଡିଜେଲ ମିଶ୍ରିତ ତେଲରେ ଚାଲୁଛି 'ଜେଟ୍ ଷ୍ଟୋଭ୍'**

**■ବଲାଙ୍ଗୀର ହୋଟେଲ ମାଲିକ ସରୋଜ ସାହୁଙ୍କ କମାଲ୍**



ସରୋଜ ନିଜେ ପ୍ରସ୍ତୁତ କରିଥିବା 'ଜେଟ୍‌ଷ୍ଟୋଭ'ରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି।

ବଲାଙ୍ଗୀର,୨୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ଆମେରିକା-ଇସ୍ରାଏଲ-ଇରାନ୍ ଯୁଦ୍ଧ ପରେ ଭାରତରେ ଦେଖାଦେଇଥିବା ଏଲପିଜି ଗ୍ୟାସ୍ ସିଲିଣ୍ଡର ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏହାର ପ୍ରଭାବ ବଲାଙ୍ଗୀରରେ ବିଶେଷକରି ହୋଟେଲ ଏବଂ ଉଠାଦୋକାନୀଙ୍କ ଉପରେ ପଡିଛି। ସିଲିଣ୍ଡର ମିଳୁ ନ ଥିବା ଏବଂ କଳାବଜାରରେ ଚଢ଼ା ଦରରେ ବିକ୍ରି ହେଉଥିବାରୁ ଏହାମଧ୍ୟରେ କିଛି ହୋଟେଲ ବନ୍ଦ ହୋଇଯାଇଛି। କିଛି ହୋଟେଲ କାଠ ଓ କୋଇଲା ଚୁଲାକୁ ଫେରି ଯାଇଛନ୍ତି। ଏଭଳି ସମୟରେ ବଲାଙ୍ଗୀର ସହରର ଜଣେ ହୋଟେଲ ମାଲିକ ନିଜ ବୁଦ୍ଧି ଏବଂ ଜ୍ଞାନ ପ୍ରୟୋଗ କରି ଏକ ବିକଳ୍ପ ଚୁଲା 'ଜେଟ୍ ଷ୍ଟୋଭ' ପ୍ରସ୍ତୁତ କରି ଚର୍ଚ୍ଚାରେ ରହିଛନ୍ତି। ଏହି ଚୁଲା ପୋଡା ମୋବିଲ ଏବଂ ଡିଜେଲ ମିଶ୍ରିତ ତେଲରେ ଚାଲୁଛି। ଏହା ଏଲ୍‌ପିଜି ଠାରୁ ଢ଼େର ଶସ୍ତା ଏବଂ ଅଧିକ ଭଲ ବୋଲି ହୋଟେଲ ମାଲିକ ଜଣକ କହିଛନ୍ତି।

ବଲାଙ୍ଗୀର ସହର ବିକ୍ରମ ଛକରୁ ରେଲୱେ ଷ୍ଟେଶନ ରାସ୍ତାରେ ରହିଛି ରଘୁ ହୋଟେଲ। ଏହି ହୋଟେଲର ମାଲିକ ସରୋଜ କୁମାର ସାହୁ ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ନିଜେ ଏକ 'ଜେଟ୍ ଷ୍ଟୋଭ' ତିଆରି କରି ସେଥିରେ ହୋଟେଲ ଚଳାଉଛନ୍ତି। ସରୋଜ କହିଛନ୍ତି, ସିଲିଣ୍ଡର ନ ମିଳିବାରୁ ସେ ଚିନ୍ତାରେ ପଡିଥିଲେ। ହୋଟେଲ ବନ୍ଦ ହୋଇଯିବା ଭୟ ତାଙ୍କୁ ଘାରିଥିଲା। ତେବେ ଏହି ଭୟ ଓ ଚିନ୍ତା ତାଙ୍କୁ ବିକଳ୍ପ ଚୁଲା ତିଆରି ପାଇଁ ପ୍ରେରଣା ଯୋଗାଇଥିଲା। ୟୁଟ୍ୟୁବ୍‌ରେ ବିକଳ୍ପ ଇନ୍ଧନ ଏବଂ ରନ୍ଧନ ଚୁଲା ଖୋଜୁ ଖୋଜୁ କମ୍ କାଠରେ ଚାଲୁଥିବା କିଛି ଚୁଲା ଦେଖିବାକୁ ପାଇଥିଲେ।

ଏହାପରେ ସେ ଘରେ ଥିବା ଏକ ଲୁହାର ହେମ ଦସ୍ତାକୁ ନେଇ ଏହା ମଝିରେ ସେ ନିଜେ ତିଆରି କରିଥିବା ଏକ ସ୍ୱତନ୍ତ୍ର ବର୍ଣ୍ଣରକୁ ୱେଲଡିଂ କରିବାକୁ ଗ୍ୟାରେଜ୍‌ବାଲାଙ୍କୁ କହିଥିଲେ। ଏହି ସ୍ୱତନ୍ତ୍ର ଚୁଲା ପ୍ରସ୍ତୁତ କରିବା ପରେ ସେଇ ବର୍ଣ୍ଣରକୁ ଡିଜେଲ ମିଶ୍ରିତ ପୋଡା ମୋବିଲ ଆସିବା ପାଇଁ ଏକ ସ୍ୱତନ୍ତ୍ର ପାଇପ୍ ଏବଂ ପୋଡା ମୋବିଲ ରହିବା ଟାଙ୍କି ପ୍ରସ୍ତୁତ କରିଥିଲେ। ବର୍ଣ୍ଣର ତଳକୁ ଏକ ଭେକ୍ୟୁମ୍ ପାଇପ ଲଗାଇ ଏୟାର ଥ୍ରୋ ବ୍ୟବସ୍ଥା କରିଥିଲେ। ପୋଡା ମୋବିଲ ରହିଥିବା ଟାଙ୍କିରୁ ବର୍ଣ୍ଣରକୁ ଡିଜେଲ ମିଶ୍ରିତ ପୋଡା ମୋବିଲ ପାସ୍ କରିବା ପରେ ବର୍ଣ୍ଣର ଉପରେ ଦିଆସିଲି ଜଳାଇ ଅଗ୍ନିସଂଯୋଗ କରାଯାଉଛି। ଏହାପରେ ଇଲେକ୍ଟ୍ରିରେ ଚାଲୁଥିବା ଭେକ୍ୟୁମ୍ ମେଶିନକୁ ଅନ୍ କରିବା ପରେ ଏହି ଚୁଲା ଗ୍ୟାସ ବର୍ଣ୍ଣରଠାରୁ ଅଧିକ କ୍ଷୀପ୍ର ଗତିରେ ଜଳିଉଠୁଛି। ଏହି ଚୁଲାର ନାଁ ସେ ନିଜେ 'ଜେଟ ଷ୍ଟୋଭ' ଦେଇଛନ୍ତି। ଏଥିରେ ଗତ ୩/୪ ଦିନ ହେଲା ସରୋଜ ତାଙ୍କର ହୋଟେଲ ସୁରୁଖୁରୁରେ ଚଳାଉଥିବା କହିଛନ୍ତି। ଗୋଟିଏ ଦିନର ମଧ୍ୟାହ୍ନ ଏବଂ ରାତ୍ର ଭୋଜନ ପ୍ରସ୍ତୁତ କରିବା ପାଇଁ ପ୍ରାୟ ଅଢ଼େଇ ଲିଟର ଡିଜେଲ ଏବଂ ୫ ଲିଟର ପୋଡା ମୋବିଲର ଆବଶ୍ୟକତା ପଡୁଛି। ଏଥିପାଇଁ ତାଙ୍କୁ ଦୈନିକ ୪୦୦ରୁ ୫ ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପୂର୍ବରୁ ଏଲପିଜି ସିଲିଣ୍ଡରରେ ତାଙ୍କୁ ଦୈନିକ ପ୍ରାୟ ୧ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଏବେ ପ୍ରାୟ ଅଧା ଟଙ୍କାରେ ତାଙ୍କର ହୋଟେଲ ସୁରୁଖୁରୁରେ ଚାଲୁଛି ବୋଲି ସେ କହିଛନ୍ତି। ତେବେ ମାର୍କେଟରୁ ପୋଡା ମୋବିଲ ସଂଗ୍ରହ କରିବାକୁ ତାଙ୍କୁ ଟିକେ ଅତିରିକ୍ତ ପରିଶ୍ରମ କରିବାକୁ ପଡୁଛି ବୋଲି ସେ କହିଛନ୍ତି। ସରୋଜ କହିଛନ୍ତି, ଯେଉଁ ଜ୍ଞାନ କୌଶଳ ପ୍ରୟୋଗ କରି ସେ ଏହି ଚୁଲା ତିଆରି କରିଛନ୍ତି ତାକୁ ଆହୁରି ଅଧିକ ଉନ୍ନତି କରିବେ ଏବଂ ଉକ୍ତ ଫର୍ମୁଲାକୁ ସେ ପେଟେଣ୍ଟ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହାହେଲେ ଅଳ୍ପ ଇନ୍ଧନରେ ଲୋକ ଘରେ ଏବଂ ହୋଟେଲରେ ଏହାକୁ ବ୍ୟବହାର କରିପାରିବେ ବୋଲି ସେ ଆଶା ରଖିଛନ୍ତି।

# ଲାଠୋରରେ ଚଇତ ବଏଲ ଯାତ୍ରା

## ବଳି ପଡ଼ିଲା ବୋଦା, କୁକୁଡ଼ା, ପାରା



ଜିଭରେ ତ୍ରିଶୂଳ ମାରି ବରୁଆମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ଲାଠୋର,୨୪।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ମଧପଡ଼ା ଗୁଡିରେ ମଙ୍ଗଳବାର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଚଇତ ବଏଲ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଗୁଡିକୁ ଆସି ଦେବୀଙ୍କ ଦର୍ଶନ କରିବା ସହ କୃପା ଲାଭ କରିଛନ୍ତି। କାହିଁ ପୂର୍ବ କାଳରୁ ପ୍ରତିବର୍ଷ ଚଇତ ମାସ ଅମାବାସ୍ୟା ପରବର୍ତ୍ତୀ ପ୍ରଥମ ମଙ୍ଗଳବାର ଦିନ ଏହି ଯାତ୍ରା ହୋଇ ଆସୁଛି। ଏହି କ୍ରମରେ ଚଳିତବର୍ଷ ଯାତ୍ରା ଅବସରରେ ପ୍ରଥମେ ପୂଝାରୀ ସହଦେବ ଭଇଁସାଲ ଏବଂ ବରୁଣ ଭଇଁସାଲ ଗୁଡିରେ ବାବୁରା, ଲାଛବୁଢ଼ା, ବୁଢୀମା, କାଳିକା ଏବଂ ଠାକୁରାଣୀ ଆଦି ଦେବା ଦେବୀଙ୍କୁ ଧୂପ, ଦୀପ ଏବଂ ମନ୍ଦାର ମାଳ ଦେଇ ପୂଜା କରିଥିଲେ। ପରେ ବରୁଆ ମନୁ ଭଇଁସାଲ, ଉତ୍ତର ଭଇଁସାଲ ଏବଂ ଦୁର୍ଜନ ଭଇଁସାଲଙ୍କୁ ଦେବୀ ସବାର ହୋଇଥିଲେ। ଦେବୀ ସବାର ପରେ ବରୁଆମାନେ ପାଦରେ କଣ୍ଟା କଠଉ ପିନ୍ଧି ଗୁଡ଼ି ବାହାରେ ଥିବା କଣ୍ଟା ଦୋଳିରେ ଝୁଲିଥିଲେ। ଏହାପରେ ବରୁଆମାନଙ୍କ ଜିଭରେ ପୂଝାରୀମାନେ ପାରମ୍ପାରିକ ରୀତିନୀତି ପରେ ତ୍ରିଶୂଳ ମାରିଥିଲେ। ଜିଭରେ ତ୍ରିଶୂଳ ମାରିଲା ପରେ ଦେବୀମାନେ ଗଣାବଜାର ତାଳେ ତାଳେ ନାଚିଥିଲେ। କିଛି ସମୟ ପରେ ଗ୍ରାମ ପରିକ୍ରମା ପାଇଁ ବାହାରିଥିଲେ। ଗ୍ରାମର ବିଭିନ୍ନ ଜାଗାରେ ଥିବା ଗୁଡିକୁ ଯିବା ସହ ଘରକୁ ଘର ବୁଲିଥିଲେ। ଶ୍ରଦ୍ଧାଳୁମାନେ ଦେବୀ ମାନଙ୍କୁ ନିଜ ନିଜର ଘର ସମ୍ମୁଖରେ ବନ୍ଦାପନା କରି ଧୂପ,ଦୀପ ମନ୍ଦାର ମାଳ ଦେଇ ମନସ୍କାମନା ପୂର୍ଣ୍ଣ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଗ୍ରାମ ପରିକ୍ରମା କରି ଦେବୀମାନେ ଗୁଡିକୁ ଫେରିଲା ପରେ ସେଠାରେ ପେଠି, ବୋଦା, କୁକୁଡ଼ା, ପାରା ଆଦି ବଳି ଦିଆଯାଇଥିଲା। ଏହି ଯାତ୍ରାରେ ଗ୍ରାମବାସୀ ସହଯୋଗ କରିଥିଲେ।

# ୟୁପି, ବିହାରକୁ ଟ୍ରେନ୍‌ରେ ଗଞ୍ଜେଇ ଚୋରାଚାଲାଣ

**■୨ ଅଭିଯୁକ୍ତଙ୍କୁ କାବୁକଲା ରେଲବାଇ ପୋଲିସ**

**■୧୨.୫ କିଲୋ ଗଞ୍ଜେଇ ଜବତ**



ପୋଲିସ ପକ୍ଷରୁ ଜବତ ଗଞ୍ଜେଇ।

ବଲାଙ୍ଗୀର,୨୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ଟ୍ରେନ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ବଲାଙ୍ଗୀର ରେଲବାଇ ଥାନା ପୋଲିସ ହାବୁଡ଼ରେ ୨ ଜଣ ପଡ଼ିଛନ୍ତି। ଗିରଫ ଦୁଇଜଣ ହେଲେ, ବିହାର ୱେଷ୍ଟ ଚମ୍ପାରଣ ଜିଲାର ଧନାହା ଥାନା ଅନ୍ତର୍ଗତ କୋଠାର୍ ଗାଁର ରୂପେଶ ପଟେଲ (୩୫) ଓ ୟୁପି କୁଶୀନଗର ଜିଲାର ଅହିରାଉଲି ଥାନା ଅନ୍ତର୍ଗତ କୱଲ ବଜାର ଗାଁର କଲବତୀ ଦେବୀ (୪୦)। ଜିଆରପି ସେମାନଙ୍କଠାରୁ ୧୨କିଲୋ ୫୦୦ ଗ୍ରାମ ଗଞ୍ଜେଇ ସହ ନଗଦ ୩ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ବଲାଙ୍ଗୀରଠାରୁ ଟାଟାନଗର ଟ୍ରେନରେ ବିହାରକୁ ଗଞ୍ଜେଇ ଚୋରାଚାଲାଣ କରିବା ପାଇଁ କଲବତୀ ଓ ରୂପେଶ ବଲାଙ୍ଗୀର ରେଳ ଷ୍ଟେଶନକୁ ଆସିଥିଲେ। ଏ ସମ୍ପର୍କରେ ରେଲବାଇ ପୋଲିସକୁ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ପରେ ଜିଆରପି ଟିମ୍ ଉଭୟଙ୍କ ବ୍ୟାଗ ଯାଞ୍ଚ କରିଥିଲା। ବ୍ୟାଗରେ ଗଞ୍ଜେଇ ଥିବା ଦେଖିବା ପରେ ଦୁହିଁଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ପଚରାଉଚରା କରାଯିବାରୁ ସେମାନେ ୟୁପି ଓ ବିହାରକୁ ଗଞ୍ଜେଇ ଚୋରାଚାଲାଣ କରୁଥିବା କହିଥିଲେ। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଜିଆରପି ଥାନା ପକ୍ଷରୁ କୁହାଯାଇଛି। ବୌଦ୍ଧ ଜିଲାରୁ ବଲାଙ୍ଗୀର ବାଟ ଦେଇ ବିହାର ଓ ୟୁପିକୁ ଗଞ୍ଜେଇ ଚୋରାଚାଲାଣ ରାକେଟ ସକ୍ରିୟ ରହିଛି। ଅଳ୍ପ ଦିନ ମଧ୍ୟରେ ବଲାଙ୍ଗୀର ରେଳଷ୍ଟେଶନ ନିକଟରୁ ବିହାର ଏବଂ ୟୁପିକୁ ଚୋରାଚାଲାଣ ହେଉଥିବା ଏକାଧିକ ଘଟଣାରେ ପୋଲିସ ୫ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରି ସାରିଲାଣି।

No.4001/92/2526

GRIDCO
Empowering Odisha

## GRIDCO LIMITED

(A Govt. of Odisha Undertaking)
Regd. Office: Janpath, Bhubaneswar-751022, Odisha

### NOTIFICATION

**BULK SUPPLY PRICE EFFECTIVE FROM 1st APRIL, 2026**

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an Order on 24.03.2026 in Case Nos. 122 of 2025 and 123 of 2025 (Revised Truing Up for the FY 2023-24 & Truing Up for the FY 2024-25) with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2026 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price determined by OERC as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (F) below and applicable for supply of power with effect from 01.04.2026 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| TPCODL | - | 331.00 | paise per kWh |
| TPNODL | - | 344.00 | paise per kWh |
| TPWODL | - | 379.00 | paise per kWh |
| TPSODL | - | 190.00 | paise per kWh |

(B) **Charges for Overdrawal of Energy:** Any over drawal of energy by the Distribution Licensee(s) beyond their schedule will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till effective implementation of Intra-State DSM Regulations, 2025 in the State. After that it shall be subject to the provisions of the said Regulations.

(C) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2026-27. Permitted SMD would mean monthly SMD recorded upto maximum of 5% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per kVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per kVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(D) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(E) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website www.orierc.org as well as in the website of GRIDCO Ltd. www.gridco.co.in

Bhubaneswar
Dt.24.03.2026
OIPR-4001/4056/1/25-26/0003

Sd./- Managing Director
GRIDCO Ltd.

# ଦେଓଗାଁ ଡିଗ୍ରୀ କଲେଜରେ ୟୁଥ୍ ଫର୍ ନେଚର ସେମିନାର



ସେମିନାର ଅବସରରେ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିବୃନ୍ଦ।

ଦେଓଗାଁ,୨୪।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍)ର ଆୟୋଜନକ୍ରମେ ୟୁଥ୍ ଫର୍ ନେଚର୍ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ତଥା ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ ସେମିନାରରେ ପରିବେଶ ସନ୍ତୁଳନରେ ଯୁବ ସମାଜର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ପ୍ରଧାନୀ ଯୋଗଦେଇ ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ପ୍ରିୟରଞ୍ଜନ କୁମାର ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ଯୁବ ସମାଜ ସଚେତନ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଫରେଷ୍ଟର ଚିତ୍ତରଞ୍ଜନ ଖମାରୀ ଯୋଗଦେଇ ଜଙ୍ଗଲ ନଷ୍ଟ ଦ୍ୱାରା ହେଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋକପାତ କରିଥିଲେ। ଏଫଇଏସର ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ ଓ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ବିଭିନ୍ନ ଉପାଦେୟତା ତଥା ଜୈବିକ ସାର ଓ ଅର୍କ ପ୍ରସ୍ତୁତି ବିଷୟରେ ଧାରଣା ପ୍ରଦାନ କରିଥିଲେ। ଶେଷରେ ସଂସ୍କୃତ ଅଧ୍ୟାପକ ଆଶିଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେମିନାରରେ କଲେଜର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜଳୁଛି ଜଙ୍ଗଲ, ଆୟତ୍ତ ହୋଇପାରୁନି ନିଆଁ



ଦେଓଗାଁ ୨୬ନଂ ଜାତୀୟ ରାଜପଥ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ବନ କର୍ମଚାରୀମାନେ ନିଆଁ ଲିଭାଇବାକୁ ଉଦ୍ୟମ କରୁଛନ୍ତି।

ଦେଓଗାଁ,୨୪।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଓ ସଇଁନ୍ତଲା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲରେ ଏବେ ନିଆଁ ଲାଗି ଅନେକ ମୂଲ୍ୟବାନ ଗଛ ନଷ୍ଟ ହେବାରେ ଲାଗିଛି। ବିଭାଗୀୟ କର୍ମଚାରୀ ମାନେ ନିଆଁ ଲିଭା ମେଶିନ ଦ୍ୱାରା ଉଦ୍ୟମ କରିବା ସତ୍ତ୍ୱେ ନିଆଁ ଆୟତ୍ତ ହୋଇ ପାରୁନାହିଁ। ଦେଓଗାଁ ୨୬ନଂ ଜାତୀୟ ରାଜପଥ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ବନ କର୍ମଚାରୀମାନେ ଦିନ ଦ୍ୱିପ୍ରହରରେ ନିଆଁ ଆୟତ୍ତ କରିବାକୁ ଉଦ୍ୟମ କରୁଥିବା ନଜରକୁ ଆସିଛି। ତେବେ ଦେଓଗାଁ ବନାଞ୍ଚଳରେ ଜଙ୍ଗଲ ପରିସୀମାକୁ ଅନୁଧ୍ୟାନ କଲେ କର୍ମଚାରୀ ଅଭାବରୁ ନିଆଁକୁ ସଠିକ ରୂପେ ଆୟତ୍ତ କରିବା ସମ୍ଭବ ହେଉନାହିଁ। ନିଆଁ ଲାଗି ଅନେକ ଗଛ ପୋଡି ଯାଉଥିବା ବେଳେ ନୂତନ ବନୀକରଣ ମଧ୍ୟ ଉଜୁଡି ଯାଉଥିବା ପରିଲକ୍ଷିତ ହୋଇଛି। ଏହାଦ୍ୱାରା ଅନେକ ଜୀବଜନ୍ତୁ ମୃତ୍ୟୁମୁଖରେ ପଡିବା ସହ ମୃତ୍ତିକା ଉର୍ବରତା ହରାଉଛି। ଫଳରେ ପରିବେଶ ସନ୍ତୁଳନ ବିଗିଡିବାରେ ଲାଗିଛି। ଜନ ସଚେତନତା ଅଭାବରୁ ଜଙ୍ଗଲ ନିଆଁ ବ୍ୟାପୁଥିବା କୁହାଯାଉଛି। ଏନେଇ ବିଭାଗ ତରଫରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏହାସତ୍ତ୍ୱେ ଅନେକ ସମୟରେ କେହି କୌଣସି କାରଣରୁ ଜଙ୍ଗଲରେ ନିଆଁ ଲଗାଇ ଦେବାକୁ ନେଇ ପରିବେଶବିତ୍‌ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାକୁ ରୋକିବା ପାଇଁ କଡା ଆଇନ ପ୍ରଣୟନ କରିବା ସହ ସମସ୍ତେ ସଚେତନ ହେବା ଜରୁରୀ ବୋଲି ମତପ୍ରକାଶ ପାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
ଭୁବନେଶ୍ୱରର ଏକ ପ୍ରତିଷ୍ଠିତ, ରିଅଲ ଇଷ୍ଟେଟ କମ୍ପାନୀ, ରସୁଲଗଡ ଅଫିସ ପାଇଁ Marketing Manager-10, M/F, Telecaller-10 (Female), (Min 2 years experience) Receptionist-1 (Female), Fixed Salary + High Incentives
Contact:8093000604

**WANTED**
**Marketing Persons** Required only Female for a used Car Showroom in Bhubaneswar with **Finance Business** also attractive salary + incentives.
Mob : 9078695026 / 7381091234

**Urgently Required**
ଘରୋଇ ରୋଷେଇ ପାଇଁ ଏକ ମହିଳା ରୋଷେଇଆ ଆବଶ୍ୟକ। ଦରମା- ମାସକୁ ୧୦,୦୦୦/- ରୁ ଆରମ୍ଭ
ଯୋଗାଯୋଗ
9937155500, 7008342979
ସ୍ଥାନ- ପଳାଶୁଣୀ, ଭୁବନେଶ୍ୱର

**REQUIRED**
POSITION
1. ARCHITECT
Experience in Master Planning and Building design and Multi sector B-Arch.
2. STRUCTURAL ENGINEER
Experience in Building Structural Designing with Stadd Pro and Auto Cad, B-Tech. (Civil)/ Diploma
3. SURVEY ENGINEER/SURVEYOR
Experience in DGPS/Total Station survey and Drafting with good Command in Auto Cad
4. DRAFTSMAN
Experience in Architectural Structural Drafting with Good Command in Auto Cad.
Email : utkalinfra.hr@gmail.com,
Mob : 77353-09675 / 76060-29982
Bhubaneswar, Odisha

**ଆବଶ୍ୟକ**
ଭୁବନେଶ୍ୱରର ଛୋଟ ପରିବାର ପାଇଁ ଲିଭ୍-ଇନ୍ ଅଭିଜ୍ଞ ମହିଳା ରୋଷେୟା ଆବଶ୍ୟକ। ରହିବା ସହିତ ଖାଇବା ଏବଂ ଭଲ ଦରମାର ସୁବିଧା ଅଛି।
ଆମ ସହିତ ଯୋଗାଯୋଗ କରନ୍ତୁ
9132933333

See Career Appointment on every Wednesday & Saturday

**OFFICE OF THE CDM & PHO CUM DMD, NHM, NUAPADA**
District Programme Management Unit, NHM
Nuapada, Odisha - 766105
E-mail: nhmnuapada@gmail.com, Phone: (06678) 225908

**TENDER CALL NOTICE**

No. 901/DPMU/NHM/2026 Date: 20.03.26

No. 10001/140/2526: Sealed tenders are invited from the reputed supplier and Hotel Owners as per details below on annual rate contract basis.

**Tender-A:** EMPANELMENT OF AGENCIES/PRINTERS FOR SUPPLY OF PRINTING RELATED ITEMS.

**Tender-B:** EMPANELMENT FOR PROVIDING COMPUTER CONSUMABLES & OFFICE STATIONERY.

The sealed quotation should reach at O/o. CDM & PHO, Nuapada in any working day by 23.04.26 till 5 P.M. along with all required documents by Speed Post/Regd. Post/reputed Courier (Providing online tracking details) only. The tender will be opened on 24.04.26 at 11.00 A.M. in the Office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from **www.nuapada.odisha.gov.in** from 23.03.26. The undersigned reserves the right to accept or reject any or all the quotations without assigning any reason thereof.

Sd./- CDM & PHO cum DMD, Nuapada
OIPR-10001/10055/1/25-26/0002

No. 34001/260/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR**
E-mail: eesbprnbdivision2@gmail.com, Phone: 0663-2410104
BID IDENTIFICATION No. SE/R and B/SBP II/07 (Online)/2025-26
No. 1379 Dated: 23.03.2026

**E-Procurement Notice**

| | | | |
|---|---|---|---|
| 1. | The **Superintending Engineer, Sambalpur (R&B) Division No. II, Sambalpur** on behalf of Governor of Odisha, invites Percentage Rate Bids in Single Cover System in ONLINE MODE | | |
| 2. | No. of Works | : | 12 (Twelve) Nos. Fire Extinguisher Works |
| 3. | Tender Cost | : | Rs.6,000/- & Rs.4,000/- each paper |
| 4. | Class of Contractor | : | OEM/Specialized Agency/Registered firm for fire related work |
| 5. | Availability of bid document in the website | : | 11.00 hours 28.03.2026 to 17.00 hours of 06.04.2026 |
| 6. | Date of Opening of tenders | : | 11.30 hours on dated 07.04.2026 |
| 7. | The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only. | | |

Superintending Engineer
Sambalpur (R&B) Division No. II
OIPR-34001/34136/1/25-26/0001

# ଛାତ୍ରୀଛାତ୍ରଙ୍କ ବିକାଶରେ ମାନବୀୟ ମୂଲ୍ୟବୋଧ ଜରୁରୀ

## କୁମାରକେଳି ୟୁପି ସ୍କୁଲର ବାର୍ଷିକ ଉତ୍ସବ ସ୍ପନ୍ଦନ

ଅମରପାଲି,୨୪।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ କୁମାରକେଳି ୟୁପି ସ୍କୁଲର ବାର୍ଷିକ ଉତ୍ସବ ସ୍ପନ୍ଦନ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷୀକେଶ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ ଆଧ୍ୟାତ୍ମିକ ଶିକ୍ଷା, ମାନବୀୟ ମୂଲ୍ୟବୋଧ ସହିତ ନୈତିକ ଶିକ୍ଷା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସାଗରପାଲି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବନବାସ ମେହେର ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ସହିତ ବର୍ତ୍ତମାନର ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମହଦା ସରପଞ୍ଚ ଆନନ୍ଦିନି ଶତପଥୀ, ବିଶିଷ୍ଟ କୋଶଲୀ କବି ପ୍ରଜ୍ଞାପ୍ରାଣ ଲୋକନାଥ ଦଳବେହେରା,ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ରଞ୍ଜନ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଅଚ୍ୟୁତ ରଣା ସଭା ସଂଯୋଜନା କରିଥିଲେ। ଶିକ୍ଷକ ବନମାଳୀ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନରେନ୍ଦ୍ର ନାଗ ବାର୍ଷିକ ବିବରଣୀ ପ୍ରଦାନ ଓ ଜୟଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାରାୟଣ ଲୁହାଙ୍କୁ ଭୀମ ଭୋଇ ସେବା ସମ୍ମାନ, ପ୍ରଭାସ ମେହେରଙ୍କୁ ଭୀମ ଭୋଇ ସାଧକ ସମ୍ମାନ ଓ ଶାନ୍ତନୁ ମୁନାଙ୍କୁ ଭୀମ ଭୋଇ କଣ୍ଠଶିଳ୍ପୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ମମି ପ୍ରଧାନଙ୍କୁ ଶ୍ରେଷ୍ଠ ଛାତ୍ରୀ, ସବନିକା ପଧାନଙ୍କୁ ଶ୍ରେଷ୍ଠ ମେଧାବୀ ଛାତ୍ରୀ, ସ୍ମୃତିରେଖା ଖୁରାଙ୍କୁ ବହୁମୁଖୀ ପ୍ରତିଭା, ଶ୍ରେଷ୍ଠ ନେତୃତ୍ୱ ପାଇଁ ସ୍ନିଗ୍ଧାରାଣୀ ଦାସ, ଯୋଗେଶ ପଧାନଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ସ୍କୁଲର ପ୍ରାଚୀରପତ୍ର ମହକକୁ ଉନ୍ମୋଚନ କରାଯାଇଥିଲା। ସାମିଲ ପ୍ରସାଦ ଦାସଙ୍କ ନିର୍ଦ୍ଦେଶନାରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଓ ସ୍କୁଲର ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ହିନ୍ଦୁଧର୍ମର ସୁରକ୍ଷା ପାଇଁ ଏକଜୁଟ ହୁଅ



ଗୌଡ଼ଗାଡରେ ଏକତ୍ରିତ ହୋଇଥିବା ଶ୍ରଦ୍ଧାଳୁ।

## ପଞ୍ଚକୁଣ୍ଡୀୟ ମହାଯଜ୍ଞ, ହିନ୍ଦୁ ମହାସଭା

ଅମରପାଲି,୨୪।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୌଡଗାଡ ଗ୍ରାମରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ତରଫରୁ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଏବଂ ହିନ୍ଦୁ ମହାସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗଡିଆ ମୁଖ୍ୟ ଅତିଥି, ସଙ୍ଗଠନର କେନ୍ଦ୍ରୀୟ ମନ୍ତ୍ରୀ ମନୋଜ ସାହୁ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ପ୍ରାନ୍ତ ସଭାପତି ଦୀପକ ମହନ୍ତ, ଶ୍ରୀଶ୍ରୀ ଶ୍ୟାମ ସୁନ୍ଦର କୁଞ୍ଜ କୁଟୀର ବରାହ ପଦର ମଠ ବଡଖମାର ମଠର ମହନ୍ତ ବାବା ସଦାନନ୍ଦ ଦାସଜୀ ମହାରାଜ, ଗୁଦୁଗୁଦା ଗୋପେଶ୍ୱର ମଠର ମହାରାଜ ଶ୍ରୀଶ୍ରୀ ଅତ୍ରିଚୈତନ୍ୟ ଦାସଜି ମହାରାଜ, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସୁବର୍ଣ୍ଣପୁର ଜିଲା ସଭାପତି ମଙ୍ଗୁଲୁ ଘିବିଲା, ସମ୍ପାଦକ ଘନଶ୍ୟାମ କଲତା, ଶ୍ରୀଶ୍ରୀ ପାତାଳୀ ଶ୍ରୀକ୍ଷେତ୍ର ମୁଖ୍ୟ ପୁରୋହିତ ଦେବାର୍ଚ୍ଚନ ଦାସ, ସ୍ଥାନୀୟ ସରପଞ୍ଚ ନିରୁପମା ସେଠି ଗ୍ରାମର ଗୌନ୍ତିଆ ଶରଦ ଚନ୍ଦ୍ର ବସ୍ତିଆ, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ବିଭାଗ ସଙ୍ଗଠନ ମନ୍ତ୍ରୀ ସୁଶୀଲ କୁମାର ସେଠୀ ମଞ୍ଚରେ ଉପସ୍ଥିତ ଥିଲେ। ଡ. ତୋଗଡିଆ ତାଙ୍କ ବକ୍ତବ୍ୟରେ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହେବାକୁ ଉଦ୍‌ବୋଧନ ଦେଇଥିଲେ। ଗାଁମୁଣ୍ଡରୁ ତୋଗଡିଆଙ୍କୁ ଏକ ଭବ୍ୟ ଶୋଭାଯାତ୍ରାରେ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ଅଣାଯାଇଥିଲା। ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ସାମୂହିକ ହନୁମାନ ଚାଳିଶା ପଠନ ଉପରେ ଗୁରୁତ୍ୱ ଦେବାକୁ ତୋଗଡିଆ ଆହ୍ୱାନ କରିଥିଲେ।



ଚୈତ୍ର ନବରାତ୍ରର ଷଷ୍ଠ ଦିନରେ ସୋନପୁରରେ ମା' ସୁରେଶ୍ୱରୀଙ୍କ ଧୂମାବତୀ ବେଶ।

# ପ୍ରବୀଣ ତୋଗାଡ଼ିଆଙ୍କ ପାତାଳୀ ଶ୍ରୀକ୍ଷେତ୍ର ପରିଦର୍ଶନ

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)

ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଅଧ୍ୟକ୍ଷ ଡ଼ ପ୍ରବୀଣଭାଇ ତୋଗାଡିଆ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ କରିଥିଲେ। ତାଙ୍କୁ କୋଟସମଲାଇ ଗ୍ରାମ ପ୍ରବେଶ ପଥରେ ଶ୍ରୀପାତାଳି କ୍ଷେତ୍ର ଟ୍ରଷ୍ଟ ଏବଂ ଅଞ୍ଚଳର ଜନସାଧାରଣ ସ୍ୱାଗତ କରିଥିଲେ। ପାରମ୍ପରିକ ବାଦ୍ୟ ଢୋଲ, ନିଶାନ, ତାସା ଓ ସଂକୀର୍ତ୍ତନ ଶୋଭାଯାତ୍ରାରେ ପାତାଳି ଶ୍ରୀକ୍ଷେତ୍ରକୁ ଅଣାଯାଇଥିଲା। ଛଳିଆ ପାହାଡ଼ ଶ୍ରୀଜଗନ୍ନାଥ ମନ୍ଦିରରେ ସେବାୟତ ସଂଘ ସଭାପତି ଗୋପାଳ ପଣ୍ଡାଙ୍କ ସମେତ ଶତାଧିକ ସେବାୟତ ବେଦପାଠ କରି ସ୍ୱାଗତ କରିଥିଲେ। ସେଠାରେ ଡ. ତୋଗାଡ଼ିଆ ଠାକୁରଙ୍କ ଦର୍ଶନ କରି ପୂଜା ଆରାଧନା କରିଥିଲେ। ସେଠାରୁ ଗେଷ୍ଟ ହାଉସ ଯାଇ ଟ୍ରଷ୍ଟ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ବୌଦ୍ଧିକ ମଣ୍ଡପଠାରେ ସମବେତ କାର୍ଯ୍ୟକର୍ତ୍ତାଙ୍କୁ ସୁସ୍ଥ, ସମୃଦ୍ଧ, ସଂସ୍କୃତି ସମ୍ପନ୍ନ ପରିବାର ଓ ହିନ୍ଦୁତ୍ୱ ଆଧାରିତ ବାର୍ତ୍ତା ପ୍ରଦାନ କରିଥିଲେ। ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗଡ଼ତ୍ୟା ଚମରା ଅମାତ, ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ର, ଜାନକୀରାମ ଦେହୁରୀ ଓ ଜଗଦୀଶ କର୍ଣ୍ଣ ଉପସ୍ଥିତ ଥିଲେ।



ଟ୍ରଷ୍ଟ କର୍ମକର୍ତ୍ତା ଓ ସେବାୟତଙ୍କ ଗହଣରେ ଡ. ପ୍ରବୀଣଭାଇ ତୋଗାଡିଆ।


No.4001/92/2526

GRIDCO
Empowering Odisha

**GRIDCO LIMITED**

(A Govt. of Odisha Undertaking)
Regd. Office: Janpath, Bhubaneswar-751022, Odisha

**NOTIFICATION**

**BULK SUPPLY PRICE EFFECTIVE FROM 1st APRIL, 2026**

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an Order on 24.03.2026 in Case Nos. 122 of 2025 and 123 of 2025 (Revised Truing Up for the FY 2023-24 & Truing Up for the FY 2024-25) with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2026 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price determined by OERC as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (F) below and applicable for supply of power with effect from 01.04.2026 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| TPCODL | - | 331.00 | paise per kWh |
| TPNODL | - | 344.00 | paise per kWh |
| TPWODL | - | 379.00 | paise per kWh |
| TPSODL | - | 190.00 | paise per kWh |

(B) **Charges for Overdrawal of Energy:** Any over drawal of energy by the Distribution Licensee(s) beyond their schedule will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till effective implementation of Intra-State DSM Regulations, 2025 in the State. After that it shall be subject to the provisions of the said Regulations.

(C) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2026-27. Permitted SMD would mean monthly SMD recorded upto maximum of 5% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per kVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per kVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(D) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(E) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website www.orierc.org as well as in the website of GRIDCO Ltd. www.gridco.co.in

Bhubaneswar
Dt.24.03.2026
OIPR-4001/4056/1/25-26/0003

Sd./- Managing Director
GRIDCO Ltd.


# ଲୋକ ମହୋତ୍ସବ ମାଲେଶ୍ରୀ ଉଦ୍‌ଯାପିତ



ମାହେଶ୍ୱରୀ ଲୋକ ମହୋତ୍ସବର ଅନ୍ତିମ ସନ୍ଧ୍ୟାର ଅତିଥି।

## ଅର୍ଚ୍ଚନା ପାଢ଼ୀଙ୍କ କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକଙ୍କ ଭିଡ଼

ବୀରମହାରାଜପୁର,୨୪।୩
(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ନବମ ଲୋକ ମହୋତ୍ସବ ମାଲେଶ୍ରୀ ଓ ପଲ୍ଲିଶ୍ରୀ ମେଳା ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଗତ ୨୦ତାରଖରୁ ଅନୁଷ୍ଠିତ ହୋଇ ଆସୁଥିବା ମାଲେଶ୍ରୀ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ମହୋତ୍ସବ କମିଟି ସଭାପତି ତଥା ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ବିଶିଷ୍ଟ ଅତିଥିଭାବେ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସୁବର୍ଣ୍ଣପୁର ଜିଲା ଯୁବ ବିଜେଡି ସଭାପତି ଅଶୋକ କୁମାର ନନ୍ଦ, ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀ ଓ ଉଲୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଶୋକ ପଣ୍ଡା ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭାର ସଂଯୋଜନା କରିଥିଲେ। ଶେଷ ଦିବସରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ବୀରମହାରାଜପୁର କଲେଜ ଅଧ୍ୟକ୍ଷ ଡ଼ ପ୍ରଫୁଲ୍ଲ କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ନାଟ୍ୟକାର ରାମକୃଷ୍ଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ବର୍ଷ ମାନଙ୍କରେ ତିନିଦିନ ଲୋକ ମହୋତ୍ସବ ଅନୁଷ୍ଠିତ ହେଉଥିବାବେଳେ ଏ ବର୍ଷ ଚାରିଦିନ ହୋଇଥିଲା। ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ଦଳ ସହିତ ଡ଼ ଅର୍ଚ୍ଚନା ପାଢ଼ୀଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ତିମ ରଜନୀରେ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ମହୋତ୍ସବର ସଫଳ ସମାପନ ପାଇଁ କମିଟିର ଅଧ୍ୟକ୍ଷ ତଥା ଉପଜିଲାପାଳ ମେହେର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଦିବ୍ୟାଙ୍ଗଙ୍କ ଅନ୍ତର୍ଭୁକ୍ତି ବିକାଶ, ପୁନର୍ବାସ ପାଇଁ ସମନ୍ୱୟ ବୈଠକ




ସମନ୍ୱୟ ବୈଠକରେ ଅତିଥି ଓ ଅଧିକାରୀବୃନ୍ଦ।

ସୋନପୁର,୨୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଉପକଣ୍ଠ ଧୂବାମୁଣ୍ଡା ରେଆର୍ ସମ୍ମିଳନୀ କକ୍ଷରେ ରେଆର୍ ତରଫରୁ ଓ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ସହାୟତାରେ ମଙ୍ଗଳବାର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଅନ୍ତର୍ଭୁକ୍ତି ବିକାଶ ଓ ପୁନର୍ବାସ ପାଇଁ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ୟୁନିଟର କେଶବ ମେହେର, ଏସବି ଆରସେଟିର ସତ୍ୟବ୍ରତ ଦାସ, ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ ଶଙ୍କର୍ଷଣ ମହନ୍ତ, ଜିଲା ମୁଖ୍ୟ କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ, ଜିଲା ନିଯୋଜନ ଅଧିକାରୀ ସଞ୍ଜୁ କୁମାରୀ ସାହୁ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପାଇଁ ଜୀବନ ଜୀବିକା ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଂଯୋଜନା କରିଥିବା ବେଳେ ମନଗତ୍ତୁ ଯୁଆଡ଼ି ଧନ୍ୟବାଦ ଅର୍ପଣ କରିଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଭୁବନେଶ୍ୱରର ଏକ ପ୍ରତିଷ୍ଠିତ, ରିଅଲ ଇଷ୍ଟେଟ କମ୍ପାନୀ, ରସୁଲଗଡ ଅଫିସ ପାଇଁ Marketing Manager-10, M/F, Telecaller-10 (Female), (Min 2 years experience) Receptionist-1 (Female), Fixed Salary + High Incentives
Contact:8093000604

WANTED
Marketing Persons Required only Female for a used Car Showroom in Bhubaneswar with Finance Business also attractive salary + incentives.
Mob : 9078695026 / 7381091234

Urgently Required
ଘରୋଇ ରୋଷେଇ ପାଇଁ ଏକ ମହିଳା ରୋଷେଇଆ ଆବଶ୍ୟକ। ଦରମା- ମାସକୁ ୧୦,୦୦୦/- ରୁ ଆରମ୍ଭ
ଯୋଗାଯୋଗ
9937155500, 7008342979
ସ୍ଥାନ- ପଳାଶୁଣୀ, ଭୁବନେଶ୍ୱର

REQUIRED
POSITION
1. ARCHITECT
Experience in Master Planning and Building design and Multi sector B-Arch.
2. STRUCTURAL ENGINEER
Experience in Building Structural Designing with Stadd Pro and Auto Cad, B-Tech. (Civil)/ Diploma
3. SURVEY ENGINEER/SURVEYOR
Experience in DGPS/Total Station survey and Drafting with good Command in Auto Cad
4. DRAFTSMAN
Experience in Architectural Structural Drafting with Good Command in Auto Cad.
Email : utkalinfra.hr@gmail.com,
Mob : 77353-09675 / 76060-29982
Bhubaneswar, Odisha

ଆବଶ୍ୟକ
ଭୁବନେଶ୍ୱରର ଛୋଟ ପରିବାର ପାଇଁ ଲିଭ୍-ଇନ୍ ଅଭିଜ୍ଞ ମହିଳା ରୋଷେୟା ଆବଶ୍ୟକ। ରହିବା ସହିତ ଖାଇବା ଏବଂ ଭଲ ଦରମାର ସୁବିଧା ଅଛି।
ଆମ ସହିତ ଯୋଗାଯୋଗ କରନ୍ତୁ
9132933333

See Career Appointment on every Wednesday & Saturday

OFFICE OF THE CDM & PHO CUM DMD, NHM, NUAPADA
District Programme Management Unit, NHM
Nuapada, Odisha - 766105
E-mail: nhmnuapada@gmail.com, Phone: (06678) 225908

TENDER CALL NOTICE

No. 901/DPMU/NHM/2026 Date: 20.03.26

No. 10001/140/2526: Sealed tenders are invited from the reputed supplier and Hotel Owners as per details below on annual rate contract basis.

**Tender-A:** EMPANELMENT OF AGENCIES/PRINTERS FOR SUPPLY OF PRINTING RELATED ITEMS.

**Tender-B:** EMPANELMENT FOR PROVIDING COMPUTER CONSUMABLES & OFFICE STATIONERY.

The sealed quotation should reach at O/o. CDM & PHO, Nuapada in any working day by 23.04.26 till 5 P.M. along with all required documents by Speed Post/Regd. Post/reputed Courier (Providing online tracking details) only. The tender will be opened on 24.04.26 at 11.00 A.M. in the Office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from **www.nuapada.odisha.gov.in** from 23.03.26. The undersigned reserves the right to accept or reject any or all the quotations without assigning any reason thereof.

Sd./- CDM & PHO cum DMD, Nuapada
OIPR-10001/10055/1/25-26/0002

No. 34001/260/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
SAMBALPUR (R&B) DIVISION NO. II, SAMBALPUR
E-mail: eesbprnbdivision2@gmail.com, Phone: 0663-2410104
BID IDENTIFICATION No. SE/R and B/SBP II/07 (Online)/2025-26
No. 1379 Dated: 23.03.2026

E-Procurement Notice

| | | | |
|---|---|---|---|
| 1. | The **Superintending Engineer, Sambalpur (R&B) Division No. II, Sambalpur** on behalf of Governor of Odisha, invites Percentage Rate Bids in Single Cover System in ONLINE MODE | | |
| 2. | No. of Works | : | 12 (Twelve) Nos. Fire Extinguisher Works |
| 3. | Tender Cost | : | Rs.6,000/- & Rs.4,000/- each paper |
| 4. | Class of Contractor | : | OEM/Specialized Agency/Registered firm for fire related work |
| 5. | Availability of bid document in the website | : | 11.00 hours 28.03.2026 to 17.00 hours of 06.04.2026 |
| 6. | Date of Opening of tenders | : | 11.30 hours on dated 07.04.2026 |
| 7. | The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only. | | |

OIPR-34001/34136/1/25-26/0001

Superintending Engineer
Sambalpur (R&B) Division No. II

**ସମଲେଇ ମନ୍ଦିରରେ ବାସନ୍ତିକ ଚୈତ୍ରପୂଜା**

କୋଲାବିରା, (ପ୍ରକାଶ ପୂଜାରୀ): ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ସମଲେଇ ମନ୍ଦିରରେ ବାସନ୍ତିକ ଚୈତ୍ରପୂଜା ମଙ୍ଗଳବାରର ସପ୍ତମୀ ତିଥିରୁ ଆରମ୍ଭ ହୋଇଛି। ସୋମବାର ରାତ୍ରରେ ଦେବ ନିମନ୍ତ୍ରଣ ପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସପ୍ତମୀ ପୂଜା, ଚଣ୍ଡୀପାଠ, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାନସିକ ଘଟ ସ୍ଥାପନ କରାଯାଇଛି। ରମିତାର ବାର ଅମରେନ୍ଦ୍ର ପ୍ରତାପ ସିଂହ କର୍ତ୍ତା ଓ ସେବାୟତ ଭଗବାନ ରାଓ ସହକର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଅଚଳ ମିଶ୍ର ପୂଜକ ଦାୟିତ୍ୱରେ ଅଛନ୍ତି। ଏଥିରେ ସେବାୟତ ଦଶରଥ ରାଓ, ପ୍ରେମସେନ ରାଓ, ସମରେନ୍ଦ୍ର ରାଓ, ପଞ୍ଚାନନ ରାଓ, ଶୈଳେନ୍ଦ୍ର ରାଓ, ନିରୁ ରାଓଙ୍କ ସମେତ ଅନ୍ୟ ସେବାୟତ, ମନ୍ଦିର ପୂଜା କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ।



# ବେଆଇନ ପାଉଁଶ ଡମ୍ପିଂ ବିରୋଧରେ ବିକ୍ଷୋଭ

ବେଲପାହାଡ଼/ଲଖନପୁର,୨୪/୩ (ସୁବାସ ପ୍ରଧାନ/ ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଧୀନ ପିପିଲିମାଲରେ ବେଆଇନ ପାଉଁଶ ଡମ୍ପିଂକୁ ବିରୋଧ କରି ଅଞ୍ଚଳବାସୀ ପିପିଲିମାଲ ଖେଳପଡ଼ିଆଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗାଡ଼ିରେ ପାଉଁଶ ଆଣି ଉକ୍ତ ଗ୍ରାମର ଚାଷଜମି, ଖେଳପଡ଼ିଆ, ଜଳାଶୟ ନିକଟରେ ଡମ୍ପିଂ କରି ଫେରାର ହୋଇଯାଉଛନ୍ତି। ଏନେଇ ଅଞ୍ଚଳବାସୀ ସ୍ଥାନୀୟ ପୋଲିସ ଏବଂ ପ୍ରଦୂଷଣ ବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳିପାରୁନାହିଁ। ବିଭିନ୍ନ କମ୍ପାନୀରୁ ଭାରିଯାନ ସହାୟତାରେ ପାଉଁଶ



ପାଉଁଶ ଡମ୍ପିଂକୁ ନେଇ ଅଞ୍ଚଳବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଆଣି ଖୋଲା ସ୍ଥାନରେ ପକାଇ ଦିଆଯାଉଛି। ଫଳରେ ଭାରିଯାନରୁ ପାଉଁଶ ଖସି ରାସ୍ତାର ବିଭିନ୍ନ ସ୍ଥାନରେ ପଡ଼ିରହୁଛି। ପାଉଁଶ ଉଡ଼ି ଲୋକଙ୍କ ଘରେ ପଶୁଥିବାବେଳେ ପରିବେଶ ପ୍ରଦୂଷିତ ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳର ମମତା ଗୌଡ଼ ଏବଂ ବିମଳା ବାଗ୍ କହିଛନ୍ତି, ଏହି ପାଉଁଶଗୁଣ୍ଡ ଘରଦ୍ୱାରକୁ ଉଡ଼ି ଖାଦ୍ୟ, ପାନୀୟରେ ମିଶୁଛି। ଏପରିକି ନିଃଶ୍ୱାସ ନେବାରେ ଅସୁବିଧା ହେଉଛି। ସେହିପରି ସରୋଜ ଛଣ୍ଆଣ, ଧନଞ୍ଜୟ ବଢ଼େଇ କହିଛନ୍ତି, ଏହି ପାଉଁଶ କେଉଁ କମ୍ପାନୀର ଏବଂ କିଏ ଏହାକୁ ପକେଇଛି ତାହା ୧୦ ଦିନ ହେଲାଣି ଜଣାପଡୁନାହିଁ। ପୋଲିସ ପାଖକୁ ଗଲେ ପ୍ରଦୂଷଣ ବିଭାଗ ପାଖକୁ ପଠାଉଛି ଏବଂ ପ୍ରଦୂଷଣ ବିଭାଗ ପାଖକୁ ଗଲେ ପୋଲିସ ପାଖକୁ ପଠାଯାଉଛି। ଫଳରେ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ପାଉଁଶ ଡମ୍ପିଂ ବନ୍ଦ କରିବା ସହ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଅଞ୍ଚଳବାସୀ ବିକ୍ଷୋଭ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ୨୬ରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ସହରରେ ଟ୍ରାଫିକ୍ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରରେ ପରିମଳ ଏବଂ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ବିଶେଷକରି ସହରର ମୁଖ୍ୟ ରାସ୍ତାଗୁଡ଼ିକରେ ବେଆଇନ ଜବରଦଖଲ ଓ ଅବ୍ୟବସ୍ଥିତ ପାର୍କିଂ ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଜିଲାପାଳ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଆଲୋଚନା ସମୟରେ ଝାରସୁଗୁଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଏବଂ ସହକାରୀ ଆରଟିଓ ଉପସ୍ଥିତ ରହି ସହରର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଜିଲାପାଳଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ଜିଲାପାଳ ଚହ୍ୱାଣ କିଷାନ ଚୌକରୁ ପ୍ରସନ୍ନ ପଣ୍ଡା ଚୌକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ବେଆଇନ ଜବରଦଖଲକୁ ତୁରନ୍ତ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତାପାର୍ଶ୍ୱରେ କୌଣସି ପ୍ରକାର ଅସ୍ଥାୟୀ ନିର୍ମାଣ ଯେପରି ଯାତାୟାତରେ ବାଧା ସୃଷ୍ଟି ନ କରେ, ତାହା ନିଶ୍ଚିତ କରିବାକୁ ସେ ପୌରପାଳିକା କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏହାବ୍ୟତୀତ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବେଆଇନ ପାର୍କିଂ ଏବଂ ରାସ୍ତା ପାର୍ଶ୍ୱରେ ଚାଲୁଥିବା ବିଭିନ୍ନ ଗ୍ୟାରେଜ ଉପରେ କଡ଼ା ନଜର ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଓ ଗ୍ୟାରେଜ୍ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଜରିମାନା ଆଦାୟ କରିବାକୁ ସେ ସହକାରୀ ଆରଟିଓଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସହରର ପ୍ରତିଟି କୋଣରେ ପରିମଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ ରଖିବା ସହ ନିୟମିତ ସଫେଇ ଜାରି ରଖିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

## ମାଲିମୁଣ୍ଡା କ୍ରିକେଟ୍ ଷ୍ଟାଡିୟମର ହେବ ଉନ୍ନତୀକରଣ

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ମାଲିମୁଣ୍ଡା କ୍ରିକେଟ୍ ଷ୍ଟାଡିୟମ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଷ୍ଟାଡିୟମ ପରିସରରେ ନିର୍ମାଣାଧୀନ ଅତ୍ୟାଧୁନିକ ସୁଇମିଂପୁଲ୍‌ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ଜିଲାପାଳ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ସୁଇମିଂପୁଲ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ବାହୀଯନ୍ତ୍ରୀଙ୍କୁ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ କ୍ରୀଡ଼ାବିତ୍ ଏବଂ ଜନସାଧାରଣ ଖୁବ୍‌ଶୀଘ୍ର ସୁବିଧା ପାଇପାରିବେ। ଉଲ୍ଲେଖଯୋଗ୍ୟ, ମାଲିମୁଣ୍ଡା କ୍ରିକେଟ୍ ଷ୍ଟାଡିୟମକୁ ଅନ୍ତର୍ଜାତୀୟ ସ୍ତରୀର ଷ୍ଟାଡିୟମ ଭାବେ ଗଢ଼ି ତୋଳିବା ପାଇଁ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଏହି ରୂପାନ୍ତରୀକରଣ କାର୍ଯ୍ୟ ପାଇଁ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ଜରିଆରେ ବିଶିଷ୍ଟ କ୍ରୀଡ଼ା ଭିତ୍ତିଭୂମି ବିକାଶ ସଂସ୍ଥା 'ଏଲ.ଆର୍. ବ୍ରଦର୍ସ'କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସଂସ୍ଥା ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମର ପରିଚାଳନା ଦାୟିତ୍ୱରେ ମଧ୍ୟ ରହିଛି।

## 'ଆଧୁନିକ ଯୁଗରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଅପରିସୀମ'




କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

**ରାଜ୍ୟସ୍ତରୀୟ ଟେକ୍ନୋମାନିଆ ୩.୦ ଉଦ୍‌ଘାଟିତ**

ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍ନିକାଲ ଷ୍ଟୁଡେଣ୍ଟ ଚାପ୍ଟର ପକ୍ଷରୁ ରାଜ୍ୟସ୍ତରୀୟ ଟେକ୍‌ଫେଷ୍ଟ ଟେକ୍ନୋମାନିଆ ୩.୦ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଆଧୁନିକ ଯୁଗରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଅପରିସୀମ। ଆଗାମୀ ଦିନରେ ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନେଇ ଏଭଳି ପ୍ରତିଯୋଗିତା ଆୟୋଜନ କଲେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି ହେବ। ଅନୁଷ୍ଠାନର ଅଧ୍ୟକ୍ଷା ରିନତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷକ ଆଶିଷ ଲେଙ୍କା, ଆଦାନୀ ତଳାବିରା ମାଇନ୍ସର ମାନବ ସମ୍ବଳ ମୁଖ୍ୟ ପ୍ରଭାକର ସିଂ ଯୋଗଦେଇଥିଲେ। ଏହି ଦୁଇଦିନିଆ ମହୋତ୍ସବରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ପଲିଟେକ୍‌ନିକ୍ ଅନୁଷ୍ଠାନର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଭିଲ ବିଭାଗର ମୁଖ୍ୟ ତଥା ଇଭେଣ୍ଟ କୋଅର୍ଡିନେଟର ଅମିତ କୁମାର ସାହୁ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେଉଥିବା ୫ଟି ପ୍ରତିଯୋଗିତା ବିଷୟରେ ଅବଗତ କରାଇଥିଲେ। ଆଇଟି ବିଭାଗ ମୁଖ୍ୟ ଡ. ଅନିତା ବ୍ରହ୍ମା ଏବଂ ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ଅଷ୍ଟମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ନିଯୁକ୍ତି ମେଳା: ୧୧୬ ପ୍ରାର୍ଥୀଙ୍କ ସାକ୍ଷାତ୍‌କାର

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ଜିଲା ପ୍ରଶାସନ ଏବଂ ଜିଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମ୍‌ଏଫ୍ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଏହି ମେଳାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶିକ୍ଷିତ ଯୁବତୀ, ଯୁବକ ଯୋଗଦେଇଥିଲେ। ଏହି ନିଯୁକ୍ତି ମେଳାରେ ମୋଟ ୫ଟି ପ୍ରତିଷ୍ଠିତ କମ୍ପାନୀ ଅଂଶଗ୍ରହଣ କରି ପ୍ରାର୍ଥୀମାନଙ୍କ ଯୋଗ୍ୟତା ଭିତ୍ତିରେ ସାକ୍ଷାତ୍‌କାର ଗ୍ରହଣ କରିଥିଲେ। ତଥ୍ୟ ଅନୁଯାୟୀ, ଦିନତମାମ ଚାଲିଥିବା ଏହି ପ୍ରକ୍ରିୟାରେ ସମୁଦାୟ ୧୧୬ ଜଣ ଆଶାୟୀ ପ୍ରାର୍ଥୀ ପହଞ୍ଚି ନାମ ପଞ୍ଜୀକରଣ କରିବା ସହ ବିଭିନ୍ନ ପଦବୀ ପାଇଁ ସାକ୍ଷାତ୍‌କାର ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୩୫ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ କମ୍ପାନୀଗୁଡ଼ିକ ପକ୍ଷରୁ ତାଲିକାଭୁକ୍ତ କରାଯାଇଛି। ଚୟନ ପ୍ରକ୍ରିୟାର ଚୂଡ଼ାନ୍ତ ତାଲିକା ଆସନ୍ତା ଏକ ସପ୍ତାହ ମଧ୍ୟରେ ପ୍ରକାଶ ପାଇବ।

## ଜନଗଣନା ପ୍ରଶିକ୍ଷଣ ଶିବିର

ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)

୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ୍ ଭାବେ ସମ୍ପାଦନା କରିବା ଲକ୍ଷ୍ୟରେ ଦେବଗଡ଼ ପ୍ରଶାସନ ପକ୍ଷରୁ ଜିଲା ଓ ବ୍ଲକ୍ ଅଞ୍ଚଳର ଶିକ୍ଷକମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଶିବିରରେ ମାର୍ଚ୍ଚ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଆଦର୍ଶ ମହାବିଦ୍ୟାଳୟର ଦୁଇଟି କ୍ଲାସ୍‌ରୁମ୍‌ରେ ୧୦୦ ଜଣ ଶିକ୍ଷକଙ୍କୁ ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ ଏନୁମେରେଟର୍ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦେବା ସହ ବିଭିନ୍ନ ଆବଶ୍ୟକ ଦିଗ ଉପରେ ତାଲିମ ଦିଆଯାଇଥିଲା। ମାଷ୍ଟର ଟ୍ରେନର ଡେପୁଟି କଲେକ୍ଟର ମୁକେଶ ଭୋଇ, ସୌମ୍ୟା ଶୁଚିସ୍ମିତା, କଳିଙ୍ଗ ଆଶିଷ ଶତପଥୀ, ଅତିରିକ୍ତ ତହସିଲଦାର ଦୟାଲ ଓମ୍ ପ୍ରକାଶ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ସତର୍କତା ଏବଂ ଦାୟିତ୍ୱବୋଧ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନଗଣନା କାର୍ଯ୍ୟକ୍ରମ ଦେଶର ସାମାଜିକ ଓ ଆର୍ଥିକ ପରିକଳ୍ପନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ତେଣୁ ଏହାକୁ ଠିକ୍ ଓ ସ୍ୱଚ୍ଛତା ପୂର୍ବକ ସମ୍ପାଦନା କରିବାକୁ ସମସ୍ତଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣା: ତଦନ୍ତ କଲା ସାଇଣ୍ଟିଫିକ୍ ଟିମ୍

ଦେବଗଡ଼,୨୪।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ ମହ୍ଲାରବାହାଳ ଗ୍ରାମର ଏକ ଧାନବିଲରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜବତ କରାଯାଇଥିବା ଜଣେ ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମଙ୍ଗଳବାର ବୁର୍ଲା ଡାକ୍ତରଖାନା ପଠାଯାଇଛି। ମୃତା ମହିଳା ହେଲେ ଲକ୍ଷ୍ମୀପ୍ରିୟା ସାହୁ। ତାଙ୍କୁ ହତ୍ୟା ପରେ ଜାଳିଦେବା ଘଟଣାରେ ସ୍ୱାମୀ ଯଶୋବନ୍ତ ସାହୁଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁଯାୟୀ, ସୋମବାର ସକାଳେ ମହ୍ଲାରବାହାଳ ଗ୍ରାମ ନିକଟସ୍ଥ ଏକ ଧାନ ବିଲରେ ଲକ୍ଷ୍ମୀପ୍ରିୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା କେତେଜଣ ଛେଳି ଚରାଳି ଦେଖି ଖଇରପାଲି ଫାଣ୍ଡି ପୋଲିସକୁ ଜଣାଇଥିଲେ। ଫାଣ୍ଡି ଅଧିକାରିଣୀ ବିଷ୍ଣୁପ୍ରିୟା ରଣା ସଦଳବଳେ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଖବରପାଇ ଲକ୍ଷ୍ମୀପ୍ରିୟାଙ୍କ ଭାଇ ଭୁଲକାବାହାଳ ଗ୍ରାମର ମୁରଲୀଧର ସାହୁ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ପୋଲିସକୁ ଲିଖିତ ଏତଲା ଦେଇଥିଲେ। ଏଥିରେ ସେ ତାଙ୍କ ବଡ ଭଉଣୀ ଲକ୍ଷ୍ମୀପ୍ରିୟାଙ୍କର ମୃତ୍ୟୁ ସନ୍ଦେହଜନକ ବୋଲି ଦର୍ଶାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଯଶୋବନ୍ତ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ମାଡ ମାରୁଥିଲେ। ତେଣୁ ସେ ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

## ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ ପାଳିତ

ଝାରସୁଗୁଡ଼ା,୨୪।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲର ୨୮ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଏଭି କଲେଜ ମ୍ୟାନେଜିଂ କମିଟି ସମ୍ପାଦକ ତଥା ସ୍କୁଲ ମ୍ୟାନେଜିଂ କମିଟି ଚେୟାରମ୍ୟାନ ଡ. ମହେଶ ଚୋପ୍ରା, ଓଡ଼ିଶା ଡିଏଭି ବିଦ୍ୟାଳୟ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଓ ଡିଏଭି ବିଦ୍ୟାଳୟ ସମୂହ ଜୋନ-ସି'ର ଆଞ୍ଚଳିକ ଅଫିସର ତଥା ସ୍କୁଲ ମ୍ୟାନେଜିଂ କମିଟି ମ୍ୟାନେଜର ଡ. ସୁଜାତା ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ସଭାପତିତ୍ୱ କରିଥିଲେ। ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରାକ୍ତନ ଉପଦେଷ୍ଟା ତଥା ବୈଜ୍ଞାନିକ ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନରେ ଲକ୍ଷ୍ୟ ହାସଲ ପାଇଁ ଦୃଢ଼ ସଂକଳ୍ପ ନେବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରରୁ ୧୧୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ନୃତ୍ୟ ପ୍ରଦର୍ଶନ କରିଥିଲେ।

## ସରକାରୀ ଜମିରେ ବେଆଇନ ପାର୍କିଂ

ବ୍ରଜରାଜ ନଗର, ୨୪।୩ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜ ନଗରଠାରେ ଥିବା ସରକାରୀ ଜମିରେ ବେଆଇନ ପାର୍କିଂ କରାଯାଉଛି। ରାଜପଥ-୪୯ଠାରୁ ୯ ନମ୍ବର ଛକ ଦେଇ କୋଇଲା ଖଣିକୁ ଯାଇଥିବା ବାଇପାସ୍ ରାସ୍ତା ପାର୍ଶ୍ୱ ପ୍ରାୟ ୩/୪ ଏକର ସରକାରୀ ଜମିରେ ଏହି ବେଆଇନ ପାର୍କିଂୟାର୍ଡ ଦୀର୍ଘଦିନ ଧରି ପୌର ପ୍ରଶାସନ ସୁରକ୍ଷାରେ ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏଠାରେ ରହୁଥିବା ପ୍ରତ୍ୟେକ ଟ୍ରକ୍‌ରୁ ୩୦ ଟଙ୍କା ଲେଖାଏ ବେଆଇନ ଭାବେ ଆଦାୟ କରାଯାଉଛି। ହେଲେ ଏ ଦିଗରେ ପୌର କର୍ତ୍ତୃପକ୍ଷ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏହାକୁ ନେଇ ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶନିବାର ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ଫ୍ଲାଏଆଶ୍ ଦ୍ୱାରା ଜମି ସମତଳ କରୁଥିବା ଏକ ହାଇୱାକୁ ଜବତ କରିଥିଲେ। ଏହାକୁ ନେଇ ସମଗ୍ର ସିଣ୍ଡିକେଟ୍ ଓ ଅଞ୍ଚଳରେ ବିବାଦ ଦେଖାଦେଇଛି। ତହସିଲଦାର କହିଛନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦ୍ୱାରା ଯାଞ୍ଚ କରାଯିବ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ବେଆଇନ ପାର୍କିଂରେ ଥିବା ଗାଡ଼ିଗୁଡ଼ିକୁ ନୋଟିସ୍ ଜାରି କରାଯାଇ ଖୁବ୍‌ଶୀଘ୍ର ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯିବ। ଅପରପକ୍ଷେ ଓରିଆଣ୍ଟ ଥାନାଧିକାରୀ କ୍ଷମା ସାଗର ନାୟକ କହିଛନ୍ତି, ଏଭଳି ଅବ୍ୟବସ୍ଥିତ ପାର୍କିଂ ଯୋଗୁ ଡିଜେଲ ଓ ବ୍ୟାଟେରି ଚୋରି ଘଟଣା ବଢୁଛି, ଯାହା ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ତେଣୁ ଏକ ବ୍ୟବସ୍ଥିତ ପାର୍କିଂ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏପଟେ ରାଜସ୍ୱ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ କଠୋର ନିର୍ଦ୍ଦେଶ ଥିଲେ ମଧ୍ୟ ପୌର କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ଅଞ୍ଚଳବାସୀଙ୍କୁ ଅସନ୍ତୁଷ୍ଟ କରିଛି। ଏ ସମ୍ପର୍କରେ ପୌର ପ୍ରଶାସନର ଟ୍ୟାକ୍ସ ବିଭାଗ ମୁଖ୍ୟ କେ. ସି. ସାହୁଙ୍କୁ ପଚାରିବାରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ବର୍ତ୍ତମାନ ପ୍ରଶାସନ କଠୋର ପଦକ୍ଷେପ ନେବା ଆରମ୍ଭ କରିଥିବାରୁ ଆଗାମୀ ଦିନରେ ଏହି ବେଆଇନ ପାର୍କିଂ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯିବା ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି।

No.4001/92/2526

GRIDCO
Empowering Odisha

**GRIDCO LIMITED**
(A Govt. of Odisha Undertaking)
Regd. Office: Janpath, Bhubaneswar-751022, Odisha

**NOTIFICATION**

**BULK SUPPLY PRICE EFFECTIVE FROM 1st APRIL, 2026**

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an Order on 24.03.2026 in Case Nos. 122 of 2025 and 123 of 2025 (Revised Truing Up for the FY 2023-24 & Truing Up for the FY 2024-25) with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2026 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price determined by OERC as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (F) below and applicable for supply of power with effect from 01.04.2026 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| TPCODL | - | 331.00 | paise per kWh |
| TPNODL | - | 344.00 | paise per kWh |
| TPWODL | - | 379.00 | paise per kWh |
| TPSODL | - | 190.00 | paise per kWh |

(B) **Charges for Overdrawal of Energy:** Any over drawal of energy by the Distribution Licensee(s) beyond their schedule will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till effective implementation of Intra-State DSM Regulations, 2025 in the State. After that it shall be subject to the provisions of the said Regulations.

(C) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2026-27. Permitted SMD would mean monthly SMD recorded upto maximum of 5% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per kVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per kVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(D) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(E) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website www.orierc.org as well as in the website of GRIDCO Ltd. www.gridco.co.in

Bhubaneswar
Dt.24.03.2026
OIPR-4001/4056/1/25-26/0003

Sd./- Managing Director
GRIDCO Ltd.

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
ଭୁବନେଶ୍ୱରର ଏକ ପ୍ରତିଷ୍ଠିତ, ରିଅଲ ଇଷ୍ଟେଟ କମ୍ପାନୀ, ରସୁଲଗଡ ଅଫିସ ପାଇଁ Marketing Manager-10, M/F, Telecaller-10 (Female), (Min 2 years experience) Receptionist-1 (Female), Fixed Salary + High Incentives
Contact:8093000604

**WANTED**
Marketing Persons Required only Female for a used Car Showroom in Bhubaneswar with Finance Business also attractive salary + incentives.
Mob : 9078695026 / 7381091234

**Urgently Required**
ଘରୋଇ ରୋଷେଇ ପାଇଁ ଏକ ମହିଳା ରୋଷେଇଆ ଆବଶ୍ୟକ।
ଦରମା- ମାସକୁ ୧୦,୦୦୦/- ରୁ ଆରମ୍ଭ
ଯୋଗାଯୋଗ
9937155500, 7008342979
ସ୍ଥାନ- ପଳାଶୁଣୀ, ଭୁବନେଶ୍ୱର

**REQUIRED**
POSITION
1. ARCHITECT
Experience in Master Planning and Building design and Multi sector B-Arch.
2. STRUCTURAL ENGINEER
Experience in Building Structural Designing with Stadd Pro and Auto Cad, B-Tech. (Civil)/ Diploma
3. SURVEY ENGINEER/SURVEYOR
Experience in DGPS/Total Station survey and Drafting with good Command in Auto Cad
4. DRAFTSMAN
Experience in Architectural Structural Drafting with Good Command in Auto Cad.
Email : utkalinfra.hr@gmail.com,
Mob : 77353-09675 / 76060-29982
Bhubaneswar, Odisha

**ଆବଶ୍ୟକ**
ଭୁବନେଶ୍ୱରର ଛୋଟ ପରିବାର ପାଇଁ ଲିଭ୍-ଇନ୍ ଅଭିଜ୍ଞ ମହିଳା ରୋଷେୟା ଆବଶ୍ୟକ। ରହିବା ସହିତ ଖାଇବା ଏବଂ ଭଲ ଦରମାର ସୁବିଧା ଅଛି।
ଆମ ସହିତ ଯୋଗାଯୋଗ କରନ୍ତୁ
9132933333

See Career Appointment on every Wednesday & Saturday

**OFFICE OF THE CDM & PHO CUM DMD, NHM, NUAPADA**
District Programme Management Unit, NHM
Nuapada, Odisha - 766105
E-mail: nhmnuapada@gmail.com, Phone: (06678) 225908

**TENDER CALL NOTICE**

No. 901/DPMU/NHM/2026 Date: 20.03.26

No. 10001/140/2526: Sealed tenders are invited from the reputed supplier and Hotel Owners as per details below on annual rate contract basis.

**Tender-A:** EMPANELMENT OF AGENCIES/PRINTERS FOR SUPPLY OF PRINTING RELATED ITEMS.

**Tender-B:** EMPANELMENT FOR PROVIDING COMPUTER CONSUMABLES & OFFICE STATIONERY.

The sealed quotation should reach at O/o. CDM & PHO, Nuapada in any working day by 23.04.26 till 5 P.M. along with all required documents by Speed Post/Regd. Post/reputed Courier (Providing online tracking details) only. The tender will be opened on 24.04.26 at 11.00 A.M. in the Office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from **www.nuapada.odisha.gov.in** from 23.03.26. The undersigned reserves the right to accept or reject any or all the quotations without assigning any reason thereof.

Sd./- CDM & PHO cum DMD, Nuapada
OIPR-10001/10055/1/25-26/0002

No. 34001/260/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR**
E-mail: eesbprnbdivision2@gmail.com, Phone: 0663-2410104
BID IDENTIFICATION No. SE/R and B/SBP II/07 (Online)/2025-26
No. 1379 Dated: 23.03.2026

**E-Procurement Notice**

| | | | |
|---|---|---|---|
| 1. | The **Superintending Engineer, Sambalpur (R&B) Division No. II, Sambalpur** on behalf of Governor of Odisha, invites Percentage Rate Bids in Single Cover System in ONLINE MODE | | |
| 2. | No. of Works | : | 12 (Twelve) Nos. Fire Extinguisher Works |
| 3. | Tender Cost | : | Rs.6,000/- & Rs.4,000/- each paper |
| 4. | Class of Contractor | : | OEM/Specialized Agency/Registered firm for fire related work |
| 5. | Availability of bid document in the website | : | 11.00 hours 28.03.2026 to 17.00 hours of 06.04.2026 |
| 6. | Date of Opening of tenders | : | 11.30 hours on dated 07.04.2026 |
| 7. | The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only. | | |

Superintending Engineer
Sambalpur (R&B) Division No. II
OIPR-34001/34136/1/25-26/0001

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୧ ଗୁରୁତର

ଜୁନାଗଡ଼,୨୪।୩(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଉଣ୍ଡି ମଣ୍ଡି ନିକଟରେ ବୁଧବାର ରାତି ୮ରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଉଭୟେ ଦେଉଣ୍ଡି ଗ୍ରାମର ବାସିନ୍ଦା। ମୃତ ଯୁବକ ହେଲେ ଅଭି ଶବର (୨୮) ଓ ଗୁରୁତର ଯୁବକ ହେଲେ ଜାମିନୀ ପୁଞ୍ଜି (୩୦)। ଗୁରୁତର ଥିବା ଜାମିନୀଙ୍କୁ ଆମ୍ବୁଲାନ୍ସ ଜରିଆରେ ପ୍ରଥମେ ଜୁନାଗଡ଼ ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପଟେ ଖବର ପାଇ ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


ଅଭି ଶବର

### ମାର୍ଚ୍ଚ ୨୭ରେ ନୂଆପଡ଼ା କବାଡ଼ି ପ୍ରିମିୟର ଲିଗ୍

ନୂଆପଡ଼ା, ୨୪।୩ (ମକାରୁ ବେମାଲ): ନୂଆପଡ଼ା କବାଡି ପ୍ରିମିୟର ଲିଗ ମାର୍ଚ୍ଚ ୨୭ରୁ ସ୍ଥାନୀୟ ପୋଲିସ ପଡିଆଠାରେ ଅନୁଷ୍ଠିତ ହେବ। ଉଭୟ ମହିଳା ଓ ପୁରୁଷ ବିଭାଗ କବାଡି ପ୍ରତିଯୋଗିତାରେ ବହୁ ନାମିଦାମୀ ଖେଳାଳି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମାଧବ ଚ୍ୟାଲେଞ୍ଜର୍ସ, ବିଂଝାଳ ୱାରିଅର, ମହାକାଳ, ଆପନା ମିଟି ଆପନା ଖେଳ, ଯୋଗେଶ୍ୱର ବୁଲର୍ସ, ଉମେଶ ୟୁ ମୁମ୍ବାଇ, ଦେବାଂଶ ଓ ଏଙ୍ଗରୀ ବୁଲର୍ସ ଦଳ ଅଂଶଗ୍ରହଣ କରିବେ। ମାର୍ଚ୍ଚ ୨୭ରୁ ଆରମ୍ଭ ହୋଇ ୨୯ରେ ସମାପନ ହେବ ବୋଲି ଜିଲା କବାଡି ଖେଳାଳି ସଂଘ ସଭାପତି ହରିଶ କୁମାର ଅହିର ସୂଚନା ଦେଇଛନ୍ତି।

### ୮୦ ଛୁଇଁଲେ ବି ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧାବୃଦ୍ଧ



ଥୁଆମୂଳ ରାମପୁର, ୨୪।୩ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଗ୍ରାମାଞ୍ଚଳରେ ପ୍ରଶାସନିକ ଉଦାସୀନତା ଯୋଗୁ ଅନେକ ବୃଦ୍ଧାବୃଦ୍ଧ ଭତ୍ତାରୁ ବଞ୍ଚିତ ହେଉଥିବା ଦେଖାଦେଇଛି। ଗୁଣୁପୁର ପଞ୍ଚାୟତ ରଣପୁର ଗ୍ରାମର କିଛି ବୟୋଜ୍ୟେଷ୍ଠ ବ୍ୟକ୍ତି ୭୦ରୁ ୮୦ ବର୍ଷ ବୟସ ଅତିକ୍ରମ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତା ଟିକିଏ ପାଇବାକୁ ଚାତକ ଭଳି ଅପେକ୍ଷା କରିଛନ୍ତି। ଗୁଣୁପୁର ପଞ୍ଚାୟତରେ ମହାଦେଇ ମାଝୀ ନାମକ ବୃଦ୍ଧା ଜଣକ ୭୮ ବର୍ଷ ବୟସରେ ପଦାର୍ପଣ କରିଥିଲେ ହେଁ ତାଙ୍କ ପାଖରେ ସରକାରୀ ଭତ୍ତା ପହଞ୍ଚି ପାରିନାହିଁ। ଶରୀର ଅକ୍ଷମ ହୋଇପଡିଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତାଟିଏ ପାଇଲେ ସେ ତାଙ୍କର ଦୈନନ୍ଦିନ ଖର୍ଚ୍ଚ ତୁଲାଇ ପାରନ୍ତେ, ମାତ୍ର ଏଯାଏଁ ସେ ଏହି ଯୋଜନାରୁ ବାଦ ପଡିଛନ୍ତି। ଅନୁରୂପ ଭାବେ ଏହି ଗ୍ରାମର ରତୀ ମାଝୀ (୭୫) ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମାଝୀ (୭୨) ମଧ୍ୟ ଭତ୍ତା ପାଉନାହାନ୍ତି। ସରକାରଙ୍କ ନିୟମ ଅନୁଯାୟୀ ୮୦ ବର୍ଷ ହିତାଧିକାରୀଙ୍କ ପାଇଁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ଭତ୍ତାର ବ୍ୟବସ୍ଥା ରହିଥିଲେ ହେଁ ଏହି ଅସହାୟ ବୃଦ୍ଧାଙ୍କ ପାଇଁ ତାହା କେବଳ ସ୍ୱପ୍ନ ହୋଇ ରହିଛି। ଏ ସମ୍ପର୍କରେ ଗୁଣୁପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ମୁକେଶ ପଟେଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ବିଷୟରେ ମୁଁ ପୂର୍ବରୁ ଅବଗତ ନ ଥିଲି। ଆମେ ସର୍ବଦା ସ୍ଥାନୀୟ ୱାର୍ଡ ସଭ୍ୟମାନଙ୍କ ଜରିଆରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ପରାମର୍ଶ ଦେଉଛୁ। କିନ୍ତୁ ଏହି ବୃଦ୍ଧାବୃଦ୍ଧମାନେ କିଭଳି ଭାବେ ବାଦ ପଡିଲେ, ସେ ନେଇ ଆମେ ତଦାରଖ କରିବୁ। ତୁରନ୍ତ ସେମାନଙ୍କ ଅନଲାଇନ ଆବେଦନ କରାଯାଇ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ବ୍ୟବସ୍ଥା କରାଯିବ। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କଳାହାଣ୍ଡି ଜଙ୍ଗଲ ସମ୍ପଦକୁ ବନାଗ୍ନି ବିପଦ

ଭବାନୀପାଟଣା,୨୪।୩(ଉତ୍ତମ କୁମାର ଦାଶ)


କଳାହାଣ୍ଡି ଜିଲାର ଏକ ଜଙ୍ଗଲରେ ନିଆଁ ଲାଗିଛି।

■ ଲୋପ ପାଉଛି ଜୈବ ବିବିଧତା
■ ୫ ବର୍ଷରେ ୭୨୫୯ ଅଗ୍ନିକାଣ୍ଡ

ଆଧୁନିକତାର ସ୍ପର୍ଶରେ ପ୍ରକୃତିର ରୂପ ବଦଳିବାରେ ଲାଗିଛି। ବିଭିନ୍ନ କାରଣକୁ ନେଇ ପରିବେଶ ଦୂଷିତ ହେବା ସହ, ନିଆଁର ଆଁରେ ଜଳିଯାଉଛି ହେକ୍ଟର ହେକ୍ଟର ଜଙ୍ଗଲ। ଉଜୁଡ଼ି ଯାଉଛି ଜଙ୍ଗଲରେ ଥିବା ବନ୍ୟପ୍ରାଣୀ, ପଶୁପକ୍ଷୀଙ୍କ ବସା। ଲୋପ ପାଇ ଯାଇଛି ଅନେକ ପ୍ରଜାତି ଗୁଳ୍ମ, ବନଜାତ ଦ୍ରବ୍ୟ। ମନୁଷ୍ୟ ସମାଜ ଏଥିରୁ ବାଦ ପଡ଼ିନାହାନ୍ତି। କଳାହାଣ୍ଡି ପାଇଁ ବରଦାନ ସାଜିଥିବା ଇନ୍ଦ୍ରାବତୀ ଚତୁଃପାର୍ଶ୍ୱରେ ଥିବା ପାହାଡ଼ ପର୍ବତରେ ମିଳୁଥିବା ଉଦ୍ଭିଦରେ ୫୭୦ ପ୍ରକାର ଉଦ୍ଭିଦ ଚିହ୍ନଟ ହୋଇଛି। ତନ୍ମଧ୍ୟରୁ ଅନେକ ଔଷଧୀୟ ଗୁଣ ସମ୍ପନ୍ନ ଉଦ୍ଭିଦ ଓ ଗୁଳ୍ମ ରହିଥିବା ବେଳେ ୮ଟି ବିରଳ ଉଦ୍ଭିଦ ଥିବା ଜଣାପଡ଼ିଛି। ସେଗୁଡ଼ିକର ସଂରକ୍ଷଣ ଅଭାବରୁ ଲୋପ ପାଇବାକୁ ବସିଛି ବୋଲି ପରିବେଶବିତ ଚିନ୍ତା ପ୍ରକଟ କରୁଛନ୍ତି। ଦୁର୍ଲଭ ଔଷଧୀୟ ବୃକ୍ଷରାଜି ସାଙ୍ଗକୁ ଅତୁଲ୍ୟ ବନଜାତ ଦ୍ରବ୍ୟ ଲାଗି କଳାହାଣ୍ଡି ମାଟି ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିଛି। ହେଲେ ମଣିଷର ଅହେତୁକ ସମ୍ପ୍ରସାରଣ ମନୋବୃତ୍ତି ଯୋଗୁ ଆଜି ଏଠି ପ୍ରକୃତି ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି। ଖଣି ଶିଳ୍ପର ବିକାଶ ମଧ୍ୟ ଆଉ ଏକ ଆହ୍ୱାନ ସୃଷ୍ଟି କରୁଛି। କେନ୍ଦୁପତ୍ର ଏବଂ ମହୁଲ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଛି। ଫଳରେ ଏକଦା ପ୍ରଚୁର ପରିମାଣରେ ମିଳୁଥିବା ଚାର, କେନ୍ଦୁ, ଛତୁ ଓ କରଡ଼ି ଭଳି ଲଘୁ ବନଜାତ ଦ୍ରବ୍ୟ ଏବେ ଦୁର୍ଲଭ ହୋଇଗଲାଣି। ଜିଲାର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଅଧୀନରେ ଥିବା କର୍ଲାପାଟ, ଭର୍ଲୀଦାନୀ, ସିଙ୍ଗାରୀ, କେଗାଁ, ଚୁରାପାହାଡ଼ ଓ ଗରିଆଘନୀ, ମଦନପୁର ରାମପୁର ଉର୍ଲାଦାନି, ଯୁଗସାଇପାଟଣା,ଘନା ଭଳି ବିସ୍ତୀର୍ଣ୍ଣ ଘଞ୍ଚ ଜଙ୍ଗଲରେ ଏକଦା ହରିଡ଼ା, ବାହାଡ଼ା, ଅଁଳା ଓ କଣ୍ଢେଇ କୋଳି ଭଳି ଫଳ ଭରି ରହିଥିଲା। ଏହା ସ୍ଥାନୀୟ ଆଦିବାସୀ ଓ ବନବାସୀଙ୍କ ଜୀବନଜୀବିକାର ମୁଖ୍ୟ ଉତ୍ସ ଥିଲା। ମାତ୍ର ବାରମ୍ବାର ଅଗ୍ନିକାଣ୍ଡ ଯୋଗୁ ସ୍ଥିତି ଏପରି ହୋଇଛି ଯେ, ଗ୍ରାମାଞ୍ଚଳ ବଜାରକୁ ଛାଡ଼ିଦେଲେ ଜିଲାରେ ଅନ୍ୟ କୌଣସି ସ୍ଥାନରେ ଏହି ଦ୍ରବ୍ୟଗୁଡ଼ିକର ଦେଖା ମିଳୁନାହିଁ। ନିଆଁ ଲଗାଉଛନ୍ତି ବେପାରୀ, ସ୍ୱାହା ହେଉଛି ଜଙ୍ଗଲ। ମୁଖ୍ୟତଃ ଦୁଇଟି ବେପାରୀ ଗୋଷ୍ଠୀ ମହୁଲ ସଂଗ୍ରହକାରୀ ଓ କେନ୍ଦୁପତ୍ର ବେପାରୀ ନିଆଁ ଲଗାଇବା ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରବର୍ତ୍ତାଇଥାନ୍ତି। ମହୁଲ ସଂଗ୍ରହ ପାଇଁ ତଳ ବୁଦା ସଫା କରିବା ଓ କେନ୍ଦୁପତ୍ର କଅଁଳିବା ପାଇଁ ଲଗାଯାଉଥିବା ଏହି ନିଆଁ ପରବର୍ତ୍ତୀ ସମୟରେ ନିୟନ୍ତ୍ରଣ ବାହାରକୁ ଚାଲିଯାଇ ଘଞ୍ଚ ଜଙ୍ଗଲକୁ ପୋଡ଼ି ପାଉଁଶ କରିଦେଉଛି। ଉତ୍ତର ବନଖଣ୍ଡ ଅଧିନ କଦଳିଘାଟି, ନିୟମଗିରିରେ ବାରମାର ନିଆଁ ଲାଗିବା ଯୋଗୁ ଏହି ଜଙ୍ଗଲରେ ବସା କରିଥିବା ହଜାର ହଜାର ହନୁ ଓ ପାତି ମାଙ୍କଡ଼ ଏବେ ସହରମୁହା ହେଉଛନ୍ତି। ମୁଖ୍ୟ ରାସ୍ତାରେ ରହୁଛନ୍ତି। ଯାନବାହନ ଦ୍ୱାରା ଦୁର୍ଘଟଣାର କାଳ ହେଉଛି। ନିଆଁ ଯୋଗୁ ପକ୍ଷୀଙ୍କ ବସା କେବଳ ଜଳୁନାହିଁ। ମାଙ୍କଡ଼, ପକ୍ଷୀ ଶାବକଙ୍କ ମଧ୍ୟ ମୃତ୍ୟୁ ହେଉଛି। ଅନେକ ସରୀସୃପ ଜଳି ଯାଉଛନ୍ତି। ଦକ୍ଷିଣ ବନଖଣ୍ଡ ଅଧିନ କର୍ଲାପାଟ ଅଭୟାରଣ୍ୟ ହୋଇଥିବାରୁ ପଶୁପକ୍ଷୀ ତଥା ଜୈବ ବିବିଧତାର ସୁରକ୍ଷା ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଛି। ମାତ୍ର ମାନବ ସମ୍ବଳ ଅଭାବରେ ଝୁଣ୍ଟୁଛି। ଗତ ୫ ବର୍ଷରେ ୭୨୫୯ଟି ଅଗ୍ନିକାଣ୍ଡ ହୋଇଥିବା ସୂଚନା ମିଳିଛି। ଏଥିରେ ୨୦୨୧ ବର୍ଷରେ ୨୦୯୨, ୨୦୨୨ରେ ୧୬୬୩, ୨୦୨୩ରେ ୧୩୦୪, ୨୦୨୪ ରେ ୧୧୧୬ ଓ ୨୦୨୫ରେ ୧୦୮୪ ଅଗ୍ନିକାଣ୍ଡ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେରେ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡରେ ମୋଟ ୩୧୬ଟି ବନାଗ୍ନି ପ୍ରବଣ ଗ୍ରାମ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୧୦୨ଟି ଗ୍ରାମ ଅତ୍ୟଧିକ ସମ୍ବେଦନଶୀଳ। ବନାଗ୍ନି ଚିହ୍ନଟ ପାଇଁ ଏବେ ଉପଗ୍ରହ ଆଧାରିତ ସତର୍କତା ପ୍ରଣାଳୀର ସହାୟତା ନିଆଯାଉଛି। ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ ୮୭୭ କିଲୋମିଟର ନୂତନ ଅଗ୍ନିନିର୍ବାପନ ଲାଇନ ସୃଷ୍ଟି କରାଯାଇଛି।

### ଧର୍ମେଶ ପାଇଲେ ଭାରତ ଗ୍ଲୋରିରତ୍ନ ଆୱାର୍ଡ

ଖଡ଼ିଆଳ,୨୪।୩(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହର ଲାଲ ସାହେବ ପଡ଼ାରେ ଥିବା ଧର୍ମେଶ ଡ୍ୟାନ୍ସ ଏକାଡେମୀ ନିର୍ଦ୍ଦେଶକ ଧର୍ମେଶ ମେହେର ଭାରତ ଗ୍ଲୋରିରତ୍ନ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ମାର୍ଚ୍ଚ ୨୩ରେ ଶହୀଦ ଦିବସ ଉପଲକ୍ଷେ ଓଏସିସ ୱାର୍ଲଡ ରେକର୍ଡ ତରଫରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ କ୍ଷେତ୍ରରେ ନାମ କମେଇଥିବା ଧର୍ମେଶଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଧର୍ମେଶ ଓଡିଶାର ଜଣେ ଜଣାଶୁଣା ନୃତ୍ୟଗୁରୁ, କରାଟେ ଗୁରୁ, ଜୁମ୍ବା ଟ୍ରେନର ଓ ଯୋଗା ଗୁରୁ ଭାବେ ପରିଚିତ। ନିଜର ପ୍ରତିଭା ବଳରେ ବିଭିନ୍ନ ଲୋକ ମହୋତ୍ସବ ସମେତ ଅନୁଷ୍ଠାନ ପକ୍ଷରୁ ଡ୍ୟାନ୍ସ ପ୍ରତିଯୋଗିତା ସହ ଟିଭି ସୋରେ ଯୋଗଦେଇ ସଫଳତା ଅର୍ଜନ କରିଛନ୍ତି। ଏଥିସହ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିଭିନ୍ନ ଅନୁଷ୍ଠାନକୁ ଯାଇ ନୃତ୍ୟ ଓ କରାଟେ ଶିକ୍ଷା ଦେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

## ଶହୀଦ ଦିବସରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ


ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

ନୂଆପଡ଼ା,୨୪।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ବାହାବଳ ଜୟ କିଷାନ ୟୁଥ କ୍ଲବ ଓ ମେରା ଯୁବା ଭାରତ ନୂଆପଡ଼ାଙ୍କ ମିଳିତ ଆନୁକୂଲ୍ୟରେ ଶହୀଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପେଣ୍ଡରାବନ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶହୀଦ ଭଗତ ସିଂ ଓ ଅନ୍ୟ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ରଣା, ଶିକ୍ଷକ ଜୟକର ମାଝୀ, ସେଚ୍ଛାସେବୀ ଟିକେଶ୍ୱର ହଂସ ପ୍ରମୁଖ ଯୋଗଦେଇ ଶହୀଦମାନଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଦେଶମାତୃକାର ରକ୍ଷକମାନଙ୍କ ପାଇଁ ଆଜି ଆମେ ସୁରକ୍ଷିତ ଭାବରେ ଜୀବନଯାପନ କରୁଛୁ । ଆମ ଦେଶ ସ୍ୱାଧୀନ କରିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଗ୍ରାମାଞ୍ଚଳଠାରୁ ନେଇ ସହରାଞ୍ଚଳ ପର୍ଯ୍ୟନ୍ତ ସ୍ୱଚ୍ଛ ଓ ସୁନ୍ଦର ପାଇଁ ଜିଲାରେ ଏକକ ବ୍ୟବହାର ପ୍ଲାଷ୍ଟିକ ଓ ପତ୍ର ଖଳିଦନା ନିଷିଦ୍ଧ କରାଯାଇଛି। ବିବାହ, ଉତ୍ସବ, ଜାନିଯାତ୍ରା କିମ୍ବା ପୂଜା ପର୍ବପର୍ବଣୀରେ ଷ୍ଟିଲ ଥାଳି, ଗ୍ଲାସ ବ୍ୟବହାର କରିବା ପାଇଁ ପଞ୍ଚାୟତ,ଏନ୍‌ଏସି ଓ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ବର୍ତ୍ତନ ବ୍ୟାଙ୍କ ଖୋଲିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ପେଣ୍ଡରାବନ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଥିଲେ। ସେମାନେ ନଗର ପରିକ୍ରମା ସହ ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ କରିବା ପାଇଁ ସଚେତନତା କରିଥିଲେ। ଏହାପରେ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଗାଁ ରାସ୍ତା, ଅଙ୍ଗନୱାଡି କେନ୍ଦ୍ର ଓ ଅନ୍ୟ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ଲାଠୋର,୨୪।୩(ଭୁବନେଶର ବାରିକ): ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନଠାରେ ରବିବାର ଗାୟତ୍ରୀ ପରିବାର ମୁଖ୍ୟ ନରସିଂହ ମେହେରଙ୍କ ଅଧ୍ୟକ୍ଷତାରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଗ୍ରାମବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଓ କଣ୍ଟାବାଞ୍ଜି ଗାୟତ୍ରୀ ପରିବାର ସଦସ୍ୟ ବୈଠକରେ ଯୋଗ ଦେଇଥିଲେ । ଆସନ୍ତା ୨୯ ତାରିଖରେ ଭୂମି ପୂଜନ ସହ ୮ରେ କଳସ ଯାତ୍ରା ଏବଂ ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ମହାଯଜ୍ଞ ଆୟୋଜନ ହେବ । ମହାଯଜ୍ଞରେ ବ୍ରତ, ବିବାହ, ମୁଣ୍ଡନ, ଗର୍ଭ ସଂସ୍କାର, କୁଣ୍ଡାବରା ସହ ଗାୟତ୍ରୀ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିବାର ମୁଖ୍ୟ ମେହେର ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ଗାୟତ୍ରୀ ପରିବାର କମିଟି ସଭାପତି ନବୀନ ଅଗ୍ରୱାଲ, ସତ୍ୟନାରାୟଣ ମେହେର, ଅନିରୁଦ୍ଧ ମେହେର, କୌଶଳ ଅଗ୍ରୱାଲ, ସଚ୍ଚିକାନ୍ତ ଦାସ, ଦୁର୍ଗାଚରଣ ବେହେରା, ଦଶରଥ ପାଣିଗ୍ରାହୀ, ଯୁଧିଷ୍ଠିର ମେହେର, ପରମେଶ୍ୱର ମେହେର, ସୀତାରାମ ମେହେରଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ରାଜ୍ୟସ୍ତରରେ ସମ୍ମାନିତ ୨ବନ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଖଡ଼ିଆଳ,୨୪।୩(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ କଲ୍ୟାଣ ମଣ୍ଡପଠାରେ ଅଣ ଗେଜେଟେଡ୍ ବନସେବା ସଂଘ ଖଡ଼ିଆଳ ବନଖଣ୍ଡ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମାନିତ ୨ବନ କର୍ମଚାରୀ ଘଷିଏନ ପୋଡ଼ ଏବଂ ସୁଦାମ ବାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଣ ଗେଜେଟେଡ୍ ବନସେବା ସଂଘ ଖଡ଼ିଆଳ ବନଖଣ୍ଡ ସଭାପତି ରମାରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ୨ଜଣଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆପଡ଼ା ବନଖଣ୍ଡ ଅଧିନସ୍ତ କୋମନା ରେଞ୍ଜର ଫରେଷ୍ଟ ଗାର୍ଡ ଘଷିଏନ ପୋଡ଼ ଏବଂ ଖଡ଼ିଆଳ ରେଞ୍ଜ ଫରେଷ୍ଟର ସୁଦାମ ବାଗଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ବନ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧନା ଓ ସମ୍ମାନିତ କରାଯାଇଥିଲା। ଜଙ୍ଗଲ ଓ ପ୍ରାଣୀ ସୁରକ୍ଷାରେ ସେମାନଙ୍କ ଅବଦାନକୁ ପ୍ରଶଂସା କରାଯାଇ ସେମାନଙ୍କ କାର୍ଯ୍ୟ ଅନ୍ୟ କର୍ମଚାରୀମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ହେବ ବୋଲି ଉପସ୍ଥିତ ବନସେବା ସଂଘର ସଦସ୍ୟମାନେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅଣ ଗେଜେଟେଡ୍‌ବନସେବା ସଂଘ ଉପସଭାପତି ଚିନ୍ମୟୀ ପାତ୍ର, ଉତ୍ତମ କୁମାର ମେହେର, ପ୍ରସନ୍ନ ହଂସ, ପରମାନନ୍ଦ ତାଣ୍ଡି, ଝୁଲେଶ୍ୱରୀ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ସବୁ କର୍ମଚାରୀ ଉତ୍ସାହିତ ହେବେ ଓ ନିଜର କାର୍ଯ୍ୟ ନିସ୍ୱାର୍ଥ ଭାବରେ କରିବେ ବୋଲି ଉପସ୍ଥିତ କର୍ମଚାରୀମାନେ କହିଥିଲେ।

## ଜନଗଣନା ସମ୍ପର୍କିତ ତାଲିମ ଶିବିର

ଖପ୍ରାଖୋଲ,୨୪।୩(ଅଭୟ ତ୍ରିପାଠୀ)




ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜନଗଣନା ସମ୍ପର୍କିତ ତାଲିମ ଶିବିର ଅତିରିକ୍ତ ତହସିଲଦାର ତଥା ଚାର୍ଜ ଅଫିସର ସତ୍ୟ ସୁନ୍ଦର ରାଉତରାୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ତାଲିମଦାତା ଭାବେ ସତ୍ୟବ୍ରତ ବେହେରା, ପ୍ରଦୀପ କୁମ୍ଭାର, ଅଜିତ ବାରିକ, ସଞ୍ଜୀବ କୁମାର ମେହେର ଯୋଗ ଦେଇଥିଲେ। ଆସନ୍ତା ୧୫ରୁ ମେ ୧୫ ତାରିଖ ମଧ୍ୟରେ ଗୃହ ତାଲିକା ଅଭିଯାନ, ଜନ ଗଣନା ଆଦି ଡ଼ିଜିଟାଲ ଭାବରେ ହେବ। ଏହି ଶିବିରରେ ଗଣନାକାରୀ, ତଦାରଖକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ୪ବ୍ୟାଚ୍‌କୁ ୨ପର୍ଯ୍ୟାୟରେ ୩ଦିନ ଲେଖାଏ ତାଲିମ ପ୍ରଦାନ କରାଯିବ। ବ୍ଲକର ୧୩୩ଟି ରାଜସ୍ୱ ଗାଁରେ ୨୫୬ ଗଣନାକାରୀ, ତଦାରଖକାରୀ ଭାବରେ ଶିକ୍ଷକମାନେ କାର୍ଯ୍ୟ କରିବେ ବୋଲି ଚାର୍ଜ ଅଫିସର ସତ୍ୟ ସୁନ୍ଦର ରାଉତରାୟ ସୂଚନା ଦେଇଛନ୍ତି।

## ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ପାଇଁ ପ୍ରସ୍ତୁତି

ଲାଞ୍ଜିଗଡ଼,୨୪।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆସନ୍ତା ଏପ୍ରିଲ ୨ରେ ଆୟୋଜିତ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯିବାକୁ ଥିବାବେଳେ ଏଥିପାଇଁ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ଏହି ଅବସରରେ ଲାଞ୍ଜିଗଡ଼ ବ୍ଲକ ସ୍ଥିତ ଚମ୍ପାଦେଇପୁର କ୍ଲଷ୍ଟରର ବିଭିନ୍ନ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଭର୍ତ୍ତି ହେବାକୁ ଥିବା ଶିଶୁମାନଙ୍କ ଅଭିଭାବକଙ୍କୁ ଘରେ ଘରେ ପହଞ୍ଚି ଶିକ୍ଷା ବିଭାଗ ପକ୍ଷରୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି। ଶିକ୍ଷାନୀତି ୨୦୨୦ ଅନୁସାରେ ଚଳିତ ୨୦୨୫–୨୬ ଶିକ୍ଷାବର୍ଷରୁ ଆରମ୍ଭ ହୋଇଛି ଏହି ଶିଶୁ ବାଟିକା ଶ୍ରେଣୀ । ଶିକ୍ଷାନୀତି ଅନୁସାରେ ୫ରୁ୧୮ ବର୍ଷ ମଧ୍ୟରେ ଥିବା କେହି ଯେମିତି ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ନହୁଅନ୍ତୁ ସେଥିପାଇଁ ଏହି ଶିକ୍ଷା ନୀତି ଆରମ୍ଭ କରାଯାଇଛି। ଏଥିପାଇଁ ଆସନ୍ତା ଏପ୍ରିଲ ୨ ଠାରୁ ଆରମ୍ଭ ହେବାକୁ ଥିବା ପ୍ରବେଶ ଉତ୍ସବ ତଥା ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଲାଞ୍ଜିଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେର ସହିତ ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ, ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ସୁନା, ସୁଶାନ୍ତ ମହାରଣା, ଜି ଶଙ୍କର ଦାସ, କାର୍ତ୍ତିକ ସେଠୀ, କ୍ଷୀରସିନ୍ଧୁ ସାହୁ, ରୁନି ସାହୁ, ତୁନି ଲତା ସ୍ୱାଇଁ, ପ୍ରତିମା ସୁନା, ବିଶିକେସନ ଦୋରା, ପ୍ରେମରାଜ ନାୟକ, ନିତ୍ୟାନନ୍ଦ ସାମଲ, ହରିଚଣ୍ଡି ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଗାଁଗୁଡିକୁ ଯାଇ ଘରେ ଘରେ ନିମନ୍ତ୍ରଣ ବଣ୍ଟନ କରି ଅଭିଭାବକମାନଙ୍କୁ ଉତ୍ସବରେ ସମ୍ମିଳିତ ହେବା ପାଇଁ ଆମନ୍ତ୍ରଣ ଜଣାଇଛନ୍ତି। ଖଡିଛୁଆଁ ଓ ପ୍ରବେଶ ଉତ୍ସବରେ ନୂତନ ଛାତ୍ରୀଛାତ୍ର ବିଦ୍ୟାଳୟରେ ଭର୍ତ୍ତି ହେବା ସହିତ ଶିକ୍ଷାରମ୍ଭ କରିବେ। ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଓ ସଫଳ କରିବା ପାଇଁ ସମସ୍ତ ପ୍ରସ୍ତୁତି ଜୋରଦାର ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ମେହେର ପ୍ରକାଶ କରିଛନ୍ତି।

## ଭ୍ୟାନ୍‌ରେ ସ୍କୁଲ ପିଲାଙ୍କ ଯାତାୟାତ କେତେ ସୁରକ୍ଷିତ

ଲୋଇସିଂହା,୨୪।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲାର ଲୋଇସିଂହା ଓ ଆଗଲପୁର ବ୍ଲକରେ ବହୁ ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ଗ୍ରାମାଞ୍ଚଳର ଅଭିଭାବକମାନେ ନିଜର କୁନି କୁନି ଝିଅପୁଅଙ୍କୁ ସେହି ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଇବା ପାଇଁ ବେଶ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଆବଶ୍ୟକତାଠାରୁ ଅଧିକ ପିଲାଙ୍କୁ ବିଭିନ୍ନ ଯାନବାହାନରେ ଘରୁ ସ୍କୁଲ ଓ ସ୍କୁଲରୁ ଘରକୁ ନିଆଯାଉଥିବା ଦେଖିବାକୁ ମିଳୁଛି । କେତେକ ସ୍କୁଲ ପକ୍ଷରୁ ନିୟୋଜିତ ଭ୍ୟାନ୍‌ରେ ଅସୁରକ୍ଷିତ ଭାବେ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରାଯାଉଛି। କିଛି ଦିନ ତଳେ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ସାଲେଭଟାସ୍ଥିତ ପବ୍ଲିକ ସ୍କୁଲର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ସ୍କୁଲ ଛୁଟି ହେବା ପରେ ସ୍କୁଲ ଭ୍ୟାନ୍ ଡୁଡୁକା ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନେଇକି ଯାଇଥିଲା। ଡୁଡୁକା –ଉପରବାହାଲ ରାସ୍ତାର ଡୁଡୁକାଠାରେ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଜମିରେ ଓଲଟି ପଡିଥିଲା। ଭ୍ୟାନ୍‌ରେ ଥିବା ଛାତ୍ରୀଛାତ୍ର ତଳେ ଗଳି ପଡ଼ିବା ସହ କେତେଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନା ନେଇଥିଲେ। ଏହି ଘଟଣା ପରେ ଅଭିଭାବକ ମହଲରେ ଚିନ୍ତା ବଢିଯାଇଛି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମ ମେହେର କହିଛନ୍ତି, ଭ୍ୟାନ୍ ଓଲଟିବା ନେଇ ସାମାଜିକ ଗଣମାଧ୍ୟମରୁ ଜାଣିଲା ପରେ ସ୍କୁଲ ପ୍ରିନ୍ସିପାଲଙ୍କ ସହ କଥା ହୋଇଥିଲି। ୨ ଜଣ ଛାତ୍ର ଆହତ ହୋଇଥିବା ସେ କହିଥିଲେ। ସ୍କୁଲ ଭ୍ୟାନ୍‌ରେ ଛାତ୍ରୀଛାତ୍ର ଯେପରି ସୁରକ୍ଷିତ ଭାବେ ଯିବା ଆସିବା କରିବେ ସେଥିପାଇଁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଘରୋଇ ଶିକ୍ଷାନୁଷ୍ଠାନଗୁଡିକୁ ସତର୍କତା ଅବଲମ୍ବନ କରାଯିବା ପାଇଁ କୁହାଯାଇଛି କି ବୋଲି ପଚାରିବାରେ ଖୁବ ଶୀଘ୍ର ଘରୋଇ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷମାନଙ୍କୁ ଡ଼ାକି ବୈଠକ କରାଯିବ ବୋଲି ମେହେର କହିଛନ୍ତି।

## କଳାହାଣ୍ଡି ଯୁବଛାତ୍ର ପରିଷଦ ପକ୍ଷରୁ ଶହୀଦ ଦିବସ

ଭବାନୀପାଟଣା,୨୪।୩(ଉତ୍ତମ କୁମାର ଦାଶ)



କଳାହାଣ୍ଡି ଯୁବ ଓ ଛାତ୍ର ପରିଷଦ ପକ୍ଷରୁ ବଳିଦାନ ଦିବସ ପାଳନ ଅବସରରେ ଶୋଭାଯାତ୍ରା।

ସ୍ୱାଧୀନତା ସଂଗ୍ରାମରେ ଅନେକ ସଂଗ୍ରାମୀ ଇଂରେଜମାନଙ୍କ ବିରୋଧରେ ଲଢ଼ି ଲାଠିମାଡ଼ ଖାଇ ଜେଲ ଯାଇଥିଲେ। କିନ୍ତୁ ଦେଶର ଗାରିମାକୁ ନତମସ୍ତକ ହେବାକୁ ଦେଇ ନ ଥିଲେ। ଯେଉଁ ବୟସର ଯୁବକ ଆଜିକାଲି ପାଶ୍ଚାତ୍ୟ ସଂସ୍କୃତିରେ ମାତିଛନ୍ତି ସେହି ବୟସରେ ଅନେକ ଯୁବବର୍ଗ ସେତେବେଳେ ଛାତିରେ ଗୁଳି ଖାଇଥିଲେ ଓ ହସିହସି ଫାଶୀ ଖୁଣ୍ଟରେ ଝୁଲି ଶହୀଦ ହୋଇଥିଲେ। ଯାହାଙ୍କ ପ୍ରତିଟି ରକ୍ତବିନ୍ଦୁ ମାତୃଭୂମି ପାଇଁ ସମର୍ପିତ ଥିଲା ସେହି ଅମର ବଳିଦାନୀ ଶହୀଦ ଭଗତ ସିଂହ, ଶହୀଦ ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ବଳିଦାନ ଦିବସ ଅବସରରେ ସୋମବାର ସନ୍ଧ୍ୟାରେ କଳାହାଣ୍ଡି ଯୁବ ଓ ଛାତ୍ର ପରିଷଦ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ପ୍ରାୟ ଏକ ହଜାର ଯୁବକ ଭବାନୀପାଟଣା ଦୟାନିଧି ଛକ ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ମାଣିକେଶ୍ୱରୀ ଛକ ଗୁରୁଦ୍ୱାରା ପର୍ଯ୍ୟନ୍ତ ଯାଇଥିଲେ। ଗୁରୁଦ୍ୱାରା ଠାରେ ସମସ୍ତେ ଶହୀଦ ଭଗତ ସିଂ, ସୁଖଦେବ ଓ ଶହୀଦ ରାଜଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଅବିନାଶ ଠାକୁର, ଯୁବ ନେତା ମନିନ୍ଦ୍ର ମହାନ୍ତି, କାଉନସିଲର ଶିବା ସାହୁ, ମାନସ ସିନ୍ଦୂର, ସୁଖବିନ୍ଦର ସିଂ, ହରଦୀପ ସିଂହ, ନିମସ ତାଣ୍ଡି, ଗଣେଶ ବାଗ, ଭୋଳା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଯବାନ ଫିଜିକାଲ ଏକାଡେମୀର ସମସ୍ତ ପ୍ରଶିକ୍ଷକ ଓ ଶତାଧିକ ଯୁବକ ସାମିଲ ହୋଇଥିଲେ।

**ପିକ୍‌ଅପ ଭ୍ୟାନ ଦୁର୍ଘଟଣା, ଡ୍ରାଇଭର ଆହତ**

ଭେଡ଼େନ(ହୃଷିକେଶ ଖମାରୀ): ଗୋଡ଼ଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଦେଶ ଭଟଲି ଛକରେ ସୋମବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାଉରକେଲାରୁ ସୋନପୁର ଯାଉଥିବା ବିଦ୍ୟୁତ୍ କେବୁଲ ତାର ବୋଝେଇ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଯାଇଛି। ଗାଡ଼ି ଚଳାଉଥିବା ବେଳେ ନିଦ ଆସିଯିବାରୁ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ଡ୍ରାଇଭର ଗାଡ଼ିରେ ଚାପି ହୋଇ ରହିଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ।

# ଗରିବ, ଖଟିଖିଆଙ୍କ ବାସଗୃହ ଧୂଳିସାତ୍

ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜୋର୍ ଧରିଛି। ପର୍ଯ୍ୟାୟକ୍ରମେ ସହରର ଗୋଟିଏ ପଡ଼ାରୁ ଅନ୍ୟ ପଡ଼ାକୁ ଏହି ଅଭିଯାନ ପହଞ୍ଚିଛି । ତେବେ ଏଥିରେ ବର୍ତ୍ତମାନ ସହରର ଗରିବ ଖଟିଖିଆ ଲୋକେ ଅଧିକ ପ୍ରଭାବିତ ହେଉଛନ୍ତି। ରାସ୍ତାପାର୍ଶ୍ୱ ଦୋକାନ ଉଚ୍ଛେଦ ବେଳେ ସହରର ଅନେକ ଠେଲା ଦୋକାନୀ ନିଜର ଜୀବନ ଜୀବିକା ହରାଇଛନ୍ତି। ମଙ୍ଗଳବାର ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ-୧୪ କେନାଲ ପଡ଼ାରେ ଉଚ୍ଛେଦ କରାଯାଇଛି। ତେବେ ଏଥିରେ ଅନେକ ଗରିବ, ଖଟିଖିଆଙ୍କ ବାସଗୃହ ଧୂଳିସାତ୍ ହୋଇ ଯାଇଛି। ଫଳରେ ସେମାନେ ବାସହୀନ ହୋଇ ପଡ଼ିଛନ୍ତି। ଅନ୍ୟପକ୍ଷରେ ସହରରେ ଅନେକ ଥିଳାବାଲା ତଥା ବଡ଼ବଡିଆ ଲୋକ ରାସ୍ତାପାର୍ଶ୍ୱ ଜବରଦଖଲ କରି ଘରଦ୍ୱାର, ଦୋକାନ ଗୃହ ଗଢି ତୋଳିଛନ୍ତି। ତାହା ସହରର ଟ୍ରାଫିକ ସମସ୍ୟାର ପ୍ରମୁଖ କାରଣ ସାଜିଛି। ତେବେ ସେହି ଜବରଦଖଲକୁ ପ୍ରଥମେ ଉଚ୍ଛେଦ କରାଯିବା ବଦଳରେ ଗରିବ, ଖଟିଖିଆଙ୍କ ବାସଗୃହକୁ ବୁଲଡୋଜର ଲଗାଇ ଧୂଳିସାତ୍ କରି ଦିଆଯାଇଛି । ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ଚାପା ଉତ୍ତେଜନା ଲାଗି ରହିଛି।

ମଙ୍ଗଳବାର କେନାଲ ପଡ଼ାକୁ ଉଚ୍ଛେଦ କରାଯିବା ସମୟରେ ଏହା ପରିଲକ୍ଷିତ ହୋଇଥିଲା। ସୋମବାର ଉଚ୍ଛେଦ କରିବାକୁ ଆସି ପଡ଼ାବାସୀଙ୍କ ବିରୋଧ ଯୋଗୁ ବୁଲଡୋଜର ଫେରି ଯାଇଥିଲା। କିନ୍ତୁ ମଙ୍ଗଳବାର ପୂର୍ବାହ୍ନରେ ବୁଲଡୋଜର ଧରି ବ୍ୟାପକ ପୋଲିସ କର୍ମଚାରୀଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ପୁଣି ଉଚ୍ଛେଦ ପାଇଁ କେନାଲପଡ଼ାକୁ ପହଞ୍ଚି ଥିଲେ। ପଡ଼ାବାସୀ ସଂଗଠିତ ହୋଇ ତୀବ୍ର ବିରୋଧ କରିଥିଲେ। ରାସ୍ତା ଉପରେ ବସିବା ସହିତ ବୁଲଡ଼ୋଜର ଆଗରେ ଶୋଇ ଉଚ୍ଛେଦର ବିରୋଧ ପ୍ରଦର୍ଶନ କରିଥିଲେ। ଏଭଳି ସ୍ଥିତିରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ପୋଲିସ ଓ ପଡ଼ାବାସୀ ମୁହାଁମୁହିଁ ହୋଇଥିଲେ। ମାତ୍ର ପୋଲିସ କର୍ମଚାରୀମାନେ ଜୋର୍ ଜବରଦସ୍ତ ସେମାନଙ୍କୁ ଉଠାଇ ନେଇଥିଲେ। ଏହାପରେ କେନାଲ ପଡ଼ାରେ ରହିଥିବା ଗରିବ ଲୋକଙ୍କ ଗୋଟିଏ ପରେ ଗୋଟିଏ ଘର ଉପରକୁ ବୁଲଡୋଜର ମାଡ଼ି ଚାଲିଥିଲା ଏବଂ ପଡ଼ାବାସୀଙ୍କ ଘର ଧୂଳିସାତ୍ ହୋଇଯାଇଛି।

ଉକ୍ତ ପଡ଼ାରେ ଅଧିକାଂଶ ଅନୁସୂଚିତ ଜାତି(ଏସସି) ବର୍ଗର ଲୋକେ ରହୁଥିଲେ। ସେମାନେ କୁଲି, ମଜୁରୀ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ତେବେ ଉଚ୍ଛେଦ ପୂର୍ବରୁ ଥଇଥାନ ଏବଂ ଅଧିକ କିଛି ସମୟ ଦେବାକୁ ଦାବି କରି ପଡ଼ାବାସୀ ସ୍ଥାନୀୟ ବିଧାୟକ ଏବଂ ପ୍ରଶାସନକୁ ବାରମ୍ବାର ନେହୁରା ହୋଇଥିଲେ। ସେଥିପାଇଁ ସେମାନଙ୍କୁ ଆଶ୍ୱାସନା ମିଳିଥିଲା। ମାତ୍ର କୌଣସି ଥଇଥାନ ନ କରି କିମ୍ବା ଗୁହାରି ସତ୍ତ୍ୱେ ଅଧିକ କିଛି ସମୟ ନ ଦେଇ ଘର ଭାଙ୍ଗି ଦେଇଥିବା ଯୋଗୁ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଛି ବୋଲି ପଡ଼ାବାସୀ ଅଭିଯୋଗ କରିଛନ୍ତି। ଉଚ୍ଛେଦ ପରେ ପଡ଼ାର ପ୍ରଭାବିତ ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଘରେ ବୃଦ୍ଧାବୃଦ୍ଧ ଥିବାବେଳେ ପିଲାମାନେ ସ୍ଥାନୀୟ ସ୍କୁଲରେ ପଢୁଛନ୍ତି। ଫଳରେ ବୃଦ୍ଧାବୃଦ୍ଧଙ୍କୁ ଏବେ କେଉଁଠି କିଭଳି ରଖିବେ ଏବଂ ପିଲାଛୁଆଙ୍କ ପାଠପଢା କିଭଳି ହେବ, ସେହି ଚିନ୍ତା ପଡ଼ାବାସୀଙ୍କୁ ଘାରିଛି। ସେହିପରି ନିକଟ ଭବିଷ୍ୟତରେ ପଡ଼ାର ବିଭିନ୍ନ ପରିବାରରେ ବିବାହ ଉତ୍ସବ ଥିଲା, ଏବେ ଉଚ୍ଛେଦ ପରେ ବିବାହ ଉତ୍ସବ କିଭଳି ସମ୍ପନ୍ନ କରିବେ, ତାକୁ ନେଇ ମଧ ପ୍ରଭାବିତ ପଡ଼ାବାସୀ ଚିନ୍ତିତ ହୋଇ ପଡ଼ିଛନ୍ତି। ତେବେ ଗରିବଙ୍କ ଘର ଉଚ୍ଛେଦ କରିବାକୁ ପ୍ରଶାସନ ଯେଭଳି ତତ୍ପର ହୋଇ ପଡ଼ିଛି, ସହରର ବଡ଼ବଡ଼ିଆ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବା ପାଇଁ ସେଭଳି ତତ୍ପରତା କାହିଁକି ଦେଖାଉ ନାହିଁବୋଲିସହରସାରାଏବେଚର୍ଚ୍ଚାଚାଲିଛି।



ପୋଲିସ ପଡ଼ାବାସୀଙ୍କୁ ଉଠାଇ ନେଉଛି।

**ଥିଳାବାଲାଙ୍କୁ ଅନୁକମ୍ପା**

- ପୋଲିସ-ପଡ଼ାବାସୀ ମୁହାଁମୁହିଁ
- ବିରୋଧବେଳେ ଉଠାଇ ନେଲା ପୋଲିସ

# ଗାଁରେ ବୁଲୁଛି ଗୋଠଛଡ଼ା ହାତୀ

ହରଭଙ୍ଗା,୨୪।୩(ନରେନ୍ଦ୍ର ସାହୁ)

**ବନ ବିଭାଗ ନାକେଦମ, ଜନତା ଭୟଭୀତ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ରାମ୍ପିକଟା, ଭରତାପୁର ଓ ତିତିରିକଟା ଗ୍ରାମରେ ଗତ ରବିବାରଠାରୁ ଏକ ଗୋଠ ଛଡା ହାତୀକୁ ଦେଖିବାକୁ ମିଳିଛି। ସୋମବାର ହାତୀଟି ଗୋଟିଏ ମଟରସାଇକେଲ ଓ ସାଇକେଲ ଭାଙ୍ଗି ଦେଇଥିବା ବେଳେ ମଙ୍ଗଳବାର କରଡି ଗ୍ରାମମୁଣ୍ଡରେ ରହିଛି। ହାତୀକୁ ବନ ବିଭାଗ ଘଉଡାଇବାକୁ ନାକେଦମ ହୋଇପଡିଲାଣି। ହାତୀ ଜନଗହଳି ଦେଖିଲେ ମାରିବାକୁ ଧାଇଁ ଆସୁଛି। ଫଳରେ ମଙ୍ଗଳବାର ବନ ବିଭାଗ ପକ୍ଷରୁ ଜଗନ୍ନାଥ ସଡକରେ କିଛି ସମୟ ଧରି ଚଳପ୍ରଚଳ ବନ୍ଦ କରାଯାଇଥିଲା। ହାତୀଟି କରଡି, ହାଟଗାଁ ଓ ମଙ୍ଗଳପୁର ଗ୍ରାମ ନିକଟରେ ବୁଲୁଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏପେଟ ହାତୀ ଯିବା ନାଁ ଧରୁ ନ ଥିବାରୁ ବନ ବିଭାଗ କର୍ମଚାରୀମାନେ ଜଗି ରହିଛନ୍ତି। ହାତୀ ଥିବା ଅଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସତର୍କ କରାଯାଉଛି। ହାତୀଟି ବଘିଆପଡା ଅଞ୍ଚଳରୁ ଆସିଥିବା ବନ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ଖରାଦିନ ଯୋଗୁ ଜଙ୍ଗଲରେ ଗଛଗୁଡିକ ଏବେ ପତ୍ରଝଡା ଦେବା ସହ ନିଆଁ ଲାଗିଥିବାରୁ ହାତୀଟି ଖାଦ୍ୟ ପାଇଁ ଗାଁ ମୁହାଁ ହୋଇଥିବା ଗ୍ରାମବାସୀ କହିଛନ୍ତି।

# ଡ. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ଜୟନ୍ତୀ ସମାରୋହ



ବରପାଲି, ୨୪।୩(ଚିତ୍ତରଞ୍ଜନ ସାହୁ)

ବରପାଲି ଲିଟିଲ ଏଞ୍ଜେଲସ ସ୍କୁଲ ପରିସରରେ ଡା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ୯୩ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନର ଉଦ୍‌ଯାପନୀ ଅବସରରେ ଏକ ରକ୍ତଦାନ ଶିବିର ଓ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ୍ୟର ଆୟୋଜନ କରାଯାଇଥିଲା। ପ୍ରତିଷ୍ଠାତା ସ୍ୱର୍ଗତ ଡା. ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ପ୍ରତିମୂର୍ତ୍ତିଠାରେ ବିଦ୍ୟାଳୟର ସଭାପତି ଡ଼ା. ସୁବ୍ରତ ମୁଣ୍ଡ ଓ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ମାଲ୍ୟାର୍ପଣ କରିଥିଲେ ଓ ପରେ ପରେ ନାମଯଜ୍ଞର କର୍ତ୍ତାଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ବିଦ୍ୟାଳୟର ଉପାଧ୍ୟକ୍ଷ ସୁଶୀଳ କୁମାର ରଥ ପ୍ରଥମେ ରକ୍ତଦାନ କରି ରକ୍ତଦାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଷ୍ଠାନର ପ୍ରମୁଖଗଣ ରକ୍ତଦାତାମାନଙ୍କୁ ପ୍ରଶଂସାପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତିରେ ବିଦ୍ୟାଳୟର ମୁଖପତ୍ର ଆଞ୍ଜେଲିକାକୁ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଉନ୍ମୋଚନ କରିଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ ପୁରୋହିତ ଭାବେ ସାହେବ ଦାଶ, ପ୍ରଦୀପ ଦାଶ, ବଳରାମ ଦାଶ ଓ ଜଗନ୍ନାଥ ଦାଶ ଯୋଗଦାନ କରି ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ଦ୍ୱିତୀୟ ଦିବସରେ ଡା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିଠାରେ ଡ଼ା.ସୁବ୍ରତ ମୁଣ୍ଡ, ସୁନିତା ମୁଣ୍ଡ ଓ ତାଙ୍କ ପରିବାର ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ୍ୟର ଉଦ୍ୟାପନ କରାଯାଇଥିଲା। ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଓ ଡୁଙ୍ଗୁରିପାଲି ବିଦ୍ୟାଳୟର ଅଧ୍ୟକ୍ଷ ଶିଶୁପାଳ କଲେତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଗଣ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ କାତ୍ୟାୟନୀ ବେଶ



ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଇଙ୍କ ବାସନ୍ତୀକ ନବରାତ୍ର ପୂଜା ଚାଲିଛି। ଷଷ୍ଠ ଦିବସ ମଙ୍ଗଳବାରରେ ଦେବୀ କାତ୍ୟାୟନୀ ବେଶରେ ଦର୍ଶନ ଦେଇଛନ୍ତି। ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ପହଞ୍ଚିଛନ୍ତି। ଦେବୀଙ୍କ ପୀଠରେ ସକାଳୁ ଭକ୍ତଙ୍କ ସମାଗମ ହୋଇଛି। ଦେବୀଙ୍କ ଦର୍ଶନ ସକାଶେ ଭକ୍ତଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଥିଲା।

### ନୃସିଂହନାଥ ବୈଶାଖ ମେଳା ପ୍ରସ୍ତୁତି ବୈଠକ

ପାଇକମାଲ,୨୪।୩(ବଡ଼ ଶତପଥୀ)

ଗନ୍ଧମାର୍ଦନ ପର୍ବତର ପାଦ ଦେଶରେ ଥିବା ପ୍ରସିଦ୍ଧ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରର ମିଟିଂ ହଲରେ ଆସନ୍ତା ବୈଶାଖ ମେଳା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଭାରତ ବର୍ଷରେ ଅନ୍ୟାନ୍ୟ ମେଳା ମଧ୍ୟରୁ ବୈଶାଖ ମେଳା ଅନ୍ୟତମ। ଏହି ମେଳା ବିରାଟ ଗନ୍ଧମାର୍ଦନ ପର୍ବତର ପାଦଦେଶରେ ବସୁ ଥିବାରୁ ମନୋରମ ଦୃଶ୍ୟ ସହ କୁଳୁ କୁଳୁ ନାଦରେ ପ୍ରବାହିତ ଚିରସ୍ରୋତା ଝରଣା ଭକ୍ତମାନଙ୍କୁ ଟାଣିଆଣିଥାଏ ଏହି ନିଆରା ବୈଶାଖମେଳାକୁ। ଆସନ୍ତା ବୈଶାଖ ମେଳା ଏପ୍ରିଲ ୨୭ ତାରିଖରୁ ଆରମ୍ଭ ହୋଇ ମଇ ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପାଇକମାଲ ଏବିଡିଓ ଦେବାଶିଷ ସିହ୍ନାଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ବରଗଡ଼ ଏମ୍‌ପି ପ୍ରତିନିଧି ପ୍ରୀତେଶ ବହିଦାର, ପଦ୍ମପୁର ବିଧାୟକ ପ୍ରତିନିଧି ଗୌତମ ସିଂହ ଏବଂ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହ, ପାଇକମାଲ, ପଦ୍ମପୁର, ଝାରବନ୍ଧର ସାମ୍ବାଦିକ ଓ ସଚେତନ ନାଗରିକମାନେ ଯୋଗଦେଇଥିଲେ। ଜିଲାପାଳ ଗୋୟଲ ବୈଠକରେ ସମ୍ପୃକ୍ତ ସମସ୍ତ ବିଭାଗକୁ ନିଜ ନିଜ ଦାୟିତ୍ୱ ଠିକ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ମନ୍ଦିରର ବିଭିନ୍ନ ସଦସ୍ୟ, କର୍ମକର୍ତ୍ତା ଓ ସ୍ଥାନୀୟ ଲୋକମାନେ ମଧ ଉପସ୍ଥିତ ଥିଲେ।

# ରେଳସେବା ସମସ୍ୟାର ସମାଧାନ ଦାବି

ବରଗଡ,୨୪।୩(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓ ରେଳ ବିକାଶ ନେଇ ବରଗଡ଼ ଏମପି ପ୍ରଦୀପ ପୁରୋହିତ ମଙ୍ଗଳବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କଠାରେ ଦାବି କରିଛନ୍ତି। ଏ ନେଇ ସେ ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବରଗଡ଼ ଓ ଝାରସୁଗୁଡ଼ା ଜିଲାରେ ରେଳ ସଂଯୋଗୀକରଣ, ଟ୍ରେନ୍ ନିୟମିତକରଣ, ରହଣି, ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସୁବିଧା ପାଇଁ ଜରୁରୀକାଳୀନ ହସ୍ତକ୍ଷେପ ପାଇଁ ସେ ଚିଠିରେ ଦାବି ରଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି, ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାରେ କେତେକ ଗୁରୁତ୍ୱପୂର୍ଣ୍ଣ ରେଳ ସମସ୍ୟା ରହିଛି, ଯାହା ଯାତ୍ରୀଙ୍କ ସୁବିଧା ଏବଂ ଆଞ୍ଚଳିକ ବିକାଶ ପାଇଁ ତୁରନ୍ତ ସମାଧାନ ଆବଶ୍ୟକ। ଇସ୍ପାତ ଏକ୍ସପ୍ରେସର କ୍ରମାଗତ ବିଳମ୍ବ ହେଉଛି । ୧୨୮୭୧/୧୨୮୭୨ ଇସ୍ପାତ ଏକ୍ସପ୍ରେସ (କଣ୍ଟାବାଞ୍ଜି-ହାୱଡ଼ା) ୭, ୮ ଘଣ୍ଟା ବିଳମ୍ବରେ ଚାଲୁଥିବାରୁ ପଶ୍ଚିମ ଓଡ଼ିଶାର ଛାତ୍ର, ରୋଗୀ ଓ ବ୍ୟବସାୟୀମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି। ଏହାର ସମୟାନୁବର୍ତ୍ତିତା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ପୁରୋହିତ କହିଛନ୍ତି। ସେହିପରି ବ୍ରଜରାଜନଗରର ଏକ ପ୍ରମୁଖ ଶିଳ୍ପାଞ୍ଚଳ, ଏମସିଏଲ, ଏନଟିପିସି ଓ ଓରିଏଣ୍ଟ ପେପର ମିଲ୍ସ ଭଳି ଶିଳ୍ପାନୁଷ୍ଠାନ ରହିଛି । ଏହି ଅଞ୍ଚଳରୁ ରେଳବାଇ ବାର୍ଷିକ ୪୨୦୦ କୋଟିରୁ ଅଧିକ ଟଙ୍କା କୋଇଲା ପରିବହନରୁ ପାଉଥିଲେ ସୁଦ୍ଧା ଏଠାରେ ଯାତ୍ରୀ ସୁବିଧା ଅତ୍ୟନ୍ତ ନଗଣ୍ୟ ବୋଲି ସେ କହିଛନ୍ତି। ବ୍ରଜରାଜନଗରରେ ଟାଟା-ବିଳାସପୁର ଏକ୍ସପ୍ରେସର ରହଣି ପୁନଃ ପ୍ରଚଳନ, ଆଜାଦ ହିନ୍ଦ, ସିକନ୍ଦରାବାଦ-ଦରଭଙ୍ଗା, ହାଇଦ୍ରାବାଦ-ରକ୍ସାଉଲ, ପୁରୀ-ବିକାନେର ଏବଂ ପୁରୀ-ଭାଲସାଡ ଏକ୍ସପ୍ରେସର ରହଣି, ଷବିଲାସପୁର-ପୁରୀ ମଧ୍ୟରେ ଏକ ନୂତନ ଟ୍ରେନ ପ୍ରଚଳନ, ଗୋଣ୍ଡୱାନା ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ ଏବଂ ଜନ ଶତାବ୍ଦୀ ଏକ୍ସପ୍ରେସକୁ ଝାରସୁଗୁଡ଼ା ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ, ଝାରସୁଗୁଡ଼ା-ହାଟିଆ ପ୍ୟାସେଞ୍ଜରକୁ ରାୟଗଡ଼ ପର୍ଯ୍ୟନ୍ତ ବଢ଼ାଯିବା, ହୀରାକୁଦ ଏକ୍ସପ୍ରେସ ସପ୍ତାହକୁ ୩ ଦିନ ପରିବର୍ତ୍ତେ ପ୍ରତିଦିନ ଚଳାଯିବା, ବ୍ରଜରାଜନଗରରେ ଶୌଚାଳୟ ନିର୍ମାଣ, କୋଚ ଲୋକେଟର ଏବଂ ଉନ୍ନତ ଆଲୋକ ବ୍ୟବସ୍ଥା, ବେଲପାହାଡ଼ ଷ୍ଟେଶନକୁ ଅମୃତ ଭାରତ ଷ୍ଟେସନ ଯୋଜନାରେ ତ୍ୱରାନ୍ୱିତ କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି । ସେହିଭଳି ବରଗଡ଼-ନୂଆପଡ଼ା ରେଳ ଲାଇନ ପଶ୍ଚିମ ଓଡ଼ିଶା ଓ କେବିକେ ଅଞ୍ଚଳର ବିକାଶ ପାଇଁ ଏହି ପ୍ରକଳ୍ପକୁ ପ୍ରାଥମିକତା ଭିତ୍ତିରେ ଶେଷ କରିବାକୁ ମଧ ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀଙ୍କ ଆଗରେ ଦାବି କରିଛନ୍ତି ।



କେନ୍ଦ୍ରମନ୍ତ୍ରୀଙ୍କୁ ବରଗଡ଼ ଏମ୍‌ପି ଦାବିପତ୍ର ପ୍ରଦାନ କରୁଛନ୍ତି।

# ଶାନ୍ତି କମିଟି ବୈଠକ

ବରପାଲି, ୨୪।୩(ଚିତ୍ତରଞ୍ଜନ ସାହୁ): ଆସନ୍ତା ୨୭ ତାରିଖ ରାମ ନବମୀ ପାଇଁ ମଙ୍ଗଳବାର ପୋଲିସ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ବରପାଲି ତହସିଲଦାର ରୁକ୍ମଣ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ରାମ ନବମୀ ପର୍ବ କିପରି ଶାନ୍ତି ଶୃଙ୍ଖଳାର ପାଳିତ ହେବ ସେ ନେଇ ଆଲୋଚନା ହୋଇଥିଲା। ରାମ ସେନା ପକ୍ଷରୁ ଚଳିତ ବର୍ଷ ମଧ ଶ୍ରୀରାମ ମନ୍ଦିରରୁ ଶୋଭାଯାତ୍ରା ବାହାରି ରାଜବାଟି ଦେଇ ବ୍ଲକ ଅଫିସ, ରେଳ ଷ୍ଟେସନ, କଲେଜ ଛକ ଶ୍ୟାମା ଛକ, ବସ ଷ୍ଟାଣ୍ଡ ଦେଇ ଅଶୋକ କ୍ଲବ ନିକଟରେ ପହଞ୍ଚିବ। ଏହି ଶୋଭାଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯିବ ବୋଲି ପୋଲିସ ଅଧିକାରୀ ପ୍ରକାଶ କରିଥିଲେ। ବୈଠକରେ ବରପାଲି ତହସିଲଦାରଙ୍କ ସମେତ ବରପାଲି ପୋଲିସ ଥାନା ଅଧିକାରୀ ପ୍ରମୋଦ କୁମାର ସାହୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଭାରତ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ମଙ୍ଗଳବାର ଭାରତ ଜନଗଣନା - ୨୦୨୭ ନିମନ୍ତେ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ ଏକ ବୈଠକରେ ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମେହେର, ପ୍ରଶିକ୍ଷକ ଜନକରାମ ବାରିକ ଓ ସିଦ୍ଧାର୍ଥ ଶଙ୍କର ପ୍ରଧାନ ଏବଂ ଭୁକ୍ତା ଜନତା ସରକାରୀ ହାଇସ୍କୁଲର ଶିକ୍ଷକ ସଞ୍ଜୟ ଖମାରୀ ମଞ୍ଚାସୀନ ଥିଲେ ।ଗଣନାକାରୀ ଓ ସୁପରଭାଇଜର ମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରର ପ୍ରଥମ ବ୍ୟାଚରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୪୪ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ନେଇଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

ହରଭଙ୍ଗା,୨୪।୩(ନରେନ୍ଦ୍ର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଗ୍ରାମପଞ୍ଚାୟତର ଜୟପୁର ଗ୍ରାମର ଅଲେଖ ବାରିକଙ୍କ ଘରେ ମଙ୍ଗଳବାର ଅପରାହ୍ନରେ ହଠାତ ନିଆଁ ଲାଗିଯାଇଥିଲା। ଏହି ନିଆଁ ସଙ୍ଗେ ସଙ୍ଗେ ପାଖରେ ଥିବା ଆଉ ଦୁଇ ଘରକୁ ବ୍ୟାପିଥିଲା। ଅଗ୍ନିଶମ ବାହିନୀ ଏହି ସମୟରେ ତାକୁଡ ଗ୍ରାମ ଜମିରେ ଲାଗିଥିବା ନିଆଁ ଲିଭା କାର୍ଯ୍ୟରେ ଥିବାବେଳେ ଖବର ପାଇ ତୁରନ୍ତ ଜୟପୁରରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଅଲେଖ ପ୍ରଧାନ, ଗୋଲେଖ ପ୍ରଧାନ ଓ ଅଶୋକ ପ୍ରଧାନଙ୍କ ୩ଟି ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ବର୍ତ୍ତମାନ ଅମଳ ସମୟ ସରିଥିବା ବେଳେ ଘରେ ଥିବା ଧାନ, ଚାଉଳ, ଡାଲି ଜାତୀୟ ଫସଲ ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ହରଭଙ୍ଗା ତହସିଲଦାର, ପୁରୁଣାକଟକ ଥାନାଧିକାରୀ ପହଞ୍ଚି ଅନୁଧ୍ୟାନ କରୁଛନ୍ତି।

# ଡୋଲାବାଲିରେ ପୋଲିସର ଜନ ସମ୍ପର୍କ ଶିବିର

ଘଣ୍ଟାପଡ଼ା,୨୪।୩ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଲମ୍ବସରୀ ଗ୍ରାମପଞ୍ଚାୟତର ଡୋଲାବାଲି ଛକରେ ଜିଲା ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଏସ୍‌ଡ଼ିପିଓ ଲରେନ ରାଉତରାୟ ଶିବିରରେ ଯୋଗଦେଇ ସ୍ଥାନୀୟ ଲୋକମାନଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପୋଲିସ୍ ଲୋକଙ୍କ ସୁରକ୍ଷା ପାଇଁ ରହିଛି। ତେଣୁ ସବୁବେଳେ ପୋଲିସକୁ ଭୟ ନ କରି ସହଯୋଗ କରିବା ପାଇଁ ଆଗେଇ ଆସିବାକୁ ଏସ୍‌ଡ଼ିପିଓ ରାଉତରାୟ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିଶୁମାନଙ୍କୁ ପାଠ୍ୟ ପୁସ୍ତକ, ଖେଳ ସାମଗ୍ରୀ ବଣ୍ଟନ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ପରେ ସ୍ଥାନୀୟ କ୍ରିକେଟ ଓ ଫୁଟବଲ ଖେଳ ହୋଇଥିଲା । କଣ୍ଟାମାଳ ଆଇଆଇସି ବାସୁଦେବ ଭୋଇ, ଆରଆଇ ପ୍ରଦୀପ ଓରାମ, ସରଜେଣ୍ଟ ଖଗେଶ୍ୱର ବିଶ୍ୱାଳ, ଏସ୍‌ଆଇ ପ୍ରକାଶ ଭୋଇ ଓ କଣ୍ଟାମାଳ ଥାନାର ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

# ଶହୀଦ ଦିବସ ପାଇଁ ପଦଯାତ୍ରା, ପ୍ରତିଯୋଗିତା

ବଘିଆପଡା,୨୪।୩(ଶ୍ରୀକାନ୍ତ ସାହୁ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ ବୌଦ୍ଧ ପକ୍ଷରୁ ଗୌଡ଼ଦେଇସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରରେ ସୋମବାର ଶହୀଦ ଦିବସ ପାଳିତ ହୋଇଯାଇଛି। ମାଇଁ ଭାରତ ବୌଦ୍ଧର ପୂର୍ବତନ ସ୍ୱେଚ୍ଛାସେବୀ ତୋଫାନ ପରିଡାଙ୍କ ତତ୍ତ୍ୱାବଧାନ ଓ ଶିଳ୍ପ ତାଲିମ କେନ୍ଦ୍ର ଅଧକ୍ଷଙ୍କ ସଭାପତିତ୍ୱରେ ପ୍ରଥମେ ଏକ ଆଲୋଚନାଚକ୍ର ସହିତ ଏକ ସ୍ଲୋଗାନ ପ୍ରତିଯୋଗିତା ହେଇଥିଲା। ଶହୀଦମାନଙ୍କର ଦେଶ ପ୍ରତି ବଳିଦାନ, ଉତ୍ସର୍ଗୀକୃତ ମନୋଭାବ, ଭାଇଚାରା ବାର୍ତ୍ତା, ଦେଶପ୍ରୀତି, ମାତୃଭୂମି ପ୍ରତି ନିଷ୍ଠାବାନ, ନିଃସ୍ୱାର୍ଥପରତା, କର୍ତ୍ତବ୍ୟ ପରାୟଣତା, ସର୍ବୋପରି ସେମାନଙ୍କ ଜୀବନ ଶୈଳୀ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶହିଦ ଦିବସ ଉପଲକ୍ଷେ ୨୦୦ରୁ ଅଧିକ ଯୁବକଙ୍କୁ ନେଇ ଏକ ପଦଯାତ୍ରା ହେଇଥିଲା। ଚନ୍ଦନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।




ଯୁବତୀଯୁବକମାନେ ପଦଯାତ୍ରାରେ ବାହାରିଛନ୍ତି।

# ପୁଣି ରାସ୍ତାରେ ଯୁବକଙ୍କୁ ଭୁଜାଲିମାଡ଼

**ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲେ**

ବରଗଡ଼,୨୪।୩(ପ୍ରେମାନନ୍ଦ ଖମାରୀ): କିଛିଦିନର ଶାନ୍ତି ପରେ ବରଗଡ଼ ସହର ପୁଣି ଅଶାନ୍ତ ହୋଇପଡ଼ିଛି। ସ୍ଥାନୀୟ ଟାଉନ ଥାନା ସମ୍ମୁଖ ହାଟପଦାରେ ମଙ୍ଗଳବାର ସନ୍ଧ୍ୟାରେ ପୁଣି ଜଣେ ଯୁବକଙ୍କୁ ଭୁଜାଲିମାଡ଼ ହୋଇଛି। ଆହତ ଯୁବକ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୩ କଟକିଆପଡାର ଅମିତ ମଲ୍ଲିକ(୩୦)। ଗୁରୁତର ଅବସ୍ଥାରେ ଅମିତଙ୍କୁ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଯୋଗୁ ତାଙ୍କୁ ଭିମ୍‌ସାର, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଅମିତଙ୍କ ପରିବାର ଲୋକେ ବରଗଡ଼ ଟାଉନ ଥାନାକୁ ଆସି ଘଟଣା ସମ୍ପର୍କରେ ଅଭିଯୋଗ କରିଥିବାବେଳେ ସ୍ଥାନୀୟ ବଜରଙ୍ଗ ଦଳର ଏକ ପ୍ରତିନିଧି ଦଳ ମଧ ଥାନାରେ ପହଞ୍ଚି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମିନା ମଧ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଟାଉନ ଥାନା ପୋଲିସକୁ ପଚାରି ବୁଝିଥିଲେ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ମିନା କହିଛନ୍ତି। ଏହି ଘଟଣା ପରେ ସହରରେ ଚାପା ଉତ୍ତେଜନା ଲାଗି ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗକୁ ଉଚିତ୍ ଜବାବ ଦିଆଯିବ ବୋଲି ବଜରଙ୍ଗ ଦଳ ଜିଲା ସଂଯୋଜକ ସଞ୍ଜୀବ କୁମାର ମେହେର ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଆହତ ଅମିତ ନିଜ ବାଇକ୍‌ରେ ଘରକୁ ଆସୁଥିଲେ। ଆସିବା ବାଟରେ ହାଟପଦା ରାସ୍ତା ଉପରେ ଏକ ଅଟୋ ଥିବାରୁ ସେହି ଅଟୋକୁ ସାଇଡ୍ କରିବାକୁ ଚାଳକଙ୍କୁ କହିଥିଲେ। ତେବେ ଚାଳକ ଜଣକ ଅଟୋ ସାଇଡ୍ କରିବା ପରିବର୍ତ୍ତେ ଅନ୍ୟ କିଛି ପରିଚିତ ଲୋକଙ୍କୁ ଡାକି ଅମିତଙ୍କୁ ଭୁଜାଲିରେ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗତ କିଛିଦିନ ମଧ୍ୟରେ ଏଭଳି ଆକ୍ରମଣରେ ୩ଜଣଙ୍କ ଜୀବନ ଚାଲିଯାଇ ଥିବାବେଳେ ଏକାଧିକ ଲୋକ ଆହତ ହେଉଛନ୍ତି। ତେବେ ସେହି ଘଟଣାଗୁଡିକ ଲୋକଙ୍କ ଆଖିରୁ ଲିଭି ନ ଥିବାବେଳେ ସହରରେ ତଥା ସ୍ଥାନୀୟ ଟାଉନ ଥାନାର ଅନତି ଦୂରରେ ପୁଣି ଭୁଜାଲିମାଡ଼ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇଦେଇଛି। କଫ୍‌ସିରପ, ନିଶାବଟିକା, ବ୍ରାଉନସୁଗାର ଭଳି ନିଶା କାରବାର ଯୋଗୁ ଏଭଳି ଅପରାଧ ବଢ଼ି ଚାଲିଥିବା ବରଗଡ଼ ସହରବାସୀ ଅଭିଯୋଗ କରିଛନ୍ତି। ପୋଲିସ ମଧ ବିଭିନ୍ନ ସମୟରେ ଏଭଳି ନିଶାଦ୍ରବ୍ୟ ଜବତ ସହିତ ଅଭିଯୁକ୍ତଙ୍କୁ ଗିରଫ କରୁଛି। କିନ୍ତୁ ସହରରେ କଥାକଥାରେ ଅପରାଧ ବଢ଼ି ଚାଲିବା ପୋଲିସ ପାଇଁ ଯେଭଳି ମୁଣ୍ଡବ୍ୟଥାର କାରଣ ପାଲଟିଛି।



# ଅଧ୍ୟାପିକା ଡ. ମନ୍ଦାକିନୀ ପାଢ଼ୀଙ୍କୁ ପ୍ରୀତି କନ୍ୟା ସମ୍ମାନ

ପଦ୍ମପୁର,୨୪।୩(ପ୍ରଦୀପ୍ତ ଦାଶ)

ପ୍ରୀତି ପ୍ରଣତି ସାହିତ୍ୟ ସଂସଦ ଆନନ୍ଦପୁର, କେନ୍ଦୁଝର ଓଡ଼ିଶା ଦ୍ୱାରା ଆୟୋଜିତ ବାର୍ଷିକ ମହୋତ୍ସବ ୨୦୨୬ ଭୁବନେଶରସ୍ଥିତ ବୁଦ୍ଧ ମନ୍ଦିରରେ ଆୟୋଜିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଦେବବ୍ରତ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡ. ସୁଷମା ମିଶ୍ର, ଜ୍ଞାନେନ୍ଦ୍ର ହୋତା, ଦେବଦାସ ଛୋଟରାୟ ଉକ୍ତ କାର୍ଯ୍ୟକ୍ରମଟିକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ବିଜ୍ଞ ଓ ଅଭିଜ୍ଞ କବି, ଗାଳ୍ପିକ, ଔପନ୍ୟାସିକଙ୍କ ଉପସ୍ଥିତିରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ଭାଗ ନେଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କ୍ରମରେ ବରଗଡ଼ ଜିଲା ପଦ୍ମପୁରର ବିଶିଷ୍ଟ ସାହିତ୍ୟିକା ଅଧ୍ୟାପିକା ଡ. ମନ୍ଦାକିନୀ ପାଢ଼ୀଙ୍କୁ ପାଣ୍ଡୁଲିପି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସାହିତ୍ୟ ସଂସଦ ତରଫରୁ 'ପ୍ରୀତି କନ୍ୟା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ. ମନ୍ଦାକିନୀ ପାଢ଼ୀଙ୍କ ପାଣ୍ଡୁଲିପି ପୁସ୍ତକଜ୍ଞାନ ମଧୁସାହିତ୍ୟ ସଂସଦ ପକ୍ଷରୁ ଶୁଭ ଉନ୍ମୋଚନ ହୋଇଥିଲା।



ମନ୍ଦାକିନି ପାଢୀଙ୍କୁ ସମ୍ମାନୀତ କରାଯାଉଛି।

# ମା' ବନଦୁର୍ଗା ମନ୍ଦିରରେ ନବରାତ୍ର ପୂଜା



ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ସମେତ ଦକ୍ଷିଣ ରାଉରକେଲାର ବିଭିନ୍ନ ଦେବୀ ମନ୍ଦିରରେ ନବରାତ୍ରି ପୂଜାବିଧି ଆୟୋଜନ କରାଯାଇଛି। ଏଥିପାଇଁ ମନ୍ଦିରଗୁଡ଼ିକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଏହି କ୍ରମରେ ଲାଠିକଟା ବ୍ଲକ ଟାଙ୍ଗରପାଲିସ୍ଥିତ ମା' ବନଦୁର୍ଗା ମନ୍ଦିରରେ ମହାଆଡ଼ମ୍ବରରେ ନବରାତ୍ର ପୂଜା ଚାଲିଛି। ଏଥିରେ ସୁରେନ୍ଦ୍ର ପାଢୀ, ସୁରେନ୍ଦ୍ର ମିଶ୍ର, ଦେବାଶିଷ ପାଢୀ, କମଳଲୋଚନ ପଣ୍ଡା, ସୁବ୍ରତ କୁମାର ଷଡଙ୍ଗୀ ପ୍ରମୁଖ ପୂଜକ ଏବଂ ତପନ କୁମାର ସାହୁ, ପ୍ରଦ୍ୟୁମ୍ନ ବିଶ୍ୱାଳ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଦିନ ଦେବୀଙ୍କ ବିଭିନ୍ନ ବେଶ ଆୟୋଜନ ହେଉଛି। ଶ୍ରୀପତି ପାତ୍ର, ହରିହର ରାଉତ, ସଞ୍ଜୟ ସାବତ ପ୍ରମୁଖ ସହଯୋଗ କରୁଛନ୍ତି।

# ୭୯ ଦିନରେ ପହଞ୍ଚିଲା ଆନ୍ଦୋଳନ

## ଇଏସ୍ଆଇସି ମେଡିକାଲ କଲେଜ ଓ ହସ୍ପିଟାଲ ଦାବି

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ରାଉରକେଲାରେ କର୍ମଚାରୀ ରାଜ୍ୟ ବୀମା ନିଗମର ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନ ୭୯ ଦିନରେ ପହଞ୍ଚିଛି। ହେଲେ ରାଉରାକେଲାରେ ଏହି ହସ୍ପିଟାଲ ପ୍ରତିଷ୍ଠା ନେଇ ଏଯାଏ ସରକାରଙ୍କ ପକ୍ଷରୁ ସେଭଳି କୌଣସି ସଙ୍କେତ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ଶ୍ରମିକ ନେତା ଦିଗମ୍ବର ମହାନ୍ତି ମଙ୍ଗଳବାର ଅପରାହ୍ନ ୧ଟାରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଉକ୍ତ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ରାଉରକେଲା ଇଏସ୍ଆଇସି ମେଡିକାଲ କଲେଜ ଓ ହସ୍ପିଟାଲ କ୍ରିୟାନୁଷ୍ଠାନ କମିଟି, ହିନ୍ଦ୍ ମଜଦୁର ସଭା ରାଉରକେଲା ପକ୍ଷରୁ ନିରନ୍ତର ଭାବେ ଏହି ଆନ୍ଦୋଳନ କରାଯାଉଛି। ମଙ୍ଗଳବାର ଆୟୋଜିତ ଆନ୍ଦୋଳନରେ ଶ୍ରମିକ ନେତା ମହାନ୍ତି କହିଲେ, ରାଉରକେଲାରେ ସ୍ୱାସ୍ଥ୍ୟବସ୍ଥା ଅବହେଳିତ ହେବାରେ ଲାଗିଛି। କଳକାରଖାନା ସମ୍ପନ୍ନ ସୁନ୍ଦରଗଡ଼ ଜିଲାରେ ଲକ୍ଷାଧିକ ଇଏସ୍ଆଇସି ହିତାଧିକାରୀ ରହିଛନ୍ତି। ଏଠାରେ ଜେଲ୍ ରୋଡରେ ଥିବା ଇଏସ୍ଆଇସି ହସ୍ପିଟାଲ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଫଳରେ ରୋଗୀସେବା ବ୍ୟାହତ ହେଉଛି। ପୂର୍ବରୁ ରୋଗୀମାନଙ୍କୁ ବାହାରକୁ ରେଫର କରାଯାଉଥିଲା। ହେଲେ ବର୍ତ୍ତମାନ ଏଥିପାଇଁ କିଛି ଟଙ୍କା ପ୍ରଦାନ କରାଯାଉଛି, ଯାହା ସ୍ୱାସ୍ଥ୍ୟସେବା ପାଇଁ ଯଥେଷ୍ଟ ନୁହେଁ। ରାଉରକେଲାରେ ଏହି ହସ୍ପିଟାଲ ପାଇଁ ଆଞ୍ଚଳିକ କମିଟିର ବିଭିନ୍ନ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ୮୫ ତମ ବୈଠକରେ ଏହି ହସ୍ପିଟାଲ ଉଭୟ ରାଉରକେଲା ଓ ଭୁବନେଶ୍ୱରରେ ତିଆରି ହେବ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ହେଲେ ଏହା କେବଳ ଭୁବନେଶ୍ୱରରେ ତିଆରି ପାଇଁ ପଦକ୍ଷେପ ନିଆଯାଇଥିଲା। ଉକ୍ତ ପଦକ୍ଷେପକୁ ବିରୋଧ କରି ରାଉରକେଲାରେ ଏହି ଆନ୍ଦୋଳନ କରାଯାଉଛି ବୋଲି ମହାନ୍ତି କହିଥିଲେ। କଟକ ଓ ଭୁବନେଶ୍ୱରଠାରୁ ରାଉରକେଲା ଇସ୍ପାତ କାରଖାନା ବୀମାଭୁକ୍ତ ଅଧିକ ଲୋକ ରହିଛନ୍ତି। ଭୁବନେଶ୍ୱର ଓ କଟକରେ ୧୪ଟି ସୁପରସ୍ପେଶାଲିଟି ହସ୍ପିଟାଲ ଇଏସ୍ଆଇସି ସହିତ ସହବନ୍ଧିତ ରହିଛି। ତେଣୁ ସୁପରସ୍ପେଶାଲିଷ୍ଟ ହସ୍ପିଟାଲ ଭୁବନେଶ୍ୱର ନୁହେଁ ବରଂ ରାଉରକେଲା ପାଇବାକୁ ଯୋଗ୍ୟ ବୋଲି ସେ କହିଥିଲେ। ବିହାରର ପାଟନା, ଦକ୍ଷିଣ ଭାରତ ଭଳି ରାଜ୍ୟରେ ଅଧିକ ସୁବିଧା ସମ୍ପନ୍ନ ଇଏସ୍ଆଇସି ହସ୍ପିଟାଲ ରହିଥିବା ଯୋଗୁ ହିତାଧିକାରୀ ସୁବିଧା ପାଉଛନ୍ତି। ଏହି ସୁବିଧା ରାଉରକେଲା ତଥା ସୁନ୍ଦରଗଡ଼ ଜିଲାର ଶ୍ରମିକମାନଙ୍କୁ ମିଳୁ ବୋଲି ମହାନ୍ତି କହିଥିଲେ। ତେବେ ନୂତନ ରାଜ୍ୟସଭା ସଦସ୍ୟ ଭାବେ ଦିଲ୍ଲୀପ ରାୟ ଜିତିବା ପରେ ଏହି ଆନ୍ଦୋଳନକୁ ବଳ ମିଳିବ ବୋଲି କୁହାଯାଉଛି।



ଆରଏମ୍‌ସି ଛକରେ ଆନ୍ଦୋଳନ କରାଯାଉଛି।

# ମହିଳା ପ୍ରତିଭାଙ୍କୁ ଶି-ଶକ୍ତି ପୁରସ୍କାର ପ୍ରଦାନ





କାର୍ଯ୍ୟକ୍ରମରେ ଜଣେ ମହିଳା ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

ରାଉରକେଲା, ୨୪।୩(ବିପ୍ଳବ ରଞ୍ଜନ ଦାଶ)

ଲାୟନ୍ସ ଇଣ୍ଟରନ୍ୟାଶନାଲ୍ ଡିଷ୍ଟ୍ରିକ୍ଟ ୩୨୨ସି୨ ଏବଂ ବେଦବ୍ୟାସ ଲାୟନ୍ସ କ୍ଲବ୍ ଅଫ୍ ରାଉରକେଲାର ମିଳିତ ତତ୍ତ୍ୱାବଧାନରେ ଲାୟନ୍ସ ଚକ୍ଷୁ ହସ୍ପିଟାଲରେ ରବିବାର ଅପରାହ୍ନ ୪ଟାରେ ମହିଳା ସଶକ୍ତୀକରଣ ପାଇଁ ଉତ୍ସର୍ଗୀକୃତ ଶି-ଶକ୍ତି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥି ଏବଂ ଡକ୍ଟର ଅଞ୍ଜନା ମୈତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଗଭର୍ନର ମମତା ଗୌତମ ସମାଜରେ ମହିଳାମାନଙ୍କର ବୃଦ୍ଧି ପାଉଥିବା ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଉପାଧ୍ୟକ୍ଷ ଜିଲା ଗଭର୍ନର ଦୁର୍ଗେଶ ନନ୍ଦିନୀ ବିଶ୍ୱାଳ ମହିଳାମାନଙ୍କ ବହୁମୁଖୀ ସ୍ୱଭାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ସହରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ଶୀ-ଶକ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଲାୟନ୍ସ କ୍ଲବ୍ ଅଫ୍ ରାଉରକେଲା ବେଦବ୍ୟାସ ସଭାପତି ପବନ ଅଗ୍ରୱାଲ ସ୍ୱାଗତ ଭାଷଣ ଏବଂ ମହିଳା ସଶକ୍ତୀକରଣ ଅଧ୍ୟକ୍ଷା ଉଷା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଅଧ୍ୟକ୍ଷା (ମହିଳା ସଶକ୍ତୀକରଣ) ବୈଶାଳୀ ଖାରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ପୋଖରୀ ପୁନରୁଦ୍ଧାର ଦାବି

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)

ନୂଆଗାଁ ବ୍ଲକ ହାତୀବାରି ଗ୍ରାମପଞ୍ଚାୟତ ଅଧୀନ ବୈଦ୍ୟନାଥପୁର ଓ ପାହାନଟୋଲି ମଧ୍ୟବର୍ତ୍ତୀ ବ୍ରାହ୍ମଣପୋଖରୀଠାରେ ଥିବା ଏକ ପୁରାତନ ପୋଖରୀ ଦୀର୍ଘଦିନ ହେଲା ପରିତ୍ୟକ୍ତ ହୋଇପଡିଛି। ଏହାର ପୁନରୁଦ୍ଧାର କରାଯାଉ ନ ଥିବା ଯୋଗୁ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ପୋଖରୀ ଉପରେ ହାତୀବାରି ପଞ୍ଚାୟତର ପାହାନଟୋଲି, ବୈଦ୍ୟନାଥପୁର, ବ୍ରାହ୍ମଣ ବସ୍ତି, ମୁସଲିମ୍ ବସ୍ତି, ଟିସ୍କୋ କଲୋନୀର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ପଞ୍ଚାୟତ ପକ୍ଷରୁ ଏଠାରେ ପକ୍କା ଘାଟ ମଧ ନିର୍ମାଣ କରାଯାଇଛି। ଏହି ପୋଖରୀରେ ଦଳ ବା ବୁର ମାଡିଯିବା ଯୋଗୁ ଏହାର ପାଣି ଦୂଷିତ ହେବା ସହ ସ୍ନାନ ପାଇଁ ଅନୁପଯୋଗୀ ହେବାରେ ଲାଗିଛି। ଆଗକୁ ତାତି ବଢିଲେ ପାଣି ସମସ୍ୟା ଦେଖାଦେବ। ଏହାପୂର୍ବରୁ ଏହି ପୋଖରୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।



ବ୍ରତଧାରୀମାନେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଛନ୍ତି।



ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀ।

# ଆଜି ସରିବ ଚୈତ୍ର ଛଟ୍ ପୂଜା

ରାଉରକେଲା, ୨୪।୩(ସଙ୍ଗୀତା ଜେନା)

ଉତ୍ତର ଭାରତୀୟମାନଙ୍କ ଆସ୍ଥାର ପର୍ବ ବର୍ଷର ଦ୍ୱିତୀୟ ପାଳିରେ ହେଉଥିବା ଚୈତ୍ରମାସ ଛଟ୍ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ରବିବାର ଏକ ବାର, ସୋମବାର ଖରନା ପରେ ମଙ୍ଗଳବାର ସନ୍ଧ୍ୟା ଅର୍ଘ୍ୟ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଉରକେଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ବ୍ରତୀମାନେ ଏକତ୍ରିତ ହୋଇ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପରିବାରର ଶୁଭ ମନାସିଥିଲେ। ସେହିପରି ବେଦବ୍ୟାସ ରୁଫୁଟୋଲା ସମେତ ଅନ୍ୟ ୩ ଜଳସ୍ରୋତ ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି। ଘାଟ ସଫେଇ, ରାସ୍ତା ମରାମତି, ଅସ୍ଥାୟୀ ପୂଜା ସାମଗ୍ରୀ ଦୋକାନ, ବ୍ରତୀମାନଙ୍କୁ ବସିବା ଆଦି ବିଶେଷ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରୀୟ ଛଟ୍ କମିଟି ସଦସ୍ୟ, ଜିଲା ପ୍ରଶାସନିକ ଅଧିକାରୀ ତଥା ଜନପ୍ରତିନିଧିମାନଙ୍କ ତତ୍ତ୍ୱାବଧାନରେ ଏହି ପର୍ବ ପାଳନ କରାଯାଉଛି। ସୂଚନାଯୋଗ୍ୟ, ରାଉରକେଲାରେ ଅଧିକ ସଂଖ୍ୟାରେ ଉତ୍ତର ଭାରତୀୟ ବସବାସ କରୁଥିବା ଯୋଗୁ ଉକ୍ତ ପୂଜା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥାଏ। କାର୍ତ୍ତିକ ମାସରେ ହେଉଥିବା ଛଟ୍ ପର୍ବ ଭଳି ଏଥିରେ ୩୬ ଘଣ୍ଟା ନିର୍ଜଳା ଉପବାସ କରି ପର୍ବ ପାଳନ କରାଯାଏ। ବୁଧବାର ପ୍ରାତଃ ଅର୍ଘ୍ୟ ପ୍ରଦାନ ପରେ ଛଟ୍ ପର୍ବ ସମ୍ପନ୍ନ ହେବ ବୋଲି ଜଣାପଡିଛି।

# ୫୬୨ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ରାଉରକେଲା,୨୪।୩(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାର ବରିଷ୍ଠ ନାଗରିକ ସେଲ୍ ମାଧ୍ୟମରେ ବୟୋଜ୍ୟେଷ୍ଠ ନାଗରିକମାନଙ୍କୁ ମଙ୍ଗଳବାର ଜିଲା ପୋଲିସ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରେ ଆୟୋଜିତ କାର୍ଯ୍ୟକ୍ରମରେ ୫୬୨ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ପି ୱାଧୱାନୀ କହିଲେ, ଉକ୍ତ ପରିଚୟ ପତ୍ର ଦ୍ୱାରା ସହଜ ଚିହ୍ନଟ, ଶୀଘ୍ର ସହାୟତା ଓ ବୃଦ୍ଧମାନଙ୍କ ପାଇଁ ପୋଲିସର ଉନ୍ନତ ସହଯୋଗ ମିଳିପାରିବ। ବିଭିନ୍ନ ଥାନା ଅଞ୍ଚଳରେ ମୋଟ ୮୬ ଜଣ ବିଟ୍ ଅଫିସର ନିଯୁକ୍ତ ପାଇଛନ୍ତି। ସେମାନେ ବରିଷ୍ଠ ନାଗରିକମାନଙ୍କ ସହ ସମ୍ପର୍କ ରଖିବା, ସମସ୍ୟା ଶୁଣିବା ସହ ସୁରକ୍ଷା ସୁନିଶ୍ଚିତ କରିବେ ବୋଲି ୱାଧୱାନୀ କହିଥିଲେ।



ପୋଲିସ ମୁଖ୍ୟାଳୟରେ ଉପସ୍ଥିତ ବରିଷ୍ଠ ନାଗରିକ।

# ଯୁବକଙ୍କ ମୃତଦେହ ଜବତ

ରାଉରକେଲା, ୨୪।୩(ସଙ୍ଗୀତା ଜେନା)

ରାଉରକେଲା ଷ୍ଟେଶନର ୩ ନଂ. ପ୍ଲାଟଫର୍ମ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜିଆରପି ପୋଲିସ ମଙ୍ଗଳବାର ଜବତ କରିଛି। ତାଙ୍କବୟସ ଜଣେ ୪୫ରୁ ୫୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ସୋମବାର ବିଳମ୍ବିତ ରାତି ୩ଟା ୨୫ ମିନିଟ୍‌ରେ ଉକ୍ତ ଯୁବକ ରେଳ ଧାରଣାରେ ଶୋଇ ପଡ଼ିଥିଲେ। ପରେ ଏକ ଯାତ୍ରୀବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ସମ୍ଭବତଃ ସେ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ପୋଲିସ ମୃତଦେହକୁ ଆର୍‌ଜିଏଚ୍ ମର୍ଗହାଉସରେ ରଖିବା ସହ ଏକ ମାମଲା (ନଂ .୨୮/୨୬) ରୁଜୁ କରିଛି।

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ରାଉରକେଲା ଗସ୍ତ

ରାଉରକେଲା,୨୪।୩ (ସଙ୍ଗୀତା ଜେନା)

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ମଙ୍ଗଳବାର ରାଉରକେଲା ଗସ୍ତରେ ଆସି ଅଙ୍ଗନୱାଡି କେନ୍ଦ୍ର ସହିତ ଛତୁଆ ତିଆରି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଅଧ୍ୟକ୍ଷ ସାହୁ ପ୍ରଥମେ ପ୍ଲାଣ୍ଟସାଇଡ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିବା ସହିତ ବ୍ୟବସ୍ଥା ତଦାରଖ କରିଥିଲେ। ଏହା ସହିତ ଆଚାର୍ଯ୍ୟ ହରିହର ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ଏହାବ୍ୟତୀତ ସେ ଛାତ୍ରୀଛାତ୍ର, ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ସେ ରୁଫୁଟୋଲାସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ଏସ୍‌ଏଚ୍‌ଜି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ରାଉରକେଲା ମହାନଗର ନିଗମର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାନପୋଷ ଉପଖଣ୍ଡର ବିଶ୍ରା, କୁଆରମୁଣ୍ଡା, ଲାଠିକଟା, ନୂଆଗାଁ ବ୍ଲକର ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତ୍ୟୋଦୟ ଯୋଜନା, ରାସନ କାର୍ଡରେ ନୂତନ ହିତାଧିକାରୀ ସାମିଲ ହେବା ବିଷୟରେ ଆଲୋଚନା କରାଯାଇଥିଲା। ଅଯୋଗ୍ୟ ହିତାଧିକାରୀମାନଙ୍କୁ ରାଶନ କାର୍ଡରୁ ବାଦ୍ ଦେବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅନୁସୂଚିତ ଜାତି, ଜନଜାତିର ହଷ୍ଟେଲ ଆକାଂକ୍ଷା, ଅନ୍ୱେଷାର ବ୍ୟବସ୍ଥା, ବିଭିନ୍ନ ସ୍କୁଲର ଏମ୍‌ଡିଏମ୍ ବ୍ୟବସ୍ଥା, ଅଙ୍ଗନୱାଡି କେନ୍ଦ୍ରର ବ୍ୟବସ୍ଥା ସମୀକ୍ଷା କରିଥିଲେ। ବୈଠକରେ ଉପଜିଲାପାଳ ବିଜୟ କୁମାର ନାୟକ, ସୁନ୍ଦରଗଡ଼ ଅତିରିକ୍ତ ଯୋଗାଣ ଅଧିକାରୀ ସଞ୍ଜୟ ପ୍ରକାଶ ପ୍ରଧାନ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କର୍ଣ୍ଣ, ପାନପୋଷ ସହକାରୀ ଯୋଗାଣ ଅଧିକାରୀ ସଞ୍ଜିତା ପଟ୍ଟନାୟକ, ଏସ୍‌ଏସ୍‌ଏସ୍‌ଓ ମିନୁ ତାଣ୍ଡିଆ ଏବଂ ସିଡିପିଓ ଉପସ୍ଥିତ ଥିଲେ। ଏହି ଅବସରରେ ୪ ଜଣ ହିତାଧିକାରୀଙ୍କୁ ନୂତନ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା।



ଛତୁଆ ତିଆରି କେନ୍ଦ୍ରରେ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ।

# ଶୁକଦେଇ ମହିଳା ଶାଖାର ପଖାଳ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)

ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟିର ଶୁକଦେଇ ମହିଳା ଶାଖା ପକ୍ଷରୁ ସେକ୍ଟର-୩ ଖଣ୍ଡ୍ମ ଭବନରେ ସୋମବାର ବିଶ୍ୱ ପଖାଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଶାଖାର ବରିଷ୍ଠ ସଦସ୍ୟା ସ୍ୱପ୍ନାରାଣୀ ଭଞ୍ଜଦେଓ ଓ ତନୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ମହାସଭା ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉପସ୍ଥିତ ସଦସ୍ୟା ଓ ଅତିଥିଙ୍କ ମଧ୍ୟରେ ସୁବାସିତ ପଖାଳ, ବଡ଼ିଚୁରା, ଶାଗଭଜା, ସଜନା ଛୁଇଁ ଆଳୁ ଭଜା, ଆଳୁ ଭରତା, କଳରା ଭଜା, ଆମ୍ବ ଚଟଣୀ, ସାଲାଡ୍, ଦହି, ଦହିକଡି ଆଦି ପରସା ଯାଇଥିଲା। ପଖାଳ କିପରି ଆମ ସମାଜକୁ ପ୍ରଭାବିତ କରି ରଖିଛି, ପଖାଳର ଔଷଧୀୟ ଗୁଣ, ଶ୍ରୀଜଗନ୍ନାଥଙ୍କ ପଖାଳ କିପରି ପ୍ରିୟ ସେ ସମ୍ପର୍କରେ କିଛି ସଦସ୍ୟା ଆଲୋଚନା କରିଥିଲେ। ଶୁକଦେଇ ଶାଖାର ପ୍ରତିଭା, ଦିପ୍ତୀ, ତପସ୍ୱିନୀ, ଶାନ୍ତି, ମହାସଭାର ରାଧାଶ୍ୟାମ, ବିମଳ, ଅବନୀ, ଶମ୍ଭୁନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ରାଲିରେ ଆର୍‌ଏସ୍‌ପି କର୍ମଚାରୀ

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)

ସାର୍ବଜନୀନ ସ୍ଥାନରୁ ପ୍ଲାଷ୍ଟିକ୍ ଅଳିଆ ଅପସାରଣ କରିବା ଉଦ୍ଦେଶ୍ୟରେ ଆର୍‌ଏସ୍‌ପି ଦ୍ୱାରା ଗଠିତ ବିଭିନ୍ନ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀ ପକ୍ଷରୁ ଏକ ପ୍ଲାଷ୍ଟିକ୍ ସଂଗ୍ରହ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ଟିଇ-ଜନସ୍ୱାସ୍ଥ୍ୟ ବିଭାଗର ଉପମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଦୀପା ଲାଭାଙ୍ଗରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହ ଯଅଂଶଗ୍ରହଣକାରୀମାନଙ୍କୁ ଏହାକୁ ଅଭ୍ୟାସରେ ପରିଣତ କରିବା ଏବଂ ଏକ ସ୍ୱଚ୍ଛ ପରିବେଶ ପ୍ରତି ପ୍ରତିବଦ୍ଧ ହେବାକୁ ଉତ୍ସାହିତ କରିଥିଲେ। ଏହି ପଦଯାତ୍ରା ଇସ୍ପାତ ଷ୍ଟାଡିୟମରୁ ଆରମ୍ଭ ହୋଇ ସେକ୍ଟର-୬ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ, ମାର୍କେଟ ସମେତ ଏହାର ପ୍ରମୁଖ ଅଞ୍ଚଳଗୁଡ଼ିକ ସହ ଫିଟନେସ୍ ପାର୍କରେ ଶେଷ ହୋଇଥିଲା। ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ରାସ୍ତାରେ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ କରିଥିଲେ। ଏହି ଅଭିଯାନରେ ଅଂଶଗ୍ରହଣ କରିଥିବା ଉଲ୍ଲେଖନୀୟ ଗୋଷ୍ଠୀଗୁଡ଼ିକ ମଧ୍ୟରେ ସେକ୍ଟର-୬ ସ୍ଥିତ ଫିଟନେସ୍ ପାର୍କ ସ୍ୱଚ୍ଛତା ଗ୍ରୁପ୍ ଏବଂ କ୍ଲିନ୍ ଆଣ୍ଡ ଗ୍ରୀନ୍ ଗ୍ରୁପ୍ ସାମିଲ ଥିଲେ। ଟିଇ-ଫିଏଚ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର ଆର୍. ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ରାଲିରେ ଅଂଶଗ୍ରହଣ କରିଥିବା ଆର୍‌ଏସ୍‌ପି କର୍ମଚାରୀ।

# ନାଟକ 'ଉଲପୀ'ରେ ଅନାବିଳ ପ୍ରେମ, ସଂଘର୍ଷର କାହାଣୀ

ରାଉରକେଲା,୨୪।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ନାଟ୍ୟାନୁଷ୍ଠାନ ସମ୍ପର୍କ ପକ୍ଷରୁ ଆୟୋଜିତ ଜାତୀୟ ନାଟକ ମହୋତ୍ସବର ମଙ୍ଗଳବାର ତୃତୀୟ ସନ୍ଧ୍ୟା ଥିଲା। ଏହି ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଏନ୍‌ଟିପିସିର ମୁଖ୍ୟ ମହାପ୍ରବନ୍ଧକ କେ. ସତ୍ୟ ନାରାୟଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସୁବ୍ରତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ସମର ମୁଦାଲି ଓ ସୁନ୍ଦରଗଡ ଜିଲା କୋପରେଟିଭ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଝିଲିମା ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଭିନେତା, ରାଜନୀତିଜ୍ଞ ଓ ସମାଜସେବୀ ଧୀରେନ ସେନାପତିଙ୍କୁ 'ଆମ କଳାକାର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଅକ୍ଷୟ କୁମାର ଧଳ, ଡ. ସସ୍ମିତା ପ୍ରଧାନ, ପ୍ରୀତିପ୍ରିୟା ଦାସ ପ୍ରମୁଖ ସମ୍ପର୍କ ସମ୍ମାନରେ ସମ୍ମାନିତ ହୋଇଥିଲେ। ପରେ ବେଲପାହାଡ଼ର ମିରର ଥିଏଟର କଳାକାରମାନେ ନାଟକ 'ଉଲପୀ' ମଞ୍ଚସ୍ଥ କରିଥିଲେ। ଡକ୍ଟର ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକଟି ଉଚ୍ଚକୋଟୀର ତଥା ହୃଦୟସ୍ପର୍ଶୀ ଥିଲା। ମହାଭାରତରେ ବର୍ଣ୍ଣିତ ଚନ୍ଦ୍ରବଂଶୀ ରାଜକୁମାର ତୃତୀୟ ପାଣ୍ଡବ ଅର୍ଜନ ଓ ନାଗବଂଶୀ ରାଜକୁମାରୀ ଉଲପୀଙ୍କ ଅନାବିଳ ପ୍ରେମକୁ ନେଇ ନାଗବଂଶୀ ଓ ଚନ୍ଦ୍ରବଂଶୀ ଲୋକଙ୍କ ମଧ୍ୟରେ ସଙ୍ଗଠିତ ସଂଘର୍ଷକୁ ଆଧାର କରି ଏହି ନାଟକ ରଚିତ। ନାଟକଟି ସାମ୍ପ୍ରତିକ ତଥାକଥିତ ରକ୍ଷଣଶୀଳ ପରିବାର ମଧ୍ୟରେ ପ୍ରେମ ବିବାହକୁ ନେଇ ସୃଷ୍ଟି ହେଉଥିବା ସଂଘର୍ଷକୁ ଉପସ୍ଥାପନ କରିଛି। ଗୌରୀଶଙ୍କର କୁମ୍ଭାର ସଙ୍ଗୀତ ଦେଇଥିବାବେଳେ ଉଲପୀ ଭୂମିକାରେ ସୋନିଆ ବେହେରା ଓ ଅର୍ଜୁନ ଭୂମିକାରେ ସନ୍ତୋଷ ସାହୁଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ବୁଧବାର ବାରିପଦାର ରୂପାନ୍ତର ଅନୁଷ୍ଠାନ ମଞ୍ଚସ୍ଥ କରିବ ନାଟକ 'ଅପଦାର୍ଥ'।



ପରିବେଷିତ ନାଟକର ଏକ ଦୃଶ୍ୟ।

**ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ରେଢ଼ାଖୋଲ,(ସନ୍ତୋଷ ବଘାର): ସମ୍ବଲପୁର ଜିଲା ରେଢ଼ାଖୋଲରେ ଜାତୀୟ ଜନଗଣନା ୨୦୨୭ ନିମନ୍ତେ ମଙ୍ଗଳବାର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ କିପରିଭାବେ ଗଣନାକାରୀ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ ଏବଂ ଏହାକୁ କିଭଳି ଭାବେ ତଦାରଖ କରାଯାଇ ଡାଟା ସଂଗୃହୀତ ହେବ ସେ ଉପରେ ତାଲିମ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ୩୨ଜଣ ଗଣନାକାରୀ ଏବଂ ୬ ଜଣ ତଦାରଖକାରୀ ଯୋଗ ଦେଇଥିଲେ ବୋଲି ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା ସୂଚନା ଦେଇଛନ୍ତି।

# ଭିମ୍‌ସାରରେ ଅଗ୍ନି ନିରାପତ୍ତା ସମୀକ୍ଷା

**ସମ୍ବଲପୁର,୨୪।୩(ପ୍ରମୋଦ ବହିଦାର)**

■ ଅଗ୍ନିଶମ ଡିଜିଙ୍କ ଭିମ୍‌ସାର ପରିଦର୍ଶନ

■ ଏଆଇ କ୍ୟାମେରା ଦେବ ଅଗ୍ନିକାଣ୍ଡର ଆଗୁଆ ସୂଚନା



ଅଗ୍ନିଶମ ସେବା ଡିଜିଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସମ୍ବଲପୁର ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ଭିମସାର)ର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ(ଡିଜି) ଡ. ସୁଧାଂଶୁ ଷଡ଼ଙ୍ଗୀ ମଙ୍ଗଳବାର ଭିମସାର ପରିଦର୍ଶନ କରିବା ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଭିମସାର ପ୍ରେକ୍ଷାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଡିଜି ଷଡ଼ଙ୍ଗୀ ଅଗ୍ନି ନିରାପତ୍ତା କ୍ଷେତ୍ରରେ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ସହିତ ନିରାପତ୍ତାମୂଳକ ପଦକ୍ଷେପ, ଆଧୁନିକ ଅଗ୍ନିଶମ ଉପକରଣର ବ୍ୟବହାର ଏବଂ ସାଙ୍ଗଠନିକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେଥିମଧ୍ୟରେ ପ୍ରାକୃତିକ ବୁଦ୍ଧିମତ୍ତା(ଏଆଇ) କ୍ୟାମେରାର ବ୍ୟବହାର, ବ୍ୟବହୃତ ବିଦ୍ୟୁତ୍ ଉପକରଣ ସୁରକ୍ଷା, କର୍ମଚାରୀଙ୍କୁ ପ୍ରଶିକ୍ଷଣ ଆଦି ପ୍ରସଙ୍ଗ ଉପରେ ସେ ଆଲୋଚନା କରିଥିଲେ। ସେହିପରି ଅଗ୍ନିକାଣ୍ଡଜନିତ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଏବଂ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।

ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଡିଜି ଷଡ଼ଙ୍ଗୀ କହିଥିଲେ, ଭିମସାରରେ ଥିବା ୨୦ଟି କୋଠା ମଧ୍ୟରୁ କେତେକ ବହୁ ପୁରୁଣା ଶୈଳୀରେ ନିର୍ମାଣ ହୋଇଛି। ତେଣୁ ଏଭଳି କୋଠାଗୁଡ଼ିକରେ ୨୦୧୭ ଅଗ୍ନି ନିରାପତ୍ତା ନିୟମ ଅନୁସାରେ ଆବଶ୍ୟକ ସଂସ୍କାର ଆଣିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହି ସବୁ ସ୍ଥାନରେ କିପରି ସୁରକ୍ଷିତ ଭାବେ ରୋଗୀ ସେବା ଯୋଗାଇ ଦିଆଯିବ ସେ ନେଇ ଅଗ୍ନିଶମ ବିଭାଗ ଓ ଭିମସାର କର୍ତ୍ତୃପକ୍ଷ ମିଳିତଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଭିମସାରର ଯେଉଁ ସବୁ କୋଠାରେ ତୁରନ୍ତ ନିରାପତ୍ତା ଜନିତ ପରିବର୍ତ୍ତନର ଆବଶକତା ରହିଛି ସେଠାରେ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଦୀର୍ଘକାଳୀନ ଭିତ୍ତିରେ କେତେକ ନୂତନ ପଦକ୍ଷେପ ଗ୍ରହଣ କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅବଶ୍ୟକ ପାଣ୍ଠି ଅନୁମୋଦନ କରାଯାଇଛି। ପୂର୍ତ୍ତ ବିଭାଗ ମାଧ୍ୟମରେ ଏହି କାର୍ଯ୍ୟ କରାଯିବ। ସେହିପରି ଡିଜିଙ୍କ ନିର୍ଦ୍ଦେଶକ୍ରମେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏଣିକି ଭିମସାରରେ ପୁରୁଣା ସିସି କ୍ୟାମେରାକୁ ପରିବର୍ତ୍ତନ କରାଯାଇ ଏଆଇ ପରିଚାଳିତ କ୍ୟାମେରାର ସହାୟତା ନିଆଯିବ। ଯାହା ଅଗ୍ନିକାଣ୍ଡକୁ ଆଗୁଆ ଚିହ୍ନଟ କରିବାରେ ସହାୟତା କରିବ। ସେହିପରି ୨୦୧୭ ଅଗ୍ନି ନିରାପତ୍ତା ଅଧିନିୟମ ଅନୁଯାୟୀ ପୁରୁଣା କୋଠାଗୁଡ଼ିକରେ ର୍ୟାମ୍ପ ନିର୍ମାଣ, ଅଗ୍ନି ନିର୍ବାପକ ଯନ୍ତ୍ର ସ୍ଥାପନ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଅଗ୍ନିଶମ ସେବା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ବୋନ୍ଦର କହିଛନ୍ତି।

ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ଭିମସାର ନିର୍ଦ୍ଦେଶକ ପ୍ରଫେସର ଡା. ଲଳମୋହନ ନାୟକ, ଭିମସାର ଅଧ୍ୟକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତ, ଭିମସାର ବିଭିନ୍ନ ବିଭାଗର ମୁଖ୍ୟଙ୍କ ସମେତ, ଅଗ୍ନିଶମ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ ଏବଂ ଜିଇଡି ବିଭାଗ ଅଧିକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିକାରୀ ଗିରଫ, ବନ୍ଧୁକ ଜବତ

**ରେଢ଼ାଖୋଲ,୨୪।୩ (ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡ ବଡ଼ମାଳ ରେଞ୍ଜରେ ଜଣେ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ। ଶିକାରୀ ଚାରମାଳ ଥାନା ଝାଙ୍କରପାଲି ଗ୍ରାମର ମଣି ଭୋଇ (୩୮)। ତାଙ୍କଠାରୁ ଦେଶୀ ବନ୍ଧୁକ, ଗୁଳି, ବାରୁଦ ଜବତ କରାଯାଇଛି। ଦୁଇଦିନ ତଳେ ମଣି ଭୋଇ ଶିକାର କରିବା ଉଦ୍ଦେଶ୍ୟରେ ମୋଚିବାହାଲ ରେଞ୍ଜ ଭାଲିଆକାଟା ଗ୍ରାମ ନିକଟରେ ଥିବା ଖେସାରା ଜଙ୍ଗଲକୁ ଯାଇଥିଲେ। ରାତିରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଙ୍ଗ କରିବା ସମୟରେ ମୋଚିବାହାଲ ବନପାଳ ଠାକୁର ପ୍ରଧାନ ସଦଳବଳ ଚଢ଼ାଉ କରି ଶିକାରୀଙ୍କୁ ଧରିଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବଡ଼ମାଳ ରେଞ୍ଜର ଚିନ୍ମୟ ଗଡ଼ତିଆ କହିଛନ୍ତି।

# ଓଲଟିଲା ସ୍କୁଲ ଅଟୋ, ୪ ଛାତ୍ରୀଛାତ୍ର ଗୁରୁତର

**ସମ୍ବଲପୁର,୨୪।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଶାସନ ଥାନା ପରମାଣପୁର କଲେଜ ନିକଟରେ ମଙ୍ଗଳବାର ବାଇକ ସହ ଧକ୍କା ହୋଇ ଏକ ସ୍କୁଲ୍ ଅଟୋ ଓଲଟି ପଡିବାରେ ୪ ଛାତ୍ରୀଛାତ୍ର ଗୁରୁତର୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଛି। ଆହତ ଛାତ୍ରୀଛାତ୍ର ପରମାଣପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବୋଲି ଜଣା ପଡ଼ିଛି। ସକାଳେ ଅଟୋ ବିଶାଳଖିଣ୍ଡାରୁ ୮ଜଣ ଛାତ୍ରୀଛାତ୍ରଙ୍କୁ ନେଇ ସ୍କୁଲ୍ ଅଭିମୁଖେ ବାହାରିଥିଲା। ପୁରୁଣା ରାଞ୍ଚି ରୋଡ଼ରେ ଯିବା ସମୟରେ ପରମାଣପୁର କଲେଜ୍ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ଅଟୋର ଧକ୍କା ହୋଇଥିଲା। ଏଥିରେ ଅଟୋ ଓଲଟି ପଡ଼ିବାରୁ ଏଥିରେ ଥିବା ଛାତ୍ରୀଛାତ୍ର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ ୪ ଜଣ ଛାତ୍ରୀଛାତ୍ର ଗୁରୁତର ଆହତ ହୋଇଥିଲେ। ଅପରପକ୍ଷରେ ଦୁର୍ଘଟଣାରେ ବାଇକ ଚାଳକ ଓ ତାଙ୍କ ସ୍ତ୍ରୀ ମଧ୍ୟ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଶାସନ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଓ ବାଇକ୍‌କୁ ଜବତ କରିଛି।




ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶାଖା ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଶିବିରରେ ଅତିଥି ଓ ଛାତ୍ରୀଛାତ୍ରମାନେ।

# ସମାଜସେବା ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜକୁ ଗଢ଼ନ୍ତୁ

**ସମ୍ବଲପୁର,୨୪।୩(ବି.ଶଙ୍କର)**

**ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶାଖା ଦ୍ୱାରା ଆୟୋଜିତ ୭ ଦିନିଆ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ଶିବିର ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ପୋଷ୍ୟ ଗ୍ରାମ ପିଲାକନ୍ଦେଇ ପଡାରେ ଚାଲିବ । ଏହି କାର୍ଯ୍ୟକ୍ରମ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ଦ୍ୱାରା ପ୍ରାୟୋଜିତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଇକ୍ୟୁଏସି ସମନ୍ୱୟକ ଡ. ରଘୁମଣି ନାଏକ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସୁରେଶ ଏକ୍କା ଓ ଏନ୍‌ଏସ୍‌ଏସ୍ ସହକାରୀ ପ୍ରୋଗ୍ରାମ ଅଫିସର ରୋଜାଲି ସେଠ ଆସନ୍ତା ୭ଦିନର କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରିଥିଲେ । ଶିବିରର ଲକ୍ଷ୍ୟ ଓ ସମାଜ ସେବାର ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ମୁଖ୍ୟ ଅତିଥି ଡ. ହରପାଲ ତାଙ୍କ ଅଭିଭାଷଣରେ ଏନ୍‌ଏସ୍‌ଏସ୍ ମୂଲ୍ୟବୋଧ ଓ ଛାତ୍ରଜୀବନରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରୀଛାତ୍ରଙ୍କୁ ସମାଜ ସେବା ମାଧ୍ୟମରେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ କୋ-ୟୁନିଟ ୫୦ ଜଣ ସ୍ୱୟଂ ସେବକ ଅଂଶଗ୍ରହଣ କରିଛନ୍ତି। ସେମାନେ ଗ୍ରାମରେ ପରିଚ୍ଛନ୍ନତା ଅଭିଯାନ, ପୋଖରୀ ସଫା, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ପ୍ରତିଦିନ ଶିକ୍ଷାମୂଳକ ଅଧିବେଶନରେ ଅଂଶଗ୍ରହଣ କରିବେ। ଶିବିର ମାଧ୍ୟମରେ ଛାତ୍ରୀଛାତ୍ରମାନେ ସମାଜ ସେବାର ଅନୁଭବ ଉପଲବ୍ଧି କରିବେ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଛନ୍ତି।

# ପ୍ରକଳ୍ପ ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

**ସମ୍ବଲପୁର,୨୩।୩(ଭବାନୀ ଶଙ୍କର ଭୋଇ)**



ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଜିଲାର ବରିଷ୍ଠ ଅଧିକାରୀଙ୍କ ସହ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

ରାଜ୍ୟ ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଜିଲା ନୋଡାଲ ସଚିବ ବିଶାଲ କୁମାର ଦେବ ମଙ୍ଗଳବାର ସମ୍ବଲପୁର ଗସ୍ତ କରି ଜିଲାର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆଇଆଇଏମ ସମ୍ବଲପୁର ପରିଦର୍ଶନ କରି ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୈସୱାଲଙ୍କ ଏବଂ ଅଧ୍ୟାପକଙ୍କ ସହିତ ସେଣ୍ଟର ଅଫ ଏକ୍ସିଲେନ୍ସି ଅନ ଏଆଇ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ବସନ୍ତପୁରଠାରେ ହେବାକୁ ଥିବା ଆଇଟି ପାର୍କ ପାଇଁ ସ୍ଥାନ ପରିଦର୍ଶନ କରିଥିଲେ। ଏହାପରେ ଶିଳ୍ପ ଓ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ହେଉଥିବା ବିକାଶମୂଳକ କାର୍ଯ୍ୟ ଏବଂ ଏହାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଅନୁଧ୍ୟାନ କରିଥିଲେ। ବୁର୍ଲା ସ୍ଥିତ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କର ନିର୍ମାଣାଧୀନ ଭିତ୍ତିଭୂମି ସହ ସେଠାକାର କାର୍ଯ୍ୟ ପ୍ରଗତି ନେଇ ସମୀକ୍ଷା କରିଥିଲେ। ଏହାପରେ ହୀରାକୁଦ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତୀକରଣ କାର୍ଯ୍ୟ, ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସହ ମନ୍ଦେଲିଆ ପଡିଆର ଉନ୍ନତି କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ରାଜସ୍ୱ ସୁଧାଂଶୁ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, ସମ୍ବଲପୁର ତହସିଲଦାର ଅଭିଜିତ ମହାନ୍ତ ଏବଂ ଜିଲାର ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ହୀରାକୁଦ ଜଳ ବିଦ୍ୟୁତ୍ କର୍ମଚାରୀଙ୍କ ବୈଠକ

**ସମ୍ବଲପୁର,୨୪।୩(ପ୍ରମୋଦ ବହିଦାର)**

ବୁର୍ଲାରେ ହୀରାକୁଦ ଜଳ ବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଜଗନ୍ନାଥ ମନ୍ଦିରର ପ୍ରାଙ୍ଗଣରେ ଏନ୍‌ଏଫ୍‌ଆଇଟିଇଉ ଅନୁବନ୍ଧିତ ହୀରାକୁଦ ଡ୍ୟାମ୍ ମଜଦୁର ସଂଘର କୁନୁ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନ୍‌ଏଫ୍‌ଆଇଟିଇଉ ରାଜ୍ୟ ସଭାପତି ତଥା ମଜଦୁର ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ ଯୋଗଦେଇ ନିଜର ହକ୍ ପାଇଁ ଶ୍ରମିକମାନେ ଏକତ୍ରିତ ହୋଇ ଲଢ଼େଇ କରିବା ଆବଶ୍ୟକ ବୋଲି କହିଥିଲେ। ଶ୍ରମିକଙ୍କୁ ଧାରାବାହିକ ଦରମା ପ୍ରଦାନ, ସାମାଜିକ ନିରାପତ୍ତା ଯୋଜନାରେ ସାମିଲ କରିବା, ସମାନ କାମକୁ ସମାନ ଦରମା, ଶ୍ରମ ଆଇନ୍‌କୁ କାର୍ଯ୍ୟକାରୀ କରିବା, ଠିକା ଶ୍ରମିକଙ୍କୁ ନିୟମିତ କରିବା ତଥା ଶ୍ରମିକଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କୁ ନିକଟରେ ଦାବି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ବୁର୍ଲାସ୍ଥିତ ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ଏବଂ ମଡେଲ୍ ଷ୍ଟଡି ରିସର୍ଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ସ୍ଥିରୀକୃତ ହେଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରବି ଗୁରୁ, ମଦନ ପଣ୍ଡା, ପ୍ରଭୁ ଶତପଥୀ, ମନୋଜ ପଞ୍ଚଭାୟା, ଭାଗିରଥୀ ଲୁହା, ଗୁରୁ ବନଛୋର, ସନ୍ତୋଷ ତାଣ୍ଡି, ଧ୍ରୁବ ଚରଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଆର୍ଚେରୀ ପାଇଁ ମନୋନୀତ ଅର୍ଣ୍ଣବଙ୍କୁ ସହାୟତା

**ସମ୍ବଲପୁର,୨୪।୩(ଭବାନୀ ଶଙ୍କର ଭୋଇ)**




ଅତ୍ୟାଧୁନିକ କ୍ରୀଡ଼ା ସରଞ୍ଜାମ ଅର୍ଣ୍ଣବଙ୍କୁ ହସ୍ତାନ୍ତର କରାଯାଉଛି।

ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଆସନ୍ତା ୨୭ ଓ ୨୮ରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଆର୍ଚେରୀ ଚାମ୍ପିଅନଶିପ୍ ପାଇଁ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଅର୍ଣ୍ଣବ ଦେହୁରୀ (୧୧ ବର୍ଷ) ମନୋନୀତ ହୋଇଛନ୍ତି। ସମ୍ବଲପୁର ଜିଲାପାଳଙ୍କ ମାର୍ଗଦର୍ଶନରେ ଜିଲା ପ୍ରଶାସନ ପକ୍ଷରୁ ଅର୍ଣ୍ଣବଙ୍କୁ ଏହି ପ୍ରତିଯୋଗିତା ପାଇଁ ଏକ ସ୍ୱତନ୍ତ୍ର ଭାବେ ନିର୍ମି ଧନୁ ଓ ତୀର ପ୍ରଦାନ କରାଯାଇଛି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲା ପ୍ରଶାସନ ପକ୍ଷରୁ ଏହି ଅତ୍ୟାଧୁନିକ କ୍ରୀଡ଼ା ସରଞ୍ଜାମ ଅର୍ଣ୍ଣବଙ୍କୁ ହସ୍ତାନ୍ତର କରିଛନ୍ତି। ଅର୍ଣ୍ଣବଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଉପକରଣ ବିରାଜ ଷ୍ଟିଲ୍ ସୌଜନ୍ୟରୁ ଦିଆଯାଇଛି। ଅର୍ଣ୍ଣବ ଜଣେ ଉଦୀୟମାନ ଧନୁର୍ଦ୍ଧର ଭାବେ ନିଜର ପ୍ରତିଭା ପ୍ରଦର୍ଶନ କରି ଆସୁଛନ୍ତି। ୨୦୨୨ ମସିହାରେ ୨୩ତମ ରାଜ୍ୟ ଆର୍ଚେରୀ ପ୍ରତିଯୋଗିତାରେ ପ୍ରଥମ, ୨୦୨୩ ରେ ରାଜ୍ୟସ୍ତରୀୟ ୯ ବର୍ଷରୁ କମ୍ ବିଭାଗରେ ପ୍ରଥମ, ୨୦୨୪ରେ ୧୦ ବର୍ଷରୁ କମ୍ ବିଭାଗରେ ସେ ପ୍ରଥମ ସ୍ଥାନ ପାଇଥିଲେ। ଏହା ପୂର୍ବରୁ ଜାତୀୟସ୍ତରରେ ବ୍ରୋଞ୍ଜ ପଦକ ହାସଲ କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅର୍ଣ୍ଣବ ଜାତୀୟ ପ୍ରତିଯୋଗିତାରେ ସଫଳତା ପାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ନୃସିଂହ ଗୁରୁଙ୍କ ୧୨୫ତମ ଜୟନ୍ତୀରେ ମାଲ୍ୟାର୍ପଣ

**ସମ୍ବଲପୁର,୨୪।୩(ବି.ଶଙ୍କର)**



ଜୟନ୍ତୀରେ ମନ୍ଦଲିଆସ୍ଥିତ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ପଶ୍ଚିମ ଓଡ଼ିଶାର ଗାନ୍ଧୀ ଭାବେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୧୨୫ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଦଳମତ ନିର୍ବିଶେଷରେ ସମ୍ବଲପୁର ସହର ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ପୂର୍ବତନ ନଗରପାଳ ଗିରିଶ ପଟେଲ, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର କାମଦେବ ସାହୁ, ଡ. ଶ୍ୟାମସୁନ୍ଦର ଧର, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଲଜପତ ରାୟ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା, କାର୍ତ୍ତିକ ପ୍ରସାଦ ବହିଦାର, ହେମନ୍ତ କୁମାର ମହାପାତ୍ର, ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଡ. ରାଜକୁମାର ଶାଣ୍ଡିଲ୍ୟ, ଲଳିତ ଅଗ୍ରୱାଲ, ରାମଦାସ ପଣ୍ଡା ପ୍ରମୁଖ ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ

**ସର୍ବଧର୍ମ ପ୍ରାର୍ଥନା ସଭା ଓ ଭଜନ କାର୍ଯ୍ୟକ୍ରମ**

ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଏନସିସି ଓ ସ୍କାଉଟ ଛାତ୍ରୀଛାତ୍ର ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ପଣ ପୂର୍ବକ ସମ୍ମାନ ଜଣାଇଥିଲେ। ଏହି ଅବସରରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଓ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସର୍ବଧର୍ମ ପ୍ରାର୍ଥନା ସଭାରେ ସତ୍ୟନାରାୟଣ ପଟେଲ ଓ ସୀତାରାମ ଅଗ୍ରୱାଲ ଗାୟତ୍ରୀ ଏବଂ ମହା ମୃତ୍ୟୁଞ୍ଜୟ ମନ୍ତ୍ର, ଫାରୁକ୍ ମହମ୍ମଦ କୋରାନ, ପାଷ୍ଟର ଇଶାନ୍ ନାଏକ ବାଇବେଲ ଏବଂ ଜ୍ଞାନୀ ଅଜୟ ସିଂହ ଗୁରୁବାଣୀ ପାଠ କରିଥିଲେ। ଭଜନ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନିତ୍ୟାନନ୍ଦ ସେଠୀ, ରବିନ୍ଦ୍ର ପଣ୍ଡା ଓ ମାନସ ଷଡଙ୍ଗୀ କଣ୍ଠଦାନ କରିଥିଲେ।

# ଦୁର୍ନୀତି ସଫଳତାରେ ଅନ୍ତରାୟ ସୃଷ୍ଟି କରିଥାଏ

**କୁଚିଣ୍ଡା,୨୪।୩(ବିରଞ୍ଚି ଦର୍କା)**




ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**କୁନ୍ତରା କଲେଜରେ ପାଠଚକ୍ର**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଅଧୀନ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ସୋମବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଓଡ଼ିଶାରେ ଲୋକ ପ୍ରଶାସନର ଭୂମିକା ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱ ଓ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଯୋଗେନ୍ଦ୍ର ମୁଦୁଲିଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ ରୀନା ଓରାମ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଡ଼.ସିଂ ଶୁଭଲକ୍ଷ୍ମୀ ବାଇଧର ମୁଖ୍ୟ ଅତିଥି ଥିଲେ। ସୁନ୍ଦରଗଡ଼ ଜିଲା ବଣେଇଗଡ ମହାବିଦ୍ୟାଳୟ ଅଧ୍ୟାପକ ବରୁଣ କର୍କରିଆ, ମୟୂରଭଞ୍ଜ ଜିଲା କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ସିପୁନ କୁମାର ଦାଶ ରିସୋର୍ସପର୍ସନ ଥିଲେ।

ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ, ଲୋକଙ୍କ ସମସ୍ୟା ସମାଧାନ କରିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ। ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇଲେ ଯାଇ ପ୍ରଶାସନିକ ସଫଳତା ବୋଲି ବିବେଚନା କରାଯାଇଥାଏ। ତେଣୁ ଲୋକ ଏବଂ ପ୍ରଶାସନ ମଧ୍ୟରେ ହେଉଥିବା ଦୁର୍ନୀତି ସଫଳତାରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରୁଥିବା ସେମାନେ କହିଥିଲେ। ଅଧ୍ୟାପକ ତୁଳାରାମ ଦଣ୍ଡସେନା ଓ ଅଧ୍ୟାପିକା ପୂଜା ବନଛୋର ଲୋକ ପ୍ରଶାସନର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀ ଇତି ସୁରିଆ, ରୀନା ଓରାମ, ଲକ୍ଷ୍ମୀ ଓରାମ, ସରିତା ଟୋପ୍ପୋ, ସଞ୍ଜୁ କେର୍କେଟା, ଛାତ୍ର ଶୁଭମ ଧୂରିଆ ଅନୁଭୂତି ସମ୍ପର୍କିତ ସନ୍ଦର୍ଭ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ରୁଦ୍ରଦତ୍ତ ପଟେଲ, ଟିକେଲାଲ ମେହେର, ତରୁଣ କୁମାର ପୃଷେଠ, ଶିବଶଙ୍କର ମଲ୍ଲିକ, ରାଜେଶ ମାକର, ଅଧ୍ୟାପିକା ଦୀପିକା ବେହେରା, ବର୍ଷା ମୁଦୁଲି ସହଯୋଗ କରିଥିଲେ। ଛାତ୍ର ବୈଷ୍ଣବ ସୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ଅର୍ଥନୀତିରେ ମଧ୍ୟପ୍ରାଚ୍ୟ ବିବାଦ ପ୍ରଭାବ

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ




ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ବିବାଦ ଏବଂ ଏହାର ପ୍ରଭାବ ରାଜ୍ୟ ଅର୍ଥନୀତି ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥିତି ସମୀକ୍ଷା କରିଛନ୍ତି। ଏନେଇ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଭାରତ, ବିଶେଷକରି ଓଡ଼ିଶା ଉପରେ ଏହି ବିବାଦର ସାମଗ୍ରିକ ଅର୍ଥନୈତିକ ଏବଂ କ୍ଷେତ୍ରଭିତ୍ତିକ ପ୍ରଭାବ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମଧ୍ୟ ପ୍ରାଚ୍ୟ ଅଞ୍ଚଳରେ ଜାରି ରହିଥିବା ସଂଘର୍ଷ ଦୀର୍ଘସ୍ଥାୟୀ ହେଲେ ଅଶୋଧିତ ତୈଳ ଦର ବୃଦ୍ଧି, ଯୋଗାଣ ଶୃଙ୍ଖଳାର ବିଶୃଙ୍ଖଳା, ପରିବହନ ଓ ବୀମା ଖର୍ଚ୍ଚ ବୃଦ୍ଧି, ଏବଂ ମୁଦ୍ରା ମୂଲ୍ୟହ୍ରାସ ହେବାର ସମ୍ଭାବନା ରହିଛି, ଯାହା ପରିଣାମରେ ମୂଲ୍ୟସ୍ଫୀତି, କରେଣ୍ଟ ଏକାଉଣ୍ଟ ଡେଫିସିଟ ଓ ସାମଗ୍ରିକ ଆର୍ଥିକ ଅଭିବୃଦ୍ଧି ଉପରେ ପର୍ଯ୍ୟାୟକ୍ରମେ ପ୍ରଭାବ ପକାଇପାରେ ବୋଲି ଆଶଙ୍କା କରାଯାଇଛି। ରାଜ୍ୟର ରପ୍ତାନିର ଏକ ବଡ଼ ଅଂଶ ପଶ୍ଚିମ ଏସିଆ ମାର୍କେଟ ସହିତ ସଂପୃକ୍ତ ଥିବାରୁ ରାଜ୍ୟର ସମୁଦ୍ର ଉତ୍ପାଦ ରପ୍ତାନି, କୃଷି ଉତ୍ପାଦ, ପ୍ରକ୍ରିୟାକୃତ ଖଣିଜ, ରାସାୟନିକ ଓ ସମ୍ପର୍କିତ ଶିଳ୍ପଉପରେ କିପରିପ୍ରଭାବ ପକାଇବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିଳ୍ପକ୍ଷେତ୍ରରେ କଞ୍ଚା ମାଲର ଅଭାବ ଏବଂ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ହେବାର ସମ୍ଭାବନା ରହିଛି। ପଶ୍ଚିମ ଏସୀୟ ଦେଶଗୁଡ଼ିକରୁ ଚାହିଦା ହ୍ରାସ ପାଇବା ହେତୁ ମତ୍ସ୍ୟ ସମ୍ପଦ କ୍ଷେତ୍ର ମଧ୍ୟ ଚାପର ସମ୍ମୁଖୀନ ହେବାର ସଙ୍କେତ ଦେଖାଦେଇଛିି। ଶକ୍ତି ଏବଂ ସାର ଖର୍ଚ୍ଚ ବୃଦ୍ଧି ପାଇବା ଫଳରେ ଏହାର ପ୍ରଭାବ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ପଡ଼ିବାର ସମ୍ଭାବନା ରହିଛି। ତେଣୁ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା, ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା, ରପ୍ତାନି ସୁବିଧା ଏବଂ ରପ୍ତାନିକାରୀଙ୍କ ପାଇଁ ସଂକଟ ହ୍ରାସ କରିବା ଦିଗରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା। ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଶୃଙ୍ଖଳରେ ସ୍ଥିରତା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ସଂପୃକ୍ତ ବିଭାଗ ଏବଂ ପ୍ରବର୍ତ୍ତନକାରୀ ସଂସ୍ଥା ଗୁଡ଼ିକ ଏହି ପଦକ୍ଷେପଗୁଡ଼ିକୁ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଗର୍ଗ ବିଭିନ୍ନ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନଗୁଡ଼ିକୁ ତୀକ୍ଷ୍ଣ ନଜର ରଖିବା, ସଠିକ ସମୟରେ ନୀତିଗତ ପଦକ୍ଷେପ ଗ୍ରହଣ କରିବା ଏବଂ ସଂକଟ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଓ ଯୋଗାଣ ବ୍ୟବସ୍ଥା ସନ୍ଧାନ କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏନଜି ବିତରଣ ବ୍ୟବସ୍ଥାର ଶୀଘ୍ର କାର୍ଯ୍ୟକାରିତା, ଭବିଷ୍ୟତର ଆବଶ୍ୟକତା ପୂରଣ ପାଇଁ ବନ୍ଦରଗୁଡ଼ିକରେ ଅଧିକ ଏଲଏନଜି ଟର୍ମିନାଲ ପ୍ରତିଷ୍ଠା ଏବଂ ଏଲପିଜି ଓ ଅନ୍ୟାନ୍ୟ ପେଟ୍ରୋଲିୟମ ପଦାର୍ଥ ଉପରେ ନିର୍ଭରଶୀଳତା କମାଇବା ପାଇଁ କୋଇଲା ଉତ୍ପାଦନ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗକୁ ଜିଲାଗୁଡ଼ିକରେ ୟୁରିଆ ଏବଂ ଏନପିକେ ସାରର ଉପଲବ୍ଧତା ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ କେନ୍ଦ୍ରଠାରୁ ଅଧିକ ସାର ବରାଦ ପାଇଁ ଅନୁରୋଧ କରିବା ସହ ଜୈବିକ ଏବଂ ବାୟୋ-ଫର୍ଟିଲାଇଜର ଭଳି ବିକଳ୍ପ ସନ୍ଧାନ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ରାଜ୍ୟର ସମସ୍ତ ଏଲପିଜି ଡିଲର ଷ୍ଟେଶନ ଏବଂ ପେଟ୍ରୋଲ ପମ୍ପଗୁଡ଼ିକରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବୈଦ୍ୟୁତିକ ଯାନ ବ୍ୟବହାର ବୃଦ୍ଧି ତଥା ଚାର୍ଜିଂ ଭିତ୍ତିଭୂମି ସୁବିଧା ଉପଲବ୍ଧ କରାଇବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଗୃହ, ଶିଳ୍ପ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଏମ୍‌ଏସ୍‌ଏମ୍‌ଇ ବିଭାଗ କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଜିନ୍ଦଲ ଷ୍ଟିଲ୍ ଅନୁଗୋଳ ପ୍ଲାଣ୍ଟର କ୍ଷମତା ବୃଦ୍ଧି

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ ଓଡ଼ିଶାର ଅନୁଗୋଳ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ କମ୍ପ୍ଲେକ୍ସରେ ୬ଏମ୍‌ଟିପିଏ ବିସ୍ତାର ସମ୍ପୂର୍ଣ୍ଣ କରିଛି। ତୃତୀୟ ବେସିକ୍ ଅକ୍ସିଜେନ ଫର୍ନେସ (ବିଓଏଫ୍-୩) କମିଶନିଂ କରିବା ସହ ପ୍ଲାଣ୍ଟର ମୋଟ କ୍ରୁଡ୍ ଷ୍ଟିଲ୍ କ୍ଷମତା ୧୨ ଏମ୍‌ଟିପିଏ ହୋଇଛି। ଏହା ଫଳରେ ଅନୁଗୋଳ ପ୍ଲାଣ୍ଟ ଭାରତର ସର୍ବବୃହତ୍ତମ ଏକକ ସ୍ଥାନର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ କମ୍ପ୍ଲେକ୍ସ ମଧ୍ୟରେ ସ୍ଥାନ ପାଇଛି। ଏହି ସମ୍ପ୍ରସାରଣ ସହ ବିଓଏଫ୍-୨ ଏବଂ ବିଓଏଫ୍-୩ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏଥିସହ କୋକ୍ ଓଭନ, ସିଆର୍‌ଏମ୍ କମ୍ପ୍ଲେକ୍ସ ଏବଂ ଅନ୍ୟାନ୍ୟ ଉପରି ଓ ନିମ୍ନ ଧାରାର ସୁବିଧା ମଧ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହି ସମ୍ପ୍ରସାରଣ ପରେ ଜିନ୍ଦଲ ଷ୍ଟିଲ୍‌ର ସମଗ୍ର କ୍ରୁଡ୍ ଷ୍ଟିଲ୍ କ୍ଷମତା ୧୫.୬ ଏମ୍‌ଟିପିଏ ହୋଇଛି। ଏହି ନୂତନ କ୍ଷମତା ଅଧିକ ଉତ୍ପାଦନ ଓ କ୍ଷମତା ବ୍ୟବହାର ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

# ସମ୍ବଲପୁରରେ ଆଦିତ୍ୟ ଆଲୁମିନିୟମ ଲପଙ୍ଗା ସମ୍ମାନିତ



ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମରେ ରେଙ୍ଗାଲି ବ୍ଲକ୍‌ର ଯକ୍ଷ୍ମାରୋଗୀଙ୍କୁ ନିରନ୍ତର ସହାୟତା ପ୍ରଦାନ କରିଥିବାରୁ ଆଦିତ୍ୟ ଆଲୁମିନିୟମ ଲପଙ୍ଗାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସମ୍ବଲପୁର ଦ୍ୱାରା ସମ୍ମାନିତ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି, ସମ୍ବଲପୁର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) ପ୍ରଦୀପ କୁମାର ହୋତା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମଟି ଜିଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁରରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଆଦିତ୍ୟ ଆଲୁମିନିୟମ ଲପଙ୍ଗାର ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ ଏହି ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। ରେଙ୍ଗାଲି ବ୍ଲକ୍‌ର ଯକ୍ଷ୍ମା ରୋଗୀଙ୍କ ପାଇଁ ନିରନ୍ତର ସମର୍ପଣ ଏବଂ ଜାତୀୟ ସ୍ତରରେ ଟିବିମୁକ୍ତ ଭାରତ ଗଠନରେ ଯୋଗଦାନ ପାଇଁ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା।

# ମହିଳା ପତଞ୍ଜଳି ଯୋଗ ସମିତିର ପ୍ରଥମ ବାର୍ଷିକୋତ୍ସବ



ନବରଙ୍ଗପୁର,୨୪।୩
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଦ୍ୱାରିକାନଗରସ୍ଥିତ ମହିଳା ପତଞ୍ଜଳି ଯୋଗ ସମିତିର ପ୍ରଥମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଛି। ନବରଙ୍ଗପୁର ଜିଲାର ଲାୟନ୍ସ କ୍ଲବ୍ ସଭାପତି ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପୌରାଧ୍ୟକ୍ଷ କୁନୁ ନାୟକ, ମହିଳା ପତଞ୍ଜଳି ଯୋଗ ସମିତିର ସହ ରାଜ୍ୟ ପ୍ରଭାରୀ ଜାନକୀ ପାଣିଗ୍ରାହୀ, ପତଞ୍ଜଳିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ରଞ୍ଜନ ପାଣିଗ୍ରାହୀ, ନବରଙ୍ଗପୁର ଜିଲା ପ୍ରଭାରୀ କୈଳାସ ପାଣିଗ୍ରାହୀ, ପଞ୍ଚାନନ ପଣ୍ଡା ଓ ମିନାକ୍ଷୀ ପାଢ଼ୀ ମଞ୍ଚାସୀନ ଥିଲେ। ଜାହ୍ନବୀ ପଣ୍ଡା ଯୋଗର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଯୋଗର ଉପାଦେୟତା ସମ୍ପର୍କରେ ମତ ଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରଭାସିନୀ ମହାନ୍ତି ସଭା ପରିଚାଳନା କରିଥିଲେ। ଭବାନୀ ଦାଶ ଯୋଗ କେନ୍ଦ୍ରର ମୌଳିକ ଆବଶ୍ୟକତା ନେଇ ଦାବି ଉପସ୍ଥାପନ କରିଥିଲେ। ଶ୍ରେଷ୍ଠ ଯୋଗ ସାଧିକାଭାବେ ସନ୍ତୋଷୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କେନ୍ଦ୍ରାପଡ଼ାରେ ଟିପିସିଓଡିଏଲ୍‌ର ନୂଆ ବୈଦ୍ୟୁତିକ ସବ୍‌ଷ୍ଟୋର

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)




ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କେନ୍ଦ୍ରାପଡ଼ାଠାରେ ଏକ ନୂତନ ବୈଦ୍ୟୁତିକ ସବ୍‌ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ନିଜର ସେବା ଯୋଗାଣ ଅଞ୍ଚଳରେ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇଦେବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସବ୍ ଷ୍ଟୋରକୁ ଟିପିସିଓଡିଏଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ ଉଦ୍‌ଘାଟନ କରିଥିଲେ। ପାରାଦୀପ ସର୍କଲର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହି କେନ୍ଦ୍ରାପଡ଼ା ବୈଦ୍ୟୁତିକ ସବ୍‌ଷ୍ଟୋରକୁ ପ୍ରତିଷ୍ଠା କରାଯାଇଛି। ବାତ୍ୟା, ଝଡ଼ ଏବଂ କାଳବୈଶାଖୀ ଭଳି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଜରୁରୀ ପରିସ୍ଥିତିରେ ବିଦ୍ୟୁତ୍ ସେବାକୁ ତୁରନ୍ତ ସ୍ୱାଭାବିକ କରିବାରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ। ଅତି କମ୍ ସମୟ ମଧ୍ୟରେ ୫୦ ରୁ ୬୦ଟି ଟ୍ରାନ୍ସଫର୍ମର ସ୍ଥାନାନ୍ତର କରିବା କିମ୍ବା ବଦଳାଇବା କ୍ଷମତା ଏହି ଷ୍ଟୋରର ରହିଛି, ଯାହାଦ୍ୱାରା ବିଦ୍ୟୁତ୍ କାଟ୍ ଅବଧି ହ୍ରାସ ପାଇବ ଏବଂ ଉପଭୋକ୍ତାଙ୍କ ସମସ୍ୟାର ଦ୍ରୁତ ସମାଧାନ କରାଯାଇପାରିବ ବୋଲି ଆଶା କରାଯାଉଛି। ଏହି ନୂତନ ପଦକ୍ଷେପ ଦ୍ୱାରା ବିଦ୍ୟୁତ୍ ସେବା ପରିଚାଳନା କ୍ଷେତ୍ରରେ ଅଧିକ ଦକ୍ଷତା ଆସିବ ଏବଂ ବୈଦ୍ୟୁତିକ ସରଞ୍ଜାମଗୁଡ଼ିକର ରକ୍ଷଣାବେକ୍ଷଣ ସହଜ ହେବ।

# ଭିମ୍ ଆପ୍‌ରେ ବାୟୋମେଟ୍ରିକ୍ ପ୍ରମାଣୀକରଣର ଶୁଭାରମ୍ଭ

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ସହାୟକ ସଂସ୍ଥା ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସ୍‌ଏଲ୍) ପକ୍ଷରୁ ଭିମ୍ ପେମେଣ୍ଟ ଆପ୍‌ରେ ୟୁପିଆଇ ପେମେଣ୍ଟ ପାଇଁ ବାୟୋମେଟ୍ରିକ ପ୍ରମାଣୀକରଣର ଶୁଭାରମ୍ଭ କରାଯାଇଛି। ଏହି ନୂଆ ସୁବିଧାରେ ଗ୍ରାହକମାନେ ସେମାନଙ୍କ ସ୍ମାର୍ଟଫୋନ୍‌ର ଫିଙ୍ଗରପ୍ରିଣ୍ଟ ଓ ଫେସିଆଲ ରେକ୍‌ଗ୍ନିସନକୁ ବ୍ୟବହାରକରି ୫୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଏହା ଦୈନନ୍ଦିନ ପେମେଣ୍ଟକୁ ଶୀଘ୍ର, ସରଳ ଓ ଅଧିକ ସୁରକ୍ଷିତ କରିପାରିଛି। ଏହି ସୁବିଧା ଏବେ ଆଇଓଏସ୍ ଓ ଆଣ୍ଡ୍ରଏଡ୍ ଡିଭାଇସ୍‌ରେ ଉପଲବ୍ଧ ହୋଇଛି। ଏହି ସୁବିଧାର ଶୁଭାରମ୍ଭ କରାଯାଇଥିବାରୁ ପ୍ରତିଥର ୟୁପିଆଇ ପେମେଣ୍ଟ ବେଳେ ପିନ୍ ଦାଖଲ କରିବାକୁ ପଡ଼ିବନାହିଁ। ଏନ୍‌ବିଏସ୍‌ଏଲ୍‌ର ଏମ୍‌ଡି ଓ ସିଇଓ ଲଳିତା ନଟରାଜ କହିଛନ୍ତି, ଭିମ୍ ପେମେଣ୍ଟସ ଆପ୍ ସର୍ବଦା ପ୍ରତିଟି ଭାରତୀୟଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ସରଳ, ସୁରକ୍ଷିତ ଓ ସୁବିଧାରେ ପହଞ୍ଚାଇବା ଉପରେ ଧ୍ୟାନ ଦେଉଛି। ବାୟୋମେଟ୍ରିକ୍ ପ୍ରମାଣୀକରଣ ସହ ଆମେ ନିତିଦିନିଆ ପେମେଣ୍ଟକୁ ସୁବିଧାଜନକ କରିଥିବା ବେଳେ ତାହା ମଞ୍ଜୁର ହେଉଥିବା ପ୍ରକ୍ରିୟାରେ ବିଶ୍ୱାସକୁ ବଢ଼ାଇଛୁ।

# ଦିଶା କଲେଜର ୧୮ତମ ବାର୍ଷିକ ଉତ୍ସବ 'ଡ୍ରିଫ୍ଟ'

ଭୁବନେଶ୍ୱର,୨୪।୩(ଅନୁରାଧା ମହାରଣା)

ବ୍ରହ୍ମପୁରସ୍ଥିତ ଦିଶା କଲେଜ ଅଫ୍ ମ୍ୟାନେଜମେଣ୍ଟ ଟେକ୍ନୋଲୋଜି ଆଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନର୍ସିଂର ୧୮ତମ ବାର୍ଷିକ ଉତ୍ସବ ଡ୍ରିଫ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା ପରିଷଦଠାରେ ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ରବିନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନର୍ସିଂ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ଆଲୋକପାତକରି କହିଥିଲେ, ବର୍ତ୍ତମାନର ନର୍ସିଂ ଛାତ୍ରୀଛାତ୍ର ଆଗକୁ ସ୍ୱାସ୍ଥ୍ୟକର୍ମୀ ହେବା ସହ ସମାଜରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ପାର୍ଥସାରଥି ଚୌଧୁରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେୟାରମ୍ୟାନ ସୁଶାନ୍ତ ପାଲୋ, ସେକ୍ରେଟାରି ଦିନେଶ ମିଶ୍ର, ଟ୍ରଷ୍ଟି ଅରୁଣ ସାବତ, ସୁରେଶ ପାଣି, ଶେଖ୍ ଇଲିଆସ୍ ଏବଂ ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୌରଭ ରଞ୍ଜନ ମିଶ୍ରଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବି. ରାମାୟା, ଅର୍ପିତା ପାତ୍ର ଏବଂ ଟି. ଶକ୍ତି ଦୋରାଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଅଫ୍ ନର୍ସିଂ ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ




ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ 'ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ପ୍ରାଦୌଗିକ ପରିବର୍ତ୍ତନର ଭବିଷ୍ୟତ ଧାରଣା' ସମ୍ପର୍କିତ ଏକ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ମାଳିନୀ ଅବସ୍ଥି ମୁଖ୍ୟ ଅତିଥି ରୂପେ ଏବଂ ଡ. ବିଦ୍ୟାବିନ୍ଦୁ ସିଂ ଓ ଡ. ଛବିଳ କୁମାର ମେହେର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମିଳନୀକୁ ସମ୍ବୋଧିତକରି ମାଳିନୀ କହିଥିଲେ, ଭାଷା ହେଉଛି ସଂସ୍କୃତିର ବାହକ ଏବଂ ଏହା ବିଭିନ୍ନ ସଂସ୍କୃତିକୁ ଏକତ୍ର କରିବାର କ୍ଷମତା ରଖିଥାଏ। ଇଣ୍ଡିଆନ୍ ବ୍ୟାଙ୍କ ରାଜଭାଷାର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ବିଜ୍ଞାପନ ଓ ବ୍ୟବସାୟ ପାଇଁ ରାଜଭାଷା ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ବିଦ୍ୟାବିନ୍ଦୁ କହିଥିଲେ। ସ୍ୱଭାଷା ସହ ଦେଶର ଅନ୍ୟ ଭାଷାଗୁଡ଼ିକର ମଧ୍ୟ ପ୍ରାଧାନ୍ୟ ରହିଥିବା ବ୍ରଜେଶ କୁମାର ସିଂ କହିଥିଲେ। ଭି.ଏନ୍. ମାୟା ଇଣ୍ଡିଆନ୍ ବ୍ୟାଙ୍କର ଲକ୍ଷ୍ୟ କେବଳ ଆର୍ଥିକ ସେବା ଦେବା ନୁହେଁ ବରଂ ଗ୍ରାହକଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବା ବୋଲି ପ୍ରକାଶ କରିଥିଲେ। ଆଇଟି ସାଧନ ହିନ୍ଦୀକୁ ସହଜ ଓ ଦ୍ରୁତ କରିଛି ବୋଲି ସୁଧୀର କୁମାର ଗୁପ୍ତା କହିଥିଲେ। ସମ୍ମିଳନୀରେ ହିନ୍ଦୀ ପ୍ରବନ୍ଧ ପ୍ରତିଯୋଗିତାର ବିଜେତା ଓ ରାଜଭାଷାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ କାର୍ଯ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ରାଜେଶ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନୂତନ ଶାଖା ଶୁଭାରମ୍ଭ

ବୋରିଗୁମ୍ମା,୨୪।୩ (ବିଜୟ ନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମାରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନୂତନ ଶାଖା ଶୁଭାରମ୍ଭ ହୋଇଯାଇଛି। ଏହାକୁ ଡେପୁଟି ଜୋନାଲ ମ୍ୟାନେଜର ଓ ଭୁବନେଶ୍ୱର କ୍ଷେତ୍ରବାସୀ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏଥିରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବ୍ରହ୍ମପୁର ସର୍କଲର ମୁଖ୍ୟ ପ୍ରତାପ କୁମାର ବଇରୀ ଗଞ୍ଜନ, ବୋରିଗୁମ୍ମା ବଣିକ ସଂଘ ସଭାପତି ସୂର୍ଯ୍ୟନାରାୟଣ ଆଚାରୀ, ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁ ଯୋଗଦେଇଥିଲେ। ଗ୍ରାହକଙ୍କୁ ଭଲ ସେବା ଯୋଗାଇବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମୂଳ ଲକ୍ଷ୍ୟ ବୋଲି ଅତିଥି କହିଥିଲେ। ବୋରିଗୁମ୍ମା ଏହି ଶାଖା ଓଡ଼ିଶାର ୩୬୧ତମ ଶାଖା। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଛୋଟ ବ୍ୟବସାୟୀଠାରୁ ଆରମ୍ଭ କରି ବ୍ୟବସାୟୀଙ୍କୁ ଋଣ, ଚାଷୀ, ଛାତ୍ରୀଛାତ୍ରଙ୍କୁ ଋଣ ପ୍ରଦାନ କରେ ବୋଲି ଡେପୁଟି ଜୋନାଲ ମ୍ୟାନେଜର କହିଥିଲେ। ବୋରିଗୁମ୍ମା ଶାଖା ପରିଚାଳକ ଦେବେନ୍ଦ୍ର କୁମାର ନାୟକ, କର୍ମଚାରୀ ଦେବେନ୍ଦ୍ର ଦୀପ କାର୍ଯକ୍ରମ ପରିଚାଳନା କରିଥିଲେ।

# ଆର୍‌ସିଇଏମ୍‌ରେ ୩୩ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ମଞ୍ଚେଶ୍ୱରସ୍ଥିତ ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ (ଆର୍‌ସିଇଏମ୍)ରେ ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଉପଲକ୍ଷେ ଅନୁଷ୍ଠାନରେ ୩ଦିନ ଧରି ରକ୍ତଦାନ ଶିବିର, ସ୍ନାତକ ଦିବସ ଓ ପୁରାତନ ଛାତ୍ର ସମ୍ମିଳନୀ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋଲାର ଏନର୍ଜି କର୍ପୋରେଶନ ଅଫ୍ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ରାକେଶ କୁମାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ଡିପାର୍ଟମେଣ୍ଟର ପୂର୍ବତନ ପ୍ରଫେସର ନିର୍ମଳ ଚନ୍ଦ୍ର କର ଯୋଗଦେଇ ସମୟାନୁବର୍ତ୍ତିତା ସହିତ କଠିନ ପରିଶ୍ରମ କରିବା ପାଇଁ ପ୍ରେରଣା ଦେଇଥିଲେ। ପ୍ରଫେସର ଶକ୍ତି ରଂଜନ ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରିନ୍ସିପାଲ ଡ. ତପନ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରଙ୍କୁ ଷ୍ଟୁଡେଣ୍ଟ ଅଫ୍ ଦି ଇୟର ପୁରସ୍କାର ତଥା ଅନୁଷ୍ଠାନରେ ଅନୁଷ୍ଠିତ ହୋଇଥିବା ଟାଲେଣ୍ଟ ଫେଷ୍ଟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସର୍ବଶେଷରେ ଡିନ୍ ଡ. ମାନସ ରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସେକ୍ରେଟାରି ସୁରେଶ କୁମାର ସାମଲ, ଡ. ଅମ୍ରିତା ରାଉତ, ଡ. ପ୍ରଜ୍ଞାପାରମିତା, ବିଭୁପ୍ରସାଦ ମିଶ୍ର, ସସ୍ମିତା ସାହୁ ଓ ଶିତିକାନ୍ତ ପରିଡ଼ା, ଲାଇବ୍ରେରିଆନ ରଶ୍ମି ବେହେରା ଓ ଅରୁଣ କୁମାର ସାମଲ, ଭୂପତି ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିର ଓ ସେମିନାରରେ ଲାୟନ୍ସ କ୍ଲବ୍‌ର ଡିଜି. ଡ. ଜି. ହେମନ୍ତ ଝୁଣ୍ଟିଆ ଯୋଗଦେଇଥିଲେ।

# 'ରିଫର୍ମ ଏକ୍ସପ୍ରେସ୍' ଅଧୀନରେ ୫ ସୁଧାର ଆଣିଲା ଭାରତୀୟ ରେଳ




- ମାଲ ପରିବହନ, ନିର୍ମାଣ ଓ ଯାତ୍ରୀ ସୁବିଧା ଉପରେ ଫୋକସ୍
- ଲବଣ ପରିବହନରେ ବଡ଼ ସୁଧାର
- ଅଟୋମୋବାଇଲ ପରିବହନରେ ନୂଆ ନୀତି

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ଭାରତୀୟ ରେଳପଥ ପକ୍ଷରୁ 'ରିଫର୍ମ ଏକ୍ସପ୍ରେସ୍' ଅଧୀନରେ ୫ଟି ନୂତନ ସୁଧାର ଅନୁମୋଦନ କରାଯାଇଛି। ଏହା ସହିତ ଚଳିତ ବର୍ଷର ମୋଟ ସୁଧାର ସଂଖ୍ୟା ୯କୁ ପହଞ୍ଚିଛି। ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଘୋଷଣା କରିଛନ୍ତ। ଏହି ୫ଟି ସୁଧାର ମଧ୍ୟରୁ ଦୁଇଟି ମାଲ ପରିବହନ, ଗୋଟିଏ ନିର୍ମାଣ କ୍ଷେତ୍ର ଏବଂ ଦୁଇଟି ଯାତ୍ରୀ ସୁବିଧା ସହ ଜଡ଼ିତ ଅଛି। ଲବଣ ପରିବହନ କ୍ଷେତ୍ରରେ ଏକ ବଡ଼ ସୁଧାର ଆଣି ରେଳବାଇ କ୍ଷୟ-ପ୍ରତିରୋଧୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ କଣ୍ଟେନର ପ୍ରସ୍ତୁତ କରିଛି। ଏହି କଣ୍ଟେନର ଉପର ପାର୍ଶ୍ୱରୁ ଲୋଡ଼ିଂ ଏବଂ ହାଇଡ୍ରୋଲିକ ସାଇଡ୍ ଡିସ୍‌ଚାର୍ଜ ବ୍ୟବସ୍ଥା ସହିତ ରହିଛି, ଯାହା ଲବଣ ଉତ୍ପାଦନ ସ୍ଥଳରୁ ସିଧା ଲୋଡିଂ କରିବାକୁ ସୁବିଧା ଦେବ ଏବଂ ଗନ୍ତବ୍ୟ ସ୍ଥାନରେ ଟ୍ରକ୍‌ରେ ସହଜରେ ଖାଲି କରିବାକୁ ସହଜ କରିବ। ଏହା ହ୍ୟାଣ୍ଡଲିଂ କ୍ଷତି କମାଇବ ଏବଂ ମଲ୍ଟିମୋଡାଲ ପରିବହନକୁ ପ୍ରୋତ୍ସାହିତ କରିବ। ଅଟୋମୋବାଇଲ ପରିବହନ କ୍ଷେତ୍ରରେ ଉଦ୍ୟୋଗପତିମାନଙ୍କୁ ବିଶେଷ ଡିଜାଇନ କରିବାକୁ ଅନୁମତି ଦିଆଯାଇଛି। ଉତ୍ପାଦନ କେନ୍ଦ୍ର ଓ ଗନ୍ତବ୍ୟ ସ୍ଥାନ ଅନୁଯାୟୀ ଉଚ୍ଚ କ୍ଷମତାସମ୍ପନ୍ନ ୱାଗନ ଡିଜାଇନ କରିପାରିବେ ଉଦ୍ୟୋଗୀମାନେ, ଯାହା ରେଳ ମାଧ୍ୟମରେ ଅଟୋମୋବାଇଲ ପରିବହନର ଅଂଶ ବଢ଼ାଇବ ବୋଲି ଆଶା କରାଯାଉଛି। ରେଳ ପ୍ରକଳ୍ପର ନିର୍ମାଣ ଗୁଣବତ୍ତା ଏବଂ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରିତା ପାଇଁ ୭ଟି ମୁଖ୍ୟ ପରିବର୍ତ୍ତନ ଅଣାଯାଇଛି। ଏଥିରେ ଠିକାଦାର ଯୋଗ୍ୟତା ମାନଦଣ୍ଡ କଠୋର କରାଯାଇଛି। ବିଡ୍ ସିକ୍ୟୁରିଟି ୨% ନିର୍ଦ୍ଧାରଣ କରାଯାଇଛି, ସବ୍-କଣ୍ଟ୍ରାକ୍ଟିଂ ସୀମା ୭୦%ରୁ କମାଇ ୪୦% କରାଯାଇଛି। ଅଯଥା କମ୍ ଦରରେ ବିଡ୍ ଦେବା ବିରୋଧରେ ଅତିରିକ୍ତ ପରଫର୍ମାନ୍ସ ଗ୍ୟାରେଣ୍ଟି ବ୍ୟବସ୍ଥା ଅଣାଯାଇଛି। ଯାତ୍ରୀ ସୁବିଧା କ୍ଷେତ୍ରରେ ଦୁଇଟି ବଡ଼ ସୁଧାର କରାଯାଇଛି। ଯାତ୍ରୀମାନେ ଏବେ ଯେକୌଣସି ଷ୍ଟେଶନର କାଉଣ୍ଟରରେ ଟିକେଟ କ୍ୟାନ୍‌ସଲ କରିପାରିବେ ଏବଂ ଇ-ଟିକେଟ ପାଇଁ ଟିକେଟ ଡିପୋଜିଟ ରସିଦ ଆବଶ୍ୟକତା ଉଠାଯାଇଛି। ରିଫଣ୍ଡ ସ୍ୱତଃ ପ୍ରକ୍ରିୟା ହେବ ଏବଂ ଟ୍ରେନ ଛାଡ଼ିବା ପୂର୍ବରୁ ୩୦ ମିନିଟ୍ ପର୍ଯ୍ୟନ୍ତ କ୍ଲାସ୍ ଅପ୍‌ଗ୍ରେଡ୍ କରିପାରିବେ। ଏହା ସହ ଟ୍ରେନ ଷ୍ଟେଶନରୁ ଛାଡ଼ିବା ପୂର୍ବରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଯାତ୍ରୀ ଡିଜିଟାଲ ଭାବେ ବୋର୍ଡିଂ ଷ୍ଟେଶନ ପରିବର୍ତ୍ତନ କରିପାରିବେ ଏବଂ ନିଜର କନଫର୍ମ ସିଟ ସୁରକ୍ଷିତ ରଖିପାରିବେ। ଏହି ସମସ୍ତ ସୁଧାର ରେଳ ପରିବହନ ଦକ୍ଷତା ବୃଦ୍ଧି ଓ ଯାତ୍ରୀ ସୁବିଧା ଉନ୍ନତିରେ ନୂଆ ଗତି ଆଣିବ ବୋଲି ମନ୍ତ୍ରୀ କହିଛନ୍ତି।

# ଲୁହା ପାଇପ୍‌ରେ ପିଟି ମା'ବାପାଙ୍କୁ ହତ୍ୟା

## ଜମିବାଡ଼ି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ

ସୁନ୍ଦରଗଡ଼,୨୪।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଶୁଆରୀଯୋର ଗ୍ରାମରେ ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ସୋମବାର ଏକ ହତ୍ୟାକାଣ୍ଡ ଘଟିଛି। ପୁଅର ଲୁହାପାଇପ୍ ମାଡ଼ରେ ମା'ବାପାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲେଫ୍ରିପଡ଼ାଥାନା ଅନ୍ତର୍ଗତ ଶୁଆରିଯୋରର ମାନୁଏଲ ଟୋପୋ (୭୦) ଓ ତାଙ୍କ ସ୍ତ୍ରୀ ବେରୋନିକା ଟପୋ (୬୫)। ହତ୍ୟା ପରେ ମୃତ ଦମ୍ପତିଙ୍କ ସାନପୁଅ ଅଭିଯୁକ୍ତ ପତ୍ରାସ ଟପ୍ପୋ(୪୨) ଫେରାର ଥିବା ବେଳେ ଲେଫ୍ରିପଡ଼ା ଥାନା ପୋଲିସ ଏକ (ନଂ.୬୮/୨୬) ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁସାରେ, ଉକ୍ତ ଦମ୍ପତିଙ୍କ ୩ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସମସ୍ତେ ବିବାହିତ। ଏହି ଦମ୍ପତି ଶୁଆରୀଯୋରରେ ରହୁଥିବା ବଡପୁଅଙ୍କ ଘରେ ରହୁଥିଲେ। ସୋମବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଅଭିଯୁକ୍ତ ସାନପୁଅ ପତ୍ରାସ ସେଠାରେ ପହଞ୍ଚି ଜମିବାଡ଼ି ଭାଗବଣ୍ଟାକୁ ନେଇ ମା'ବାପାଙ୍କ ସହିତ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ପତ୍ରାସ ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ ଲୁହାପାଇପ୍‌ରେ ମା'ବାପାଙ୍କୁ ନିସ୍ଥୁକ ପିଟିଥିଲେ। ପୁଅର ଆକ୍ରମଣରେ ମା'ବାପା ଅଚେତ ହୋଇପଡ଼ିଥିଲେ। ପରେ ବଡ଼ଭାଇ ସହିତ ଅଭିଯୁକ୍ତ ପତ୍ରାସ ମା'ବାପାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମା'ବାପାଙ୍କ ମୃତ୍ୟୁ ଘଟିଥିଲା। ଏହା ଶୁଣି ଅଭିଯୁକ୍ତ ପୁଅ ପତ୍ରାସ ସେଠାରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଦମ୍ପତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ହତ୍ୟା ମାମଲା ରୁଜୁ କରି ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

# ବାଲେଶ୍ୱରରେ ଫୁଟିଲା ଗୁଳି

ବାଲେଶ୍ୱର, ୨୪।୩(ବାଞ୍ଛାନିଧି ଦେ)

■୨ ଯୁବକ ଗୁରୁତର
■ଦାଦାବଟିକୁ କେନ୍ଦ୍ର କରି ଗୁଳିମାଡ଼

ବାଲେଶ୍ୱର ସହରରେ ଫୁଟିଲା ଗୁଳି। ବ୍ରାଉନସୁଗାର କାରବାର ଓ ଦାଦାବଟିକୁ କେନ୍ଦ୍ର କରି ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଗୁଳିକାଣ୍ଡ। ଏଥିରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସହଦେବଖୁଣ୍ଟା ଥାନା ନୂଆବଜାର ଅଞ୍ଚଳର ମନୋଜ କୁମାର ସାହୁ ଏବଂ କାର୍ତ୍ତିକ ପ୍ରସାଦ। ଏନେଇ ପୋଲିସ ଏକ ମାମଲା(ନଂ. ୧୩୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅରଡ଼ବଜାର ଅଞ୍ଚଳ ବ୍ରାଉନସୁଗାର ବେପାରୀଙ୍କ ହବ୍ ପାଲଟିଛି। ପୋଲିସ ଚଢ଼ାଉ ସତ୍ତ୍ୱେ ବେପାରୀମାନେ ନୂଆ ନୂଆ କୌଶଳ ଆପଣାଇ ବ୍ୟବସାୟ ଚଳାଇ ଆସୁଛନ୍ତି। ବିଶେଷତଃ ମହିଳା ଓ ନାବାଳକଙ୍କୁ ବ୍ୟବସାୟରେ ସାମିଲ କରାଯାଉଛି। ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଥିଲା। ନିଜର ପତିଆରା ଜାହିର୍ କରି ଅନ୍ୟଗୋଷ୍ଠୀର ଯୁବକମାନେ ଏହି ଗୁଳିକାଣ୍ଡ ଭିଆଇଥିଲେ। ଜଣେ ଯୁବକଙ୍କ ହାତରେ ଓ ଅନ୍ୟଜଣଙ୍କ ପିଠିରେ ଗୁଳି ବାଜିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ଘଟଣାସ୍ଥଳରେ ଏସ୍‌ପି ପ୍ରତ୍ୟୁଷ ଦିବାକର, ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଆଇଆଇସି ଆଲୋକ ବେହେରା ପ୍ରମୁଖ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବ ଶତ୍ରୁତା, ଜମି, ନିଶା କାରବାର ଓ ଦାଦାବଟିକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଗୁଳିକାଣ୍ଡ ଘଟୁଥିବାରୁ ସାଧାରଣ ଲୋକେ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି।

# ୧୫ ଚୋରି ବାଇକ୍ ଜବତ, ୪ ଗିରଫ

ଭଦ୍ରକ,୨୪।୩(ସନାତନ ରାଉତ)



ଗିରଫ ୪ ଅଭିଯୁକ୍ତ।

ଭଦ୍ରକ ଟାଉନ ପୋଲିସ ସୋମବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୫ଟି ଚୋରି ବାଇକ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଅପର୍ତ୍ତିବିନ୍ଧାର ଅବିନାଶ ବାରିକ(୨୧), ଚୋରି ବାଇକ୍ କିଣିଥିବା ଚରମ୍ପା ବଉଳପୋଖରୀ ଗ୍ରାମର ଗଗନ ମଲ୍ଲିକ(୩୨), ଡଗରାସାହିର ନିଜାମୁଦ୍ଦିନ ଖାନ୍(୨୮) ଓ ବାଗୁରାଇ ଆଦିବାସୀ ସାହି କଲୋନୀର ମକୁରୁ ମୁଣ୍ଡା(୧୯)। ଏଥିସହ ସହଯୋଗ କରିଥିବା ଜଣେ ନାବାଳକଙ୍କୁ ପୋଲିସ ହେପାଜତକୁ ନେଇଥିବା ମଙ୍ଗଳବାର ମଧ୍ୟାହ୍ନରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅନିଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଓଲଙ୍ଗ ଗ୍ରାମର ଜିତେନ୍ଦ୍ର ପ୍ରସାଦ ପତିଙ୍କ ବାଇକ୍ ବାଗୁରାଇ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଆଗରୁ ଚୋରି ହୋଇଥିଲା। ଏନେଇ ୨୦୨୫ ମାର୍ଚ୍ଚ ୧୬ରେ ସେ ଅନ୍‌ଲାଇନରେ ଏତଲା ଦେଇଥିବା ବେଳେ ଟାଉନ ଥାନାରେ ମାମଲା (ନଂ.୧୯୪/୨୫) ରୁଜୁ ହୋଇଥିଲା। ସେ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ବାଗୁରାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିବା ବେଳେ ତାଙ୍କର ହିରୋ ଏଚ୍‌ଏଫ୍ ଡିଲକ୍ସ ବାଇକ୍(ଓଡି ୨୨ ଏଚ୍ ୨୩୨୮) ପାର୍କିଂରେ ରଖି ଡାକ୍ତରଖାନାକୁ ଯାଇଥିଲେ। ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ଚୋରି ବାଇକ୍‌ଗୁଡ଼ିକୁ ଜବତ କରିଥିବା ସିଟି ଡିଏସ୍‌ପି ପ୍ରଧାନ କହିଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଉପସ୍ଥିତ ଥିଲେ।


ଜବତ ହୋଇଥିବା ବାଇକ୍।

# ରାସ୍ତା ପାର୍ଶ୍ୱରୁ ମିଳିଲା ଯୁବକଙ୍କ ମୃତଦେହ

## ମଦ୍ୟପାନ ଓ ଜୁଆ ଖେଳକୁ ନେଇ ହତ୍ୟା ସନ୍ଦେହ

ଜଗନ୍ନାଥ ପ୍ରସାଦ,୨୪।୩
(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ବ୍ଲକ ଚଡ଼ିଆପଲ୍ଲୀ ପଞ୍ଚାୟତ ଗୁପ୍ତପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ରାସ୍ତାପାର୍ଶ୍ୱରୁ ଜବତ କରାଯାଇଛି। ସେ ହେଲେ ଚଡ଼ିଆପଲ୍ଲୀ ଗ୍ରାମର ଲୋଚନ ବେହେରା (୩୫)। ଏନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳିଯାଇଛି। ଖବର ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଜୁଆଖେଳ କିମ୍ବା ମଦ୍ୟପାନକୁ ନେଇ ଲୋଚନଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି ପ୍ରାଥମିକ ତଦନ୍ତ ପରେ ସନ୍ଦେହ କରୁଛି।

ଖବରରୁ ଜଣାପଡ଼ିଛି, ଲୋଚନ ସୋମବାର ମଧ୍ୟାହ୍ନ ୩ଟାରେ ଘରୁ ବାହାରି ବାହାରକୁ ଯାଇଥିଲେ। ଘରକୁ ଫେରିବା ପୂର୍ବରୁ ସ୍ତ୍ରୀଙ୍କ ସହ କଥା ହୋଇଥିଲେ। ହେଲେ ବିଳମ୍ବିତ ରାତିଯାଏ ସେ ନ ଆସିବାରୁ ସ୍ତ୍ରୀ ବାରମ୍ବାର ଫୋନ କରିଥିଲେ ହେଁ ତାଙ୍କ ଫୋନ ସୁଇଚ୍ ଅଫ୍ ଥିଲା। ମଙ୍ଗଳବାର ସକାଳେ ଗୁପ୍ତପଲ୍ଲୀ ଗ୍ରାମର କେତେ ଜଣ ଲୋକ ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ପାଣିଟାଙ୍କି ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ପୋଲିସକୁ ସୂଚନା ଦେଇଥିଲେ। ପରେ ଏହା ଲୋଚନଙ୍କ ମୃତଦେହ ବୋଲି ଜଣାପଡିଥିଲା। ଜଗନ୍ନାଥ ପ୍ରସାଦ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲା। ଥାନା ଅଧିକାରୀ ପ୍ରମୋଦ ଲେଙ୍କା, ବୁଗୁଡ଼ା ଥାନା ଅଧିକାରୀ ସୁଧାଂଶୁ ଶେଖର ମାନ୍ଧାତା, ଟି. ପ୍ରମିଳା, ପ୍ରିୟ ରଞ୍ଜନ ମିଶ୍ର ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ରକ୍ତଭିଜା ତିନୋଟି ବାଡ଼ି, ଗୋଟିଏ ମୋବାଇଲ ଜବତ ହୋଇଛି। ବାଡିରେ ତାଙ୍କୁ କେହି ପିଟି ହତ୍ୟା କରିଥିବା ଅନୁମାନ କରାଯାଉଛି। ଜଗନ୍ନାଥ ପ୍ରସାଦ ପୋଲିସ ନଂ. ୧୧୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଲୋଚନଙ୍କୁ କେହି ଆକ୍ରମଣ କରି ତାଙ୍କ ଆଖି ତାଡି ଦେଇଥିବା ଜଣାପଡିଛି। ପୋଲିସ ସନ୍ଦେହରେ ୧୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖୁବ୍ ଶୀଘ୍ର ହତ୍ୟାର କାରଣ ଜଣାପଡିବ। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରମୋଦ ଲେଙ୍କା କହିଛନ୍ତି।

# ଯୁବକଙ୍କ ତଣ୍ଟି କାଟି ହତ୍ୟା

ବାଲେଶ୍ୱର, ୨୪।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ରେଲୱେ ଷ୍ଟେଶନ ନିକଟ ସାଇ ମନ୍ଦିର ଗଳି ନିକଟରେ ଜଣେ ଯୁବକଙ୍କୁ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା କରାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିବା ଯୁବକଙ୍କ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ମୟୂରଭଞ୍ଜ ବୈଶିଙ୍ଗା ଥାନା ଦୁର୍ଗାପୁର ଗ୍ରାମର ଗୋପାଳ ସିଂ (୩୫)। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ. ୧୩୪/୨୬) ରୁଜୁ କରିଛି। ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ଏସ୍‌ପି ପ୍ରତ୍ୟୁଷ ଦିବାକର, ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଓ ଆଇଆଇସି ଆଲୋକ ବେହେରା ପ୍ରମୁଖ ସଦଳବଳେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ସୂଚନା ଯେ, ମୃତ ଗୋପାଳଙ୍କ ସ୍ତ୍ରୀ ବାଲେଶ୍ୱରର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ନିକଟରେ ଟଙ୍କା ନ ଥିବାରୁ ସେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସୋମବାର ରାତିରେ ତାଙ୍କର ସମ୍ପର୍କୀୟ ବାଲେଶ୍ୱର ଆସି ତାଙ୍କୁ ୪ହଜାର ଟଙ୍କା ଦେଇ ଘରକୁ ଫେରିଥିଲେ। ମେଡିସିନ୍ କିଣି ସ୍ତ୍ରୀଙ୍କୁ ଦେଇ ସେ ବାହାରକୁ ଆସିଥିଲେ। ମାତ୍ର ଭୋର୍ ସମୟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ସମ୍ପର୍କରେ ୧୦୮ ଆମ୍ବୁଲାନ୍ସ ଓ ପୋଲିସକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ଉକ୍ତ ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ତଣ୍ଟି, ଛାତି ଓ ପେଟରେ ଧାରୁଆ ଅସ୍ତ୍ରରେ ହଣାଯାଇଥିବାର ଦେଖିବାକୁ ମିଳିଥିଲା।

# ଅବକାରୀ ଚଢ଼ାଉ, ୫ ଗିରଫ

ଝାରସୁଗୁଡ଼ା,୨୪।୩
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ କରାଯାଇଛି। ଏହିବେଆଇନ କାରବାରରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଛୁଆଲିବେର୍ଣ୍ଣା ଗ୍ରାମର ପର୍ଶୁ ରୋହିଦାସ, ଚେମା ରୋହିଦାସ, କାଦୁପଡ଼ା ଗ୍ରାମର ପ୍ରଦୀପ ବିଶ୍ୱାଳ, ଲେଫ୍ରିପଡ଼ା ଅଞ୍ଚଳର ଅଲେଖ କିଷାନ, ବେଲପାହାଡ଼ ମୋହନପୁର ଅଞ୍ଚଳର ଆକାଶ ପୂର୍ତ୍ତି। ସେମାନଙ୍କ ନିକଟରୁ ମୋଟ ୧୬୦୦ କେଜି ମହୁଲ ପୋଚ, ୧୩୪ ଲିଟର ଦେଶୀମଦ, ୨ଟି ବାଇକ୍ ଓ ଗୋଟିଏ ସାଇକେଲ ଜବତ କରାଯାଇଛି। ଜିଲା ଅବକାରୀ ବିଭାଗର ସ୍ୱତନ୍ତ୍ର ଭ୍ରାମ୍ୟମାଣ ଟିମ୍ ଛୁଆଲିବେର୍ଣ୍ଣା, କାଦୁପଡ଼ା, ଗୌରପଡ଼ା, ପରମାନପୁର, ମହିଯୋର ଆଦି ଗ୍ରାମରେ ଚଢ଼ାଉ କରି ମାଦକ ଦ୍ରବ୍ୟ ଜବତ କରିଥିଲା।

# ଦିନ ଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

ଛେଣ୍ଡିପଦା,୨୪।୩(ଅଜିତ୍ ଧଳ)

ଦୀର୍ଘ ଦିନ ପରେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନାଠାରୁ ମାତ୍ର ୩୦୦ ମିଟର ଦୂର ମଝି ବଜାରରେ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଲୁଟ୍ ହୋଇଛି। ୨ଜଣ ଲୁଟେରା ବଜାର ଉପରେ ଛିଡ଼ା ହୋଇଥିବା ଏକ ବାଇକ୍‌ର ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଛେଣ୍ଡିପଦା ଥାନା କେନ୍ଦୁପଶି ଗ୍ରାମର ରାଜକିଶୋର ସାହୁ ଓ ତାଙ୍କ ସ୍ତ୍ରୀ ଏକ ଗହଣା ଦୋକାନରୁ ୧ଲକ୍ଷ ୯୫ ହାଜର ଟଙ୍କାର ମଙ୍ଗଳସୂତ୍ର, ଚୁଡ଼ି ଓ କାନଫୁଲ କିଣିଥିଲେ। ରାଜକିଶୋରଙ୍କ ସ୍ତ୍ରୀ ମଙ୍ଗଳ ସୂତ୍ରକୁ ପିନ୍ଧିବା ସହିତ ଅନ୍ୟ ଅଳଙ୍କାରକୁ ବାଇକ୍ ଡିକିରେ ରଖିଥିଲେ। ପରେ ବାଇକ୍ ରାସ୍ତାକଡ଼ରେ ରଖି ଏକ ଔଷଧ ଦୋକାନରୁ ଔଷଧ କିଣୁଥିବାବେଳେ ହଠାତ୍ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଡିକି ଭାଙ୍ଗି ସେଥିରେ ଥିବା ୧ଲକ୍ଷ ୨୨ହଜାର ଟଙ୍କାର ଚୁଡ଼ି ଓ କାନଫୁଲ ଲୁଟି ନେଇଥିଲେ। ରାଜକିଶୋର ପାଟି କରିବାରୁ ସ୍ଥାନୀୟ ଲୋକେ ଲୁଟେରାଙ୍କୁ ପିଛା କରିଥିଲେ ହେଁ ଧରିବାରେ ସକ୍ଷମ ହୋଇ ନଥିଲେ। ଅଭିଯୋଗ ପରେ ପୋଲିସ କେସ୍ ନଂ. ୧୨୯/୨୬ରେ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଥିବା ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।

ODISHA PUBLIC SERVICE COMMISSION, CUTTACK

NOTICE

No. 1715/P.S.C., Dt. 23.03.2026
(1R-17-2024/25)(DR-V)

**No.12001/54/2526** : It is for information of all concerned that, pursuant to the Advertisement No. 27 of 2023-2024, **64 (Sixty-four)** candidates, bearing following PPSAN have been shortlisted for interview for the post of **Assistant Professor (Stage-I) in "Psychology"**. The Interview in respect of the following candidates will be held in the Office of the Commission at 19, Dr. P. K. Parija Road, Cuttack -753001 from **06.04.2026 to 08.04.2026** as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 06.04.26 | 10.30 A.M. | P220011351, P220059233, P220072766, P220077195, P230112757, P230134664, P230145613, P230155592, P230156778, P230234685, P240234859 & P240234863 = **12 Candidates** |
| | 02.30 P.M. | P240235377, P240253179, P240253717, P240263269, P240269033, P240270248, P240272608, P240273857, P240273865 & P240275428 = **10 Candidates** |
| 07.04.26 | 10.30 A.M. | P240277246, P240279069, P240283284, P240284179, P240286159, P240286588, P240286898, P240287446, P240287886, P240288424, P240289965 & P240290652 = **12 Candidates** |
| | 02.30 P.M. | P240295382, P240296707, P240297005, P240299130, P240301879, P240301967, P240302072, P240302211, P240302746 & P240302853 = **10 Candidates** |
| 08.04.26 | 10.30 A.M. | P240303562, P240304142, P240304306, P240305495, P240305557, P240305876, P240306016, P240306033, P240306913, P240307089, P240307158 & P240307230 = **12 Candidates** |
| | 02.30 P.M. | P240307719, P240308979, P240309364, P240309383, P240309590, P240310048, P240311419 & P240312849 = **8 Candidates** |

It is also made clear that, the candidature of these candidates for recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **one and half hours before the commencement of interview** on the scheduled date & time as mentioned above.

Further, the candidates are required to submit the documents as per this Office **Notice No. 1306/PSC, dt. 02.03.2026** which is available on the Website of the Commission i.e. **www.opsc.gov.in**.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12001/12002/1/25-26/0019 Sd./- Secretary

OFFICE OF THE SUPERINTENDING ENGINEER
UPPER INDRAVATI RIGHT CANAL DIVISION NO.II
AT/PO. : JUNAGARH, DIST.KALAHANDI
e-mail: eeuircd2@gmail.com

QUOTATION CALL NOTICE NO-SE,UIRCD-II-10/2025-26, Dt-23.03.2026.

FOR HIRING VEHICLE

**No.32001/244/2526** : Sealed quotations are invited from interested reputed travel agencies/tour operators or private individuals for providing **02 (Two) nos.** of Diesel driven vehicle for official use in the office of the
i. The Superintending Engineer, UI Right Canal Division-No.II, Junagarh Dist-Kalahandi.
ii. Office of The Sub-Divisional Officer, UI Right Canal Sub-Division-No.I, Junagarh,UI Right Canal Sub-Division-No.II, Bhawanipatna & UI Right Canal Sub-Division-No.III, Bhawanipatna

The Quotation booklets will be available in the office of the Superintending Engineer, UI Right Canal Division No.II, Junagarh, office of the S.D.O, UI Right Canal Sub-Division No-II, and UI Right Canal Sub-Division No-III, Bhawanipatna from **26.03.2026 to 02.04.2026** during office hours on payment of **Rs.100/-(Rupees one hundred)** only in shape of BC/DD from any nationalized bank, pledged in favour of the **Superintending Engineer, UI Right Canal Division-No.II, Junagarh**. The quotations shall be opened on **04.04.2026 at 11.00 PM** in the office of the undersigned.

Further details can be obtained from the Quotation booklets

Sd./- Superintending Engineer
OIPR-32001/32016/1/25-26/0001 U.I.R.C.D. No.II, Junagarh

ଜିଲ୍ଲା ପରିଷଦ, କନ୍ଧମାଳ
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର
ZILLA PARISHAD, KANDHAMAL
Panchayati Raj & Drinking Water Department
Government of Odisha
Tender Call Notice No.951// Date: 20.03.2026

TENDER CALL NOTICE

**No.19001/98/2526:** Sealed bids are invited under a two-bid system from reputed and experienced man-power service providers for providing unskilled, semiskilled and skilled personnel. The personnel will be engaged at various tourist destinations and wayside amenity centres in Kandhamal district under the district tourism development Kandhamal for a period of 12 months on an outsourcing basis.

The complete bid must reach the O/o CDO-cum-EO, Zilla Parishad, Kandhamal, At/Po- Phulbani, Dist-Kandhamal, Pin-762001 on or before date 04.04.2026 by 4.00 P.M. through Speed Post/ Registered Post only. The bid documents containing eligibility criteria, scope of work, terms and conditions of the tender and draft agreement can be downloaded from the district website www.kandhamal.odisha.gov.in.

Sd./- CDO-cum-EO,
OIPR-19001/19273/1/25-26/0001 Zilla Parishad, Kandhamal

ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751 007, Tel: 2545586/2545852,
email- serifedodisha@gmail.com, website- www.serifedodisha.in

INVITATION FOR BIDS (e-Procurement)
Bid identification no:- VI-13(12)/SERIFED/2025-26/ 456

**No.31001/30/2526** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors for the work 05 (Five) No. of works at different places of Odisha. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period dt. 26.03.2026 to 17.00 hours up to dt. 17.04.2026. Online bids shall be received till 17.00 hours dt. 17.04.2026 & shall be opened at 11.30 AM on Dt. 18.04.2026. Any addendum / corrigendum / cancellation of tender can also be seen in the said website.

OIPR-31001/31005/1/25-26/0003 Sd./- MANAGING DIRECTOR

କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ
କୋଣାର୍କ, ପୁରୀ
ପତ୍ରାଙ୍କ ସଂଖ୍ୟା:1030/ତାରିଖ 23.03.2026

ନିଲାମ ଇସ୍ତାହାର

**No.13001/771/2526:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରିଷଦଙ୍କ ତରଫରୁ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଯଥା ତା.୦୧.୦୪.୨୦୨୬ ରିଖଠାରୁ ତା.୩୧.୦୩.୨୦୨୭ ରିଖ ମଧରାତ୍ର ପର୍ଯ୍ୟନ୍ତ ପରିଷଦର ପାର୍କିଂ ଫି (ତିନିଚକିଆ ଅଟୋରିକ୍ସା, ଚାରିଚକିଆ ଓ ତଦୂର୍ଦ୍ଧ୍ୱ ଭାରିଯାନ) ଷ୍ଟାଣ୍ଡ ନିଲାମ କରାଯିବ । ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ nackonark.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉକ୍ତ ଫର୍ମକୁ ଉପରୋକ୍ତ ସାଇଟ୍‌ରୁ ଡାଉନ୍‌ଲୋଡ କରି ତା.୨୪.୦୩.୨୦୨୬ରିଖ ଦିବା ୧୨.୦୦ ଘଟିକାଠାରୁ ତା.୩୦.୦୩.୨୦୨୬ ରିଖ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚିତ ନିଲାମ ବାକ୍ସରେ ଜଉମୁଦ ଲଫାପାରେ ଉକ୍ତ ଟେଣ୍ଡର ପେପର ସହିତ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ/ଦଲିଲ୍ ଓ ଦେୟ ଦେଇ ବ୍ୟକ୍ତିଗତ ହାଜର ହୋଇ କିମ୍ବା ପୋଷ୍ଟାଲ/କୋରିଅର ସର୍ଭିସ୍ ମାଧମରେ ନିର୍ଦ୍ଧାରିତ ସମୟ ମଧରେ ଦାଖଲ ଦେଇ ନିଲାମରେ ଭାଗ ନେଇପାରିବେ । ଉକ୍ତ ନିଲାମ ଟେଣ୍ଡର ପେପର ଓ ଆବଶ୍ୟକୀୟ କାଗଜାତ୍ ତା.୩୦.୦୩.୨୦୨୬ ରିଖ ଅପରାହ୍ନ ୪.୦୦ ଘଟିକାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ନିଲାମରେ ଭାଗ ନେଇଥିବା ବ୍ୟକ୍ତି କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।
ନିଲାମ ସମ୍ପର୍କୀୟ ସମସ୍ତ ସର୍ତ୍ତାବଳୀ ଓ ଦେୟ ଟେଣ୍ଡର ଫର୍ମରେ ସୂଚିତ କରାଯାଇଅଛି । ଅଭିଜ୍ଞତା ଥିବା ଏବଂ ଏକକାଳୀନ ସର୍ବାଧିକ ନିଲାମ ମୂଲ୍ୟ ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ/ ଅନୁଷ୍ଠାନଙ୍କୁ ଅଗ୍ରାଧିକାର ଦିଆଯିବ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଟେଣ୍ଡର ପେପର କୌଣସିମତେ ଗ୍ରହଣ କରାଯିବ ନାହିଁ ।

ନଗରପାଳଙ୍କ ଆଦେଶମତେ
ସ୍ୱା./- ନିର୍ବାହୀ ଅଧିକାରୀ,
OIPR-13001/13174/1/25-26/0006 କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ

GOVERNMENT OF ODISHA
PANCHAYAT SAMITI OFFICE, DEOGAON
INVITATION FOR BIDS THROUGH e-Procurement
TENDER CALL NOTICE NO.-04/2025-26/DGN
E-mail Id:ori-deogaon@nic.in

19001/101/2526 INVITATION FOR BIDS

| | | | |
|---|---|---|---|
| 1. | The Block Development Officer, Deogaon, Balangir on behalf of Governor of Odisha, invites percentage rate bids in single cover system in ONLINE MODE only for construction of building work as per tender call notice. | | |
| 2. | Nature of Work | : | Civil & EI Works |
| 3. | No. of Work | : | 09 Nos. |
| 4. | Tender Paper Cost | : | 6,000/- |
| 5. | Class of Contractor | : | "D" & "C" and "C" & "B" (Registered with CDMS) |
| 6. | Availability of Bid documents in the website | : | From 10.00 AM of 23.03.2026 to 5.00 P.M. of 08.04.2026 |
| 7. | Date of Opening of Bid | : | Dt.09.04.2026 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above website only.

Sd./- Block Development Officer,
OIPR-19001/19253/1/25-26/0001 Deogaon

ଜିଲ୍ଲା ପରିଷଦ, ବୌଦ୍ଧ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
ସଂଖ୍ୟା ୭୯୦, ତାରିଖ ୧୭.୦୩.୨୦୨୬

ବିଜ୍ଞାପନ

**No.19001/97/2526:**ଏତଦ୍ୱାରା ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣ, ଜବ୍‌କାର୍ଡଧାରୀ ଏବଂ ଲୋକପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆର୍ଥିକ ବର୍ଷ ୨୦୨୫-୨୬ (ଦ୍ୱିତୀୟ ଚକ୍ର) ତା.୦୧.୦୪.୨୦୨୫ ରିଖଠାରୁ ତା.୩୦.୦୯.୨୦୨୫ ରିଖ ପର୍ଯ୍ୟନ୍ତ କରାଯାଇଥିବା ସମସ୍ତ ପ୍ରକଳ୍ପଗୁଡିକର ପଞ୍ଚାୟତସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି । ଏଥିନିମନ୍ତେ ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ, ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାର ବିମର୍ଶ କରାଯିବ ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ (ପୂର୍ବାହ୍ନ ଘ.୧୦.୩୦ଟିକା) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ ଅଧିକାରୀ |
|---|---|---|---|
| ବୌଦ୍ଧ | ୦୭.୦୪.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ | ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ |
| ହରଭଙ୍ଗା | ୦୮.୦୪.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ |
| କଣ୍ଟାମାଳ | ୦୯.୦୪.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ | ଉପ ଜିଲ୍ଲାପାଳ, ବୌଦ୍ଧ |

ଏଣୁ ଉକ୍ତ ବ୍ଲକସ୍ତରୀୟ ଜନଶୁଣାଣିରେ ଆପଣମାନେ ବହୁ ସଂଖ୍ୟାରେ ଯୋଗଦେଇ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ଆପଣଙ୍କର ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ ।

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ
OIPR-19001/19234/1/25-26/0001 ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠାରୁ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ

**ରାଇପୁର,୨୪।୩(ପି.ଟି.)**

ଛତିଶଗଡ଼ର ରାଇପୁର, ଜଗଦଲପୁର, ସରଗୁଜା ଆଦି ୩ ଭେନ୍ୟୁରେ ବୁଧବାରଠାରୁ ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ଆରମ୍ଭ ହେବ। ୯ ଇଭେଣ୍ଟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପାଖାପାଖି ୧୩୦୦ ଆଥଲେଟ୍ସ ଭାଗ ନେବେ। ପ୍ରତିଯୋଗିତାରେ ଭାଗ ନେଉଥିବା ୩୦ ରାଜ୍ୟ ମଧ୍ୟରେ ଓଡ଼ିଶାରୁ ସର୍ବାଧିକ ୧୨୫ ଆଥଲେଟ୍ସ ରହିଛନ୍ତି। ଛତିଶଗଡ଼ର ୧୨୧, ଝାଡ଼ଖଣ୍ଡର ୧୦୭ ଓ ଆସାମର ୧୦୬ ଆଥଲେଟ୍ ଭାଗ ନେବେ। ଆର୍ଚ୍ଚରୀ, ଆଥଲେଟିକ୍ସ, ଫୁଟବଲ, ହକି, ସ୍ୱିମିଂ, ୱେଟଲିଫ୍ଟିଂ ଓ ରେସଲିଂ ଆଦି ଇଭେଣ୍ଟରେ ପଦକ ପ୍ରଦାନ କରାଯିବ। ମାଲଖମ୍ବ ଓ କବାଡି ଭଳି ପାରମ୍ପରିକ କ୍ରୀଡ଼ାକୁ ପ୍ରଦର୍ଶନୀ କ୍ରୀଡ଼ା ଭାବେ ସାମିଲ କରାଯାଇଛି। ଏପ୍ରିଲ ୩ ତାରିଖରେ ଶେଷ ହେବାକୁ ଥିବା ଇଭେଣ୍ଟରେ କୋଚ୍ ଓ ଅଫିସିଆଲ୍ସଙ୍କୁ ମିଶାଇ ପ୍ରାୟ ୩୮୦୦ ଅଂଶଗ୍ରହଣ କରିବେ।


# Classified Everyday

0674-2580101, 9692975378


MATRIMONIAL

## BRIDE WANTED

Wanted Software Engineer Bride for handsome Brahmin Boy 1997, 6'2", B.Tech, serving MNC Hyderabad "SUNASANSAR". 9937512659. D-3739

## GROOM WANTED

Wanted Service groom for beautiful Teli girl 1986, 5'5", Serving Manager reputed Hotel Bhubaneswar. 9078226280, "SUNASANSAR". 9937512659. D-3740


REAL ESTATE
SALE

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/**Duplex** ମିଳୁଛି। **8327785834.** D-3649

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

**Land (10000sqft. and 8500sqft.) for sale in Tamando area. Contact- 9861336970/ 9861304988.** D-3728

ଜମି ବିକ୍ରି: ଭୁବନେଶ୍ୱରସ୍ଥିତ ଥାନା- ଚନ୍ଦକା, ମୌଜା- ଗିରିଙ୍ଗାପୁଟ ଅଞ୍ଚଳରେ ଥିବା ୩୯୦ ଡେସିମିଲ ଏବଂ ୧୯୦ ଡେସିମିଲ ସ୍ଥିତିବାନ୍ ଘରୋଇ ଜମି ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ୯୯୩୮୩୧୫୨୫୩ରେ ଯୋଗାଯୋଗ କରନ୍ତୁ। ଧ-୩୭୨୨




All types of physiotherapy and massage contact 9556924059 / 7656969134. D-3668


## AFFIDAVIT

ମୁଁ, ଶ୍ରୀମତୀ ନୟନା ସେଠୀ, ସ୍ୱାମୀ- ଭୋବନି ସେଠୀ, ସା/ପୋ.ଅ.- ଭାପୁର, ଥାନା- ଫତେଗଡ଼, ଜିଲ୍ଲା- ନୟାଗଡ଼ ଶପଥପାଠ ପୂର୍ବକ ଜଣାଉ ଅଛି କି, ମୋର ଝିଅର ନାମ ସଂଘମିତା ସେଠୀ ଜନ୍ମ ପଞ୍ଜୀକୃତ ଅନୁସାରେ ରେଜେଷ୍ଟ୍ରୀକରଣ ନଂ.- ୧୩୦/୨୦୧୧ ତା.୨୮.୦୨.୨୦୨୩ ଅଟେ। କିନ୍ତୁ ଆଧାର କାର୍ଡ ନଂ.- xxxx xxxx ୦୮୯୪ରେ ଡାକନାମ ମାନସୀ ସେଠୀ ଉଲ୍ଲିଖିତ ହୋଇଅଛି। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଅଛୁ। ଏଣୁ ଆଧାରକାର୍ଡରେ ମାନସୀ ସେଠୀ ବଦଳରେ ସଂଶୋଧନ କରାଯାଇ ସ୍ୱାତୀ ସଂଘମିତ୍ରା ସେଠୀ ଉଲ୍ଲେଖ କରିବାକୁ ଅନୁରୋଧ। ଏହା ମୋର ଶପଥପାଠ ପୂର୍ବକ ମନ୍ତବ୍ୟ ଅଟେ। ଧ-୩୭୨୯

By virtue of an affidavit sworn before Notary Public, Kantabanji, dated 20.3.2026, I, Tamanna Nigar, D/o.- Md. Nasir, W/o.- Abdul Aman, Address: At- Ward No.14, Kantabanji, P.O./ P.S.- Kantabanji, Dist.- Bolangir, Odisha, PIN-767039 declare that I have changed my name from Tamana Nigar (Old name) to Tamanna Nigar (New name). Henceforth, I shall be known as Tamanna Nigar for all purposes. D-3730

By virtue of an affidavit sworn before Notary Public, Kantabanji dated 20.3.2026, I, Abdul Aman, S/o.- Abdul Jabar, Address: At- Ward No.14, Kantabanji, P.O./P.S.- Kantabanji, Dist.- Bolangir, Odisha, PIN-767039 declare that I have changed my name from Sekh Abdul Aman (Old name) to Abdul Aman (New name). Henceforth, I shall be known as Abdul Aman for all purposes. D-3731

By virtue of an affidavit sworn before Notary Public, dated 24th March 2026 I, Gajendra Kantabansh, Address: Village- Janata, P.O.- Karubai, Dist.- Rayagada, Odisha, 765017 declare that I have changed my daughter's name from Kesavari Kanabansha to Kishori Kantabansha. Henceforth, she shall be known as Kishori Kantabansha for all purposes.
Gajendra Kantabansh
D-3734

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Boudh, No.- 251, Dtd.- 23.03.26, I, Arjun Khamari, R/o. Village- P.O.- Rambhikata, P.S./ Dist.- Boudh (Odisha), PIN- 762015 declare that I have changed the name of my son from Subham Khamari to Subhankar Khamari. Henceforth he shall be known as Subhankar Khamari for all purposes.
Arjun Khamari
D-3733

I, SAMEENA BANO, W/o.- Mohammad Juned, R/o.- Khariar Road, Ward No.15, Patel Nagar, Post- Khariar Road, P.S.- Jonk, Dist.- Nuapada (Odisha), declare by this affidavit No.108, Dtd.- 10.02.2026 that now onwards I shall be known as SAMINA BANO for all future purposes. D-3732

By virtue of an affidavit before Executive Magistrate, Basudevpur Tahasil on dtd.- 19.03.2026 that I, Sthiti Prajna Behera aged about 21 years, D/o,- Shashikanta Behera, At/P.O.- Brahmangan, P.S.- Basudevpur, Dist.- Bhadrak which is mentioned in my Aadhaar card No.- xxxx xxxx 6548 and H.S.C. educational certificate. But my nick name Madhusmita Behera, C/o.- Shashikanta Behera has been mentioned in my LIC Policy certificate No. 586575993 D.O.C. 28.03.2007 under Cuttack Division, I declared that Sthiti Prajna Behera and Madhusmita Behera, D/o.- Shashikanta Behera is same and one person. D- 3738

By virtue of an affidavit before Executive Magistrate, Basudevpur Tahasil on dtd.- 02.12.2025 that I, Biswajit Malik, S/o.- Nilakantha Malik, At/P.O.- Chudamani, P.S.- Chudamani Marine, Dist.- Bhadrak which is mentioned in my Aadhaar Card code vide No.- xxxx xxxx 1528, but my nick name Chandan Kumar Malik, S/o.- Nilakantha Malik has been mentioned in my LIC policy bond vide policy No. 586250059. I declared that myself Biswajit Malik and Chandan Kumar Malik, S/o.- Nilakantha Malik is same and one person.
D-3737

## LEGAL NOTICE

Letter No. 457, dtd.- 17.03.26

ଆଡିସନାଲ କମିଶନର, ଆଡିସନାଲ ରିଭିଜନାଲ କୋର୍ଟ ନଂ.୪,
ଶ୍ରୀ ପ୍ରଦୀପ କୁମାର ନାୟକଙ୍କ ଅଦାଲତ, ଭୁବନେଶ୍ୱର, ୪ର୍ଥ ମହଲା
ମୁଖ୍ୟ ଦପ୍ତର କାର୍ଯ୍ୟାଳୟ ବିଲ୍‌ଡିଙ୍ଗ, ୟୁନିଟ୍-୫, ଭୁବନେଶ୍ୱର।
ଓ.ଏସ୍.ଏସ୍. କେସ୍ ନମ୍ବର- ୧୦୩୪/୨୦୧୭

ହେମନ୍ତ କୁମାର ସ୍ୱାଇଁ ........ବାଦୀ/ଦରଖାସ୍ତକାରୀ

ବନାମ

ମନୋଜ କୁମାର ଲେଙ୍କା ଓଗେରମାନେ ........ ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ

୧. ଶାନ୍ତିଲତା ପୁରୋହିତ, ପିତା: ଭୋଳି ପୁରୋହିତ, ସା- ବସନ୍ତପୁର ଶାସନ, ପୋ.ଅ.- ଇତିପୁର, ଜିଲ୍ଲା- ଖୋର୍ଦ୍ଧା .......ପ୍ରତିବାଦୀ- ୪ (ବି)

ନୋଟିସ

ସି.ପି.ସି. ଅର୍ଡର ନଂ.୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ହେମନ୍ତ କୁମାର ସ୍ୱାଇଁ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ରିଭିଜନ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.୪ (ବି)ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ପ୍ରତିବାଦୀଙ୍କର ଠିକଣା ନଥିବାରୁ ତଥା ଉକ୍ତ ନୋଟିସକୁ ଗ୍ରହଣ ନ କରିବାରୁ ତାହା ଜାରି ହୋଇ ନ ପାରି ଫେରସ୍ତ ଆସିଛି। ସେମାନଙ୍କୁ ତଥା ସେମାନଙ୍କର ସଠିକ ଠିକଣା ଆମ୍ଭେ ବହୁତ ଚେଷ୍ଟା କରି ପାଇପାରିଲୁ ନାହିଁ।

ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୪ (ବି)କୁ ସେମାନଙ୍କ ଅବଗତି ନିମନ୍ତେ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭଜନ କୋର୍ଟ ନଂ.୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ଥାନା ନଂ.-୧୫, ତହସିଲ- ଜଟଣୀ, ମୌଜା- ଶଙ୍କରପୁର ସ୍ଥିତିବାନ୍ ଖାତା ନଂ.-୨୯୪, ସାବକ ପ୍ଲଟ୍ ନଂ.-୨୯୪, ପୁରାତନ ଏରିଆ ଏ.୦.୦୪୬ଡି. (ଭାଗ), ଏ୦.୮୯୫ଡି. ହାଲ୍ ମୌଜା- ଶଙ୍କରପୁର, ହାଲ୍ ଖାତା ନଂ.-୧୪୮୧, ହାଲ୍ ପ୍ଲଟ୍ ନଂ.-୨୩୩୭ ଏ୦.୦୪୬ଡି. (ଭାଗ) ଏ୦.୩୩୫ଡି.

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୪ (ବି) କିମ୍ବା ତାଙ୍କର ଉତ୍ତରାଧିକାରୀ ବା ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଫଇସଲା କରାଯିବ ।

ଆଡିସନାଲ ରିଭିଜନ କୋର୍ଟ ନଂ.୪,
ଭୁବନେଶରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୭୩୬

I.R. No.- 178, 12.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ ଡ. ଆଶୁତୋଷ ସାମଲ ଓ.ପ୍ର. ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ- ୭୭୦/୨୦୨୦

୧. ଅମ୍ବିକା ପ୍ରସନ୍ନ ମହାନ୍ତି, ପି: ୰ଗିରିଜା ପ୍ରସନ୍ନ ମହାନ୍ତି
୨. ଭବାନୀ ପ୍ରସନ୍ନ ମହାନ୍ତି, ପି- ସାରଦା ପ୍ରସନ୍ନ ମହାନ୍ତି ....ବାଦୀମାନେ

ବନାମ

ଉତ୍ତମ ପ୍ରହରାଜ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍- ୨୦ ମୁତାବକ

୧। ଉତ୍ତମ ପ୍ରହରାଜ, ସ୍ୱାମୀ- ବ୍ରହ୍ମାନନ୍ଦ ପ୍ରହରାଜ, ସା- ଭାକରସାହି, ପୋଷ୍ଟ- ବନମାଳିପୁର, ଥାନା- ବାଲିପାଟଣା, ଜିଲ୍ଲା- ପୁରୀ, ୨। ଅଇଁଠି ଜେନା, ସ୍ୱାମୀ- ମୁରଲିଧର ଜେନା, ୪। ବ୍ରହ୍ମାନନ୍ଦ ଜେନା, ପିତା- ମୁରଲିଧର ଜେନା, ୫। ବୃକୋଦର ଜେନା, ୬। ନରେନ୍ଦ୍ର ଜେନା,
ଉଭୟଙ୍କର ପିତା କୃଷ୍ଣ ଜେନା
୨ରୁ ୬ ପର୍ଯ୍ୟନ୍ତ ସମସ୍ତଙ୍କର ସା-ନୟାପଲ୍ଲୀ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀମାନେ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୫।୦୩।୨୦୨୬ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଜୟଦେବ ବିହାର ୟୁନିଟ୍-୧୬, ତହସିଲ- ଭୁବନେଶ୍ୱର, ଥାନା- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା ସାବକ
ଖାତା ନଂ.- ୧୮୭, ପ୍ଲଟ୍ ନଂ.- ୮୦୫, କିସମ- ଘରବାରି ଦୁଇ, ରକବା- ଏ.୦.୦୪୮ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ.- ୨, ପ୍ଲଟ୍ ନଂ.- ୨୯୬, କିସମ- ଘରବାରି ଦୁଇ, ରକବା- ଏ୦.୦୭୯ଡି. ସ୍ଥଧରୁ, ଏ.୦.୦୪୮ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୭୪୧

# ପ୍ରାକ୍ଟିସ୍ ପାଇଁ ନଂ.୧୧ ଜର୍ସି ପିନ୍ଧିବ ଆର୍‌ସିବି

**ଦଳାଚକଟା ପୀଡ଼ିତଙ୍କ ସ୍ମୃତିରେ**

**ବେଙ୍ଗାଲୁରୁ,୨୪।୩(ପି.ଟି.)**

ଗତବର୍ଷ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ସମ୍ମାନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ଷ୍ଟାଡିୟମରେ ୧୧ ସିଟ୍‌କୁ ଫାଙ୍କା ଛଡ଼ାଯିବ। ଏଥିସହିତ ଦଳର ଖେଳାଳିମାନେ ଆଗାମୀ ଆଇପିଏଲ୍‌ରେ ଜର୍ସି ନଂ.୧୧ ପିନ୍ଧି ଅଭ୍ୟାସ କରିବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁନ୍ ୪ରେ ଆର୍‌ସିବିର ପ୍ରଥମ ଆଇପିଏଲ୍ ବିଜୟ ଉତ୍ସବ ବେଳେ ଷ୍ଟାଡିୟମ ବାହାରେ ଘଟିଥିବା ଦଳାଚକଟାରେ ପ୍ରଶଂସକମାନେ ପ୍ରାଣ ହରାଇଥିଲେ। ପୋଲିସ ଅନୁମତି ବିନା ବିଜୟ ଉତ୍ସବ ପାଳନ କରିବାରୁ ଫ୍ରାଞ୍ଚାଇଜ୍‌କୁ ପ୍ରବଳ ସମାଲୋଚନା କରାଯାଇଥିଲା।

'ମ୍ୟାଚ୍ ପୂର୍ବରୁ ପ୍ରାକ୍ଟିସ୍ ବେଳେ ସମସ୍ତ ଖେଳାଳି ଜର୍ସି ନଂ.୧୧ ପିନ୍ଧିବେ। ଏହା ଆମ ପ୍ରଶଂସକଙ୍କ ଲାଗି ହେବ ଏକ ଶ୍ରଦ୍ଧାଞ୍ଜଳି। ସେମାନେ ଚିରଦିନ ପାଇଁ ଆମ ଯାତ୍ରାର ଅଂଶ ହୋଇ ରହିବେ। ଏହାଛଡ଼ା ମ୍ୟାଚ୍ ଦିନ ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିବେ। ଏଥିସହିତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆମେ ୧୧ଟି ସ୍ଥାୟୀ ଖାଲି ସିଟ୍ ରଖିବାକୁ ଯୋଜନା କରୁଛୁ। ଏହା ସେହି ୧୧ ପ୍ରଶଂସକଙ୍କ ପାଇଁ, ଯେଉଁମାନେ କି ଆମ ସହ ସର୍ବଦା ରହିବେ' ବୋଲି ଆର୍‌ସିବି ସିଇଓ ରାଜେଶ ମେନନ୍ କହିଛନ୍ତି।

## ଭିଡ଼ ପରିଚାଳନା ଲାଗି ୭ କୋଟି ଖର୍ଚ୍ଚ ହୋଇଛି

ଗତବର୍ଷ ଘଟିଥିବା ଦଳାଚକଟା ପରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ଭିତର ଓ ବାହାରେ ଭିଡ଼ ପରିଚାଳନାରେ ସୁଧାର ଆଣିବା ପାଇଁ ଆର୍‌ସିବି ପକ୍ଷରୁ ପ୍ରାୟ ୭ କୋଟି ଟଙ୍କା ନିବେଶ କରାଯାଇଛି। ଏ ନେଇ ଫ୍ରାଞ୍ଚାଇଜ୍ ସିଇଓ ରାଜେଶ ମେନନ୍ କହିଛନ୍ତି। 'ଭିଡ଼ ପରିଚାଳନା ଭିତ୍ତିଭୂମି ନିର୍ମାଣ ଲାଗି ପ୍ରାୟ ୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଅନେକ ବ୍ୟାଗେଜ୍ ସ୍କାନର୍ସ ଲଗାଯିବା ସହ କମାଣ୍ଡ ସେଣ୍ଟର୍ସ ନିର୍ମାଣ କରାଯାଇଛି। ଷ୍ଟାଡିୟମ ଭିତରେ ଓ ଚାରିଆଡ଼େ ଏଆଇ ସୁବିଧା ଥିବା ସିସିଟିଭି ଲଗାଯାଇଛି। ଏହି ବ୍ୟବସ୍ଥା ପ୍ରକୃତ ସମୟରେ ଆଲର୍ଟ ଜାରି କରିବା ସହ ସିସିଟିଭି ଫୁଟେଜ୍‌କୁ କମିଶନରଙ୍କ କାର୍ଯ୍ୟାଳୟରୁ ମଧ୍ୟ ତଦାରଖ କରାଯାଇପାରିବ। ଏ ସବୁକୁ ସମ୍ଭବ କରିବା ପାଇଁ ମୁଁ ସରକାରଙ୍କୁ ଧନ୍ୟବାଦ ଦେଉଛି। କୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ଏସ୍‌ଓପି ପାଳନ କରି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଷ୍ଟାଡିୟମର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ନିର୍ମାଣ କରାଯାଇଛି। ଟିକେଟ୍‌ଧାରୀ ପ୍ରଶଂସକମାନେ ମ୍ୟାଚ୍ ଦିନ ମେଟ୍ରୋ ବ୍ୟବହାର କରିପାରିବେ। ପାର୍କିଂ ଲାଗି ପୂର୍ବରୁ ବୁକିଂ କରିହେବ ଏବଂ ଷ୍ଟାଡିୟମର ଗେଟ୍ ମ୍ୟାଚ୍‌ର ୪ ଘଣ୍ଟା ପୂର୍ବରୁ ଖୋଲାଯିବ' ବୋଲି ଆର୍‌ସିବି ସିଇଓ କହିଛନ୍ତି।

# ଦୟାଲ ଆର୍‌ସିବିରେ ଯୋଗଦେବେନି

**ବେଙ୍ଗାଲୁରୁ,୨୪।୩(ପି.ଟି.)**

ବିବାଦୀୟ ପେସର ୟଶ୍ ଦୟାଲ ଆଗାମୀ ଆଇପିଏଲ୍ ଲାଗି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଦଳରେ ଯୋଗଦେବେନାହିଁ। କିନ୍ତୁ ସେ ଦଳ ସହ ଚୁକ୍ତିବଦ୍ଧ ହୋଇ ରହିବେ ବୋଲି ଫ୍ରାଞ୍ଚାଇଜ୍‌ର ଡାଇରେକ୍ଟର ଅଫ୍ କ୍ରିକେଟ ମୋ ବୋବାଟ ମଙ୍ଗଳବାର କହିଛନ୍ତି। ୨୮ ବର୍ଷୀୟ ଦୟାଲଙ୍କ ନାମରେ ଦୁଇଟି ଯୌନ ନିର୍ଯାତନା ମାମଲା ରହିଛି। ସେ ଗତବର୍ଷ ଆଇପିଏଲ୍ ଫାଇନାଲ ପରଠାରୁ କୌଣସି ପ୍ରକାର ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳିନାହାନ୍ତି। "ୟଶ୍ ଦଳରେ ଯୋଗଦେବେ ନାହିଁ। କାରଣ ସେ ବ୍ୟକ୍ତିଗତ ସମସ୍ୟାରେ ଅଛନ୍ତି। ତାଙ୍କୁ ଦଳରୁ ରିଲିଜ୍ ନ କରି ଆମେ ତାଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରିଛୁ। ଆମେ ତାଙ୍କୁ ଦଳରେ ରଖିବାକୁ ଚାହୁଁ ଏବଂ ସେ ଦଳ ସହ ଚୁକ୍ତିବଦ୍ଧ ରହିବେ। ଆମେ ତାଙ୍କ ସହ ଯୋଗାଯୋଗରେ ରହିଛୁ" ବୋଲି ବୋବାଟ କହିଛନ୍ତି।

# ଓଜିପିର ବୃହତ୍ ବିଜୟ



ମୁକେଶ କୁମାରଙ୍କୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ପୁରସ୍କୃତ କରୁଛନ୍ତି।

**ଓସିଏ କ୍ଲବ ଲିଗ୍**

**କଟକ,୨୪।୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ କ୍ଲବ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଓଜିପି କ୍ଲବ ବୃହତ୍ ବ୍ୟବଧାନ ୨୮୮ରନରେ ଟାଉନ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଜିପି ୪ ଉଇକେଟ ବିନିମୟରେ ୪୩୦ରନ ସଂଗ୍ରହ କରିଥିଲା। ଦଳର ଦୁଇ ବ୍ୟାଟର ଶତକୀୟ ଇନିଂସ ଖେଳିଥିଲେ। ସର୍ବେଶ ଡି. ପାଟିଲ ୧୭୬, ପନକଲ ଶଶାଙ୍କ ୧୧୬ରନ କରିଥିବା ବେଳେ ଶ୍ରେୟାଂଶ ଭରଦ୍ୱାଜ ଦ୍ରୁତ ୭୩ରନ ସଂଗ୍ରହ କରିଥିଲେ। ଜବାବରେ ଟାଉନ କ୍ଲବ ୧୪୨ରନରେ ଅଲଆଉଟ ହୋଇଥିଲା। ଓଜିପିର ରାକେଶ ଦାସ ୨୨ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ସର୍ବେଶ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ବାରବାଟୀ ଷ୍ଟାଡିୟମରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୪ ଉଇକେଟରେ ବାରବାଟୀ କଲଚରାଲ ୟୁନିୟନକୁ ହରାଇଥିଲା। କଲଚରାଲ ୟୁନିୟନ ଜସମିତ ନୈନଙ୍କ ୧୧୪ରନ ସହାୟତାରେ ୮ ଉଇକେଟ ହରାଇ ୨୫୪ରନ କରିଥିଲା। ରାଇଜିଂ ଷ୍ଟୁଡେଣ୍ଟ୍ସ ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା ଓ କ୍ରୀଷ୍ଣା ପଲାଇ ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ତେବେ ଆଦିତ୍ୟ ରାଉତଙ୍କ ୩୮ବଲରୁ ୧୧୮ରନର ଅପରାଜିତ ବିସ୍ଫୋରକ ଇନିଂସ ବଳରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୩୦ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଆଦିତ୍ୟ ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୧୦ ଉଇକେଟରେ ରୟାଲ କ୍ଲବକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ରୟାଲ କ୍ଲବ ୧୧୬ରନରେ ଅଲଆଉଟ ହୋଇଥିଲା। ତରଣୀ ସ' ୭ଟି ଉଇକେଟ ଅକ୍ତିଆର କରିଥିଲେ। ସ୍ୱସ୍ତିକ ସାମଲଙ୍କ ଅପରାଜିତ ୮୪ରନ ବଳରେ ଜୁଭେନାଇଲ ସହଜ ବିଜୟ ହାସଲ କରିଥିଲା। ତରଣୀ ପ୍ଲେୟାର ଅଫ ଦି ମ୍ୟାଚ୍ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ ମଙ୍ଗଳା କ୍ଲବ ୧୮୬ରନରେ ଜୟଦୁର୍ଗା କ୍ଲବକୁ ହରାଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଅତିଥିଭାବେ ଯୋଗଦେଇ ମୁକେଶ କୁମାରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅଲ୍‌ରାଉଣ୍ଡର ମୁକେଶ ୩୦ ରନ କରିବା ସହ ୪ ଉଇକେଟ ଅକ୍ତିଆର କରିଥିଲେ।

## ଜାଣିରଖନ୍ତୁ

ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଲିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।



## ଫଳଚାରା ଲଗାଇବା ସମୟରେ...

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି. x୧ ମି. , କଦଳୀ – ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. । ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବ ଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହ ଜଳସେଚନ କରନ୍ତୁ। ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ । ବାତ୍ୟାରେ ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।



# ଚାରଣଭୂମିର ଉନ୍ନୟନ ଓ ପରିଚାଳନା



କେଶବ କୁମାର ମହାପାତ୍ର

ଆମ ଦେଶର ଜନସଂଖ୍ୟା ଓ ତୃଣଭୋଜୀ ଗୃହପାଳିତ ପଶୁ ସଂଖ୍ୟାର ଅନୁପାତ୨:୧। ଜନସଂଖ୍ୟା ବୃଦ୍ଧି ହେତୁ ବିଭିନ୍ନ କାର୍ଯ୍ୟ ପାଇଁ ଚାରଣଭୂମି ବ୍ୟବହୃତ ହୋଇଯିବାରୁ ତାହା କ୍ରମଶଃ ସଙ୍କୁଚିତ ହୋଇଯାଉଛି। ଯାହା କିଛି ଚାରଣଭୂମି ବାକି ଅଛି, ତାହାର ଉତ୍ପାଦିକା ଶକ୍ତି ମଧ୍ୟ କମିଯାଇ ଆଶାନୁରୂପ ଘାସ ସେଥିରୁ ଉତ୍ପାଦନ ହୋଇପାରୁ ନାହିଁ। ଗୋଟିଏ ବୟସ୍କ ଗାଈ କିମ୍ବା ବଳଦ ପାଇ ବର୍ଷକୁ ଯେତିକି ଘାସର ଆବଶ୍ୟକତା ହୋଇଥାଏ, ତାହା ଗୋଟିଏ ହେକ୍ଟର ଚାରଣଭୂମିରୁ ମିଳିଥାଏ। ବର୍ତ୍ତମାନ ଯାହା ଦେଖାଯାଉଛି, ଗୋଟିଏ ହେକ୍ଟର ଚାରଣଭୂମି ଉପରେ ପ୍ରାୟ ୪ରୁ୫ଟି ଗୋରୁ ନିର୍ଭର କରୁଛନ୍ତି। ଏବେ ଅବଶ୍ୟ ଘାସଚାଷ ହେଉଛି, ମାତ୍ର ତାହା କେବଳ ସଙ୍କର ଓ ଅଧିକ ଉତ୍ପାଦନକ୍ଷମ ଗାଈଙ୍କ ପାଇଁ ନିଅଣ୍ଟ। ତେଣୁ ଅଧିକାଂଶ ପଶୁପାଳକଙ୍କ ଏକମାତ୍ର ସମ୍ବଳ ଚାରଣଭୂମି। ବର୍ତ୍ତମାନ ପରିସ୍ଥିତିରେ ଏହି ଚାରଣଭୂମିର ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଉନ୍ନୟନ କରିବାକୁ ସମୟ ଆସିଯାଇଛି । କେବଳ ଚାରଣଭୂମିର ଉତ୍ପାଦିକା ଶକ୍ତି ବଢ଼େଇବା ନୁହେଁ, ଏହାର ଠିକ୍ ପରିଚାଳନା କଲେ ଏହି ସମସ୍ୟାର କିଛିଟା ସମାଧାନ କରିହେବ। ଚାରଣଭୂମିର ଉତ୍ପାଦିକା ଶକ୍ତି କମିବାର ବିଭିନ୍ନ କାରଣ ରହିଛି। ଅନିୟନ୍ତ୍ରିତ ଭାବରେ ଚାରଣ କରିବା ଦ୍ୱାରା ସାଧାରଣତଃ ଘାସ ବଢ଼ି ମଞ୍ଜି ପଡ଼ିବାର ସୁଯୋଗ ମିଳେନାହିଁ। ତେଣୁ ଚାରଣଭୂମିରେ ଉତ୍ପାଦିକା ଶକ୍ତି କମି କମି ଆସେ। ଅଖାଦ୍ୟ ଏବଂ ଅନାବନା ଗଛର ସଂଖ୍ୟା କ୍ରମେ ବୃଦ୍ଧି ପାଏ। ଜାଳେଣି ପାଇଁ ଗୋବର ଗୋଟେଇନେବା ଦ୍ୱାରା ପଡ଼ିଆରେ ଖତ ଟିକେ ପଡ଼ି ରହେ ନାହିଁ। ଏହାଦ୍ୱାରା ଗୋଚର ଜମିର ଉର୍ବରତା ହ୍ରାସ ପାଇଥାଏ।

ବିଭିନ୍ନ ଉପାୟରେ ଗୋଚର ଜମିର ମଧ୍ୟ ଉନ୍ନୟନ କରାଯାଇପାରେ। -ନିୟନ୍ତ୍ରିତ ଭାବରେ ଚାରଣ କରିବା ନିହାତି ଜରୁରୀ। ମାସରେ ୧୦ ଦିନ ଗୋରୁ ଚରିଲେ ଅବଶିଷ୍ଟ ୨୦ଦିନ ପଡ଼ିଆକୁ ବିଶ୍ରାମ ଦେବା ଦ୍ୱାରା ଘାସ ବଢ଼ିବାକୁ ସମୟ ପାଇଥାଏ।

➤ଅନାବନା ଓ ଅଖାଦ୍ୟ ଗଛକୁ ପଡ଼ିଆରୁ ସଫାକରିଦେବା ଆବଶ୍ୟକ।

➤ଗୋବର ଗୋଟାଇବା ବନ୍ଦକରିବା ଦ୍ୱାରା ପଡ଼ିଆକୁ କିଛି ଜୈବିକ ସାର ମିଳିଥାଏ ଓ ଉର୍ବରତା ବଢ଼ିଥାଏ।

-ଚାରଣଭୂମି ଉପଯୋଗୀ ଉନ୍ନତ ଘାସ ଯଥା ଦିନନାଥ, ଗିନି, ଅଞ୍ଜନ, ରୋଡସ, ଷ୍ଟାଇଲୋ, ସିରାଟ୍ରୋ, ସେଣ୍ଟ୍ରୋସିମା ଇତ୍ୟାଦି ଲଗାଇବା ଦ୍ୱାରା ଚାରଣଭୂମିର ଘାସ ଉତ୍ପାଦନ ବୃଦ୍ଧି ସହ ଉତ୍ତମ ଖାଦ୍ୟସାରଯୁକ୍ତ ଘାସ ଅମଳ ମିଳିଥାଏ।

➤ପ୍ରୋଟିନ୍ ସମୃଦ୍ଧ ଡାଲିଜାତୀୟ ଘାସ ଚାରଣଭୂମିରେ ରହିଲେ ବାୟୁମଣ୍ଡଳରୁ ନାଇଟ୍ରୋଜେନ୍ ସଂଗ୍ରହକରି ପଡ଼ିଆର ଉର୍ବରତା ଓ ଉତ୍ପାଦିକା ଶକ୍ତି ବୃଦ୍ଧି କରିଥାଏ। ଚାରଣଭୂମି ଉପଯୋଗୀ ବୃକ୍ଷ ଯଥା ସୁବାବୁଲ, ଅଗସ୍ତି, ଚାକୁଣ୍ଡା, ଡିମିରି, କଞ୍ଚନ ଇତ୍ୟାଦି ଧାଡ଼ିଧାଡ଼ି ଲଗାଇବା ଦ୍ୱାରା ଚାରଣଭୂମିର ଉତ୍ପାଦନ ମଧ୍ୟ ବଢ଼ାଯାଇପାରିବ। ଚାରଣଭୂମିର ଉତ୍ପାଦିକା ଶକ୍ତି ବଢ଼ାଇବାର ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀ ମଧ୍ୟରେ ସିଲ୍‌ଭିପାଷ୍ଟର, ହର୍ଟିପାଷ୍ଟର ଓ ଏଗ୍ରୋସିଲ୍‌ଭିପାଷ୍ଟର ଇତ୍ୟାଦି ପ୍ରଣାଳୀ ରହିଛି।

> "ପ୍ରୋଟିନ୍ ସମୃଦ୍ଧ ଡାଲିଜାତୀୟ ଘାସ ଚାରଣଭୂମିରେ ରହିଲେ ବାୟୁମଣ୍ଡଳରୁ ନାଇଟ୍ରୋଜେନ୍ ସଂଗ୍ରହକରି ପଡ଼ିଆର ଉର୍ବରତା ଓ ଉତ୍ପାଦିକା ଶକ୍ତି ବୃଦ୍ଧି କରିଥାଏ। ଚାରଣଭୂମି ଉପଯୋଗୀ ବୃକ୍ଷ ଯଥା ସୁବାବୁଲ, ଅଗସ୍ତୀ, ଚାକୁଣ୍ଡା, ଡିମିରି, କଞ୍ଚନ ଇତ୍ୟାଦି ଧାଡ଼ିଧାଡ଼ି ଲଗାଇବା ଦ୍ୱାରା ଚାରଣଭୂମିର ଉତ୍ପାଦନ ମଧ୍ୟ ବଢ଼ାଯାଇପାରିବ। ଚାରଣଭୂମିର ଉତ୍ପାଦିକା ଶକ୍ତି ବଢ଼ାଇବାର ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀ ମଧ୍ୟରେ ସିଲ୍‌ଭିପାଷ୍ଟର, ହର୍ଟିପାଷ୍ଟର ଓ ଏଗ୍ରୋସିଲ୍‌ଭିପାଷ୍ଟର ଇତ୍ୟାଦି ପ୍ରଣାଳୀ ରହିଛି।"



### ସିଲଭିପାଷ୍ଟର

ଚାରଣଭୂମି ଉପଯୋଗୀ ଘାସ ସହ ଗୋଖାଦ୍ୟ ଉପଯୋଗୀ ବିଭିନ୍ନ ଗଛକୁ ମିଶ୍ରିତ ହେବାକୁ ସିଲ୍‌ଭିପାଷ୍ଟର କୁହାଯାଏ। ସେଥିପାଇଁ ପ୍ରଥମେ ଚାରଣଭୂମିର ଚାରିପଟେ ବାଡ଼ଦେଇ ଘେରିବାକୁ ପଡ଼େ। ଏକର ପ୍ରତି ୪୦୦ ହିସାବରେ ଚାରା ପ୍ରସ୍ତୁତକରି ଧାଡ଼ି ଧାଡ଼ି ଓ ଗଛ ୧୦/୧୦ ଫୁଟ ବ୍ୟବଧାନରେ ରୋପଣ କରାଯାଏ। ସେହି ବୃକ୍ଷଗୁଡ଼ିକ ଗୋଖାଦ୍ୟ ଉପଯୋଗୀ ବୃକ୍ଷ ଯଥା ସୁବାବୁଲ, ଅଗସ୍ତୀ, ଚାକୁଣ୍ଡା, ଡିମିରି, କଞ୍ଚନ, ସିରିଶ, ଶିଶୁ ଇତ୍ୟାଦି ହେବା ଦରକାର। ଖାଲି ପଡ଼ିଥିବା ଧାଡ଼ି ମଧ୍ୟରେ ଚାରଣ ଉପଯୋଗୀ ଘାସ ଯଥା ଗିନି, ଦିନନାଥ, ଅଞ୍ଜନ,ରୋଡ୍ସ ଓ ଡାଲିଜାତୀୟ ଷ୍ଟାଇଲୋ ମଞ୍ଜି ବୁଣାଯାଇପାରିବ। ଗଛ ବଡ଼ ହେଲେ ତାହାର ଡାଳ ଓ ପତ୍ର କାଟି ନେଇ ନିୟମିତ ଭାବରେ ଘାସ ସହ ଗୋଖାଦ୍ୟ ଭାବରେ ବ୍ୟବହାର ହୋଇପରିବ।

### ହର୍ଟିପାଷ୍ଟର

ଆମ ରାଜ୍ୟରେ ଅନେକ ସ୍ଥାନରେ ନଡ଼ିଆ, ଆମ୍ବ, ପଣସ, ଲିଚୁ, କାଜୁ, କଦଳୀ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି କରାଯାଉଛି। ସେସବୁ ଗଛ ମଧ୍ୟରେ ଅନେକ ଫାଙ୍କା ଜମିଥାଏ। ସେଥିରେ ଅନାବନା ଓ ଅଖାଦ୍ୟ ଉଦ୍ଭିଦ ଉଠିଯାଏ। ଅନେକ ସମୟରେ ଅନେକ ବିଷଧର ପ୍ରାଣୀ ମଧ୍ୟ ସେଠାରେ ଆଶ୍ରୟ ନେଇଥାନ୍ତି। ଗଛର ଛାୟା ଭିତରେ ପ୍ରତିକୂଳ ପରିସ୍ଥିତି ସହିପାରିବା ଘାସ ଲଗାଯାଇପାରିବ। ସେଥିପାଇଁ ଘାସ ଯଥା ପାରା, ଗିନି, ହ୍ୟୁମିଡିକୋଲା, ରୋଡ୍ସ, ଓସି ରାଟ୍ରୋ ଉପଯୋଗୀ ପ୍ରଜାତି ଅଛି ।

### ଏଗ୍ରୋସିଲ୍‌ଭିପାଷ୍ଟର

ଚାରଣଭୂମିରେ ଘାସ ସହ ଗୋଖାଦ୍ୟ ବୃକ୍ଷ ଏବଂ ଖାଦ୍ୟ ପାଇଁ ହେଉଥିବା ବିଭିନ୍ନ ପ୍ରକାର ଫସଲର ସମ୍ମିଶ୍ରଣକୁ ଏଗ୍ରୋସିଲ୍‌ଭିପାଷ୍ଟର କୁହାଯାଏ।

କେବଳ ଗୋଖାଦ୍ୟ ପାଇଁ ଯେ ଗୋଚର ଉନ୍ନୟନ କରାଯିବ ତାହା ନୁହେଁ, ପଡ଼ିଆରେ ସବୁବେଳେ ଘାସ ରହୁଥିବାରୁ ସେଠାକାର ଜଳସ୍ତର ବଢ଼ିବ, ମୃତ୍ତିକାକ୍ଷୟ ବନ୍ଦ ହେବ,ବୃକ୍ଷରୋପଣ ଦ୍ୱାରା ଜଙ୍ଗଲ ସୃଷ୍ଟି ହୋଇପାରିବ। ତେଣୁ ଏହାଦ୍ୱାରା ପାଞ୍ଚଟି 'ଜ' ଅର୍ଥାତ୍ ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନତାର ସୁରକ୍ଷା ହୋଇପରିବ।

-ମଧୁବାବୁ କମ୍ପ୍ଲେକ୍ସ, ଖନ୍ତାପଡ଼ା,
ବାଲେଶ୍ୱର, ମୋ :୯୪୩୭୧୧୭୪୦୬

## ନଳିତାର ଉନ୍ନତ କିସମ



ନଳିତା ମାର୍ଚ୍ଚ ଶେଷରୁ ଆରମ୍ଭକରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେଆର୍‌ଓ-୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାରକରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷକରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବରଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ୍ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ,୮କି.ଗ୍ରା. ଫସ୍‌ଫରସ ଓ ୮କି.ଗ୍ରା. ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।

## ଆଖୁରେ ପିଲ ବାହାରୁଥିଲେ...

ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩ କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ର ଦ୍ୱାରା ନାଳୀଗୁଡ଼ିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷାକରିବା ସକାଶେ ଶତକଡ଼ା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ।

# ଅଣଧାନ ଫସଲ ଚାଷ



ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣି ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା- ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

## ବିହନ ବୁଣିବା ପୂର୍ବରୁ..



ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୃଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷକରନ୍ତୁ। ଖାଲଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତ ମାନର ବିହନ ବ୍ୟବହାରକରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।

## ହଳଦୀ ଚାଷ କରୁଥିଲେ...

ରୋମା, ସୁରମା, ରଙ୍ଗ, ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦ କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ୧ ମିଟର ଓସାର, ୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ୍,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

# ପ୍ରାଣୀଙ୍କୁ ଫାଟୁଆ ରୋଗ ଓ ପ୍ରତିକାର

(ଶେଷ ଭାଗ)



**ରୋଗ କିପରି ସୃଷ୍ଟି ହୁଏ :** ଭୂତାଣୁମାନେ ପ୍ରାଣୀଙ୍କ ଶରୀରରେ ବିଭିନ୍ନ ବାଟ ମାଧ୍ୟମ ଦେଇ ପ୍ରବେଶ କଲାପରେ ଲସିକା ଗ୍ରନ୍ଥିରେ ବଂଶବୃଦ୍ଧି କରନ୍ତି। ତା'ପରେ ଭୂତାଣୁ ଲସିକା ଗ୍ରନ୍ଥିରୁ ଲସିକା ନଳୀ ଦେଇ ରକ୍ତରେ ମିଶି 'ଭାଇରେସିଆ' ଅବସ୍ଥା ସୃଷ୍ଟି କରେ । ଫଳରେ ଶରୀରର ଉତ୍ତାପ ବୃଦ୍ଧି ପାଏ । ରକ୍ତରୁ ଏହି ଭୂତାଣୁ ଶରୀରର ବିଭିନ୍ନ ଜୀବକୋଷରେ ପହଞ୍ଚି ବଂଶବୃଦ୍ଧି କରିବା ସଙ୍ଗେ ସଙ୍ଗେ ପାଟି ଭିତର, ପହ୍ନା ବା ଚିରର ଉପରିଭାଗ କିମ୍ବା ଖୁରାର ଲୋମବିହୀନ ମଝି ଅଂଶରେ ଲାଲ କ୍ଷୁଦ୍ର ଫୋଟକା ଧୀରେ ଧୀରେ ବଡ଼ ହୋଇ ୨/୩ ଦିନ ମଧ୍ୟରେ ଫାଟିଯାଇ ପାଣି ବାହାରେ ଏବଂ ପରେ ଘା' ସୃଷ୍ଟି ହୁଏ । ପାଟିରେ ଘା' ବା କ୍ଷତ ସୃଷ୍ଟିହେବା ପୂର୍ବରୁ ଲାଳଗ୍ରନ୍ଥିରେ ଭୂତାଣୁର ବଂଶ ବୃଦ୍ଧି ଘଟିଥାଏ । ଜିଭର ସଂକ୍ରମିତ ଉପର ସ୍ତର, ପାଟିର ଫୋଟକାରେ ଥିବା ପାଣି, ଲାଳ କିମ୍ବା ଖୁରାର ବକଳାରେ ପ୍ରତି ୧ ମିଲିମିଟରରେ ଲକ୍ଷାଧିକ ଭୂତାଣୁ ଦେଖିବାକୁ ମିଳେ । (ଟିସିଆଇଡି – ୫୦ = ୧୦୯/ମି.ଲି.)

**ଲକ୍ଷଣ :** ରୋଗର ସଂକ୍ରମଣ ସମୟ ହେଉଛି ୨-୫ଦିନ । ରୋଗର ଦକ୍ଷତା ନେଇ ବେଳେବେଳେ ଏହି ସମୟ ୨/୩ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ଏହି ରୋଗ ଆରମ୍ଭ ହେବାର ପ୍ରଥମ ଲକ୍ଷଣ ହେଉଛି ଶାରୀରିକ ଉତ୍ତାପ ବୃଦ୍ଧି ହେବା। ଏହି ରୋଗ ଆରମ୍ଭ ହେଲେ ପ୍ରାଣୀଙ୍କ ଶରୀରର ତାପମାତ୍ରା ୧୦୪-୧୦୬ ଡିଗ୍ରୀ ଫାରେନ୍‌ହିଟ୍‌କୁ ବୃଦ୍ଧି ପାଇଥାଏ । ଗୋରୁମାନେ ଦୁର୍ବଳ ଦେଖାଯାଆନ୍ତି । ମୁହଁର ଥୋମଣି ଶୁଖିଲା ଦେଖାଯାଏ। ଖାଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ହଠାତ୍ ଗାଈଙ୍କର କ୍ଷୀର ଦେବା ବନ୍ଦ ହୋଇଯାଏ। ଖୁରା, ପାଟି, ପହ୍ନା ବା ଚିରରେ ବିଭିନ୍ନ ଆକୃତିର ଫୋଟକା ବାହାରିଥାଏ । ପାଟିର ବିଭିନ୍ନ ଅଂଶ ଯଥା – ଜିଭର ଉପରିଭାଗ, ଗାଲର ଭିତର ପଟ, ମାଢ଼ି ଓ ଓଠର ଭିତର ଅଂଶ ଏବଂ ଖୁରାର ମଝି ଅଂଶ ବିଶେଷଭାବେ ସଂକ୍ରମିତ ହୋଇ ଘା' ସୃଷ୍ଟି ହୁଏ । ୨ ବା ୩ ଦିନ ମଧ୍ୟରେ ଫୋଟକାଗୁଡ଼ିକ ଫାଟିଯାଇ ଘା'ରେ ପରିଣତ ହୁଏ । ପାଟିରୁ ଅତିମାତ୍ରାରେ ଲାଳ ବୋହିବା ଦେଖାଯାଏ । ଖୁରା ଫୁଲିଯାଇ ଗରମ ଲାଗେ ଓ ଯନ୍ତ୍ରଣାଦାୟକ ହୁଏ । ଗାଈଗୋରୁ ଛୋଟାନ୍ତି । ରୋଗର ଉତ୍କଟ ଅବସ୍ଥାରେ ୪ଦିନ ଏବଂ ମଧ୍ୟମ ଅବସ୍ଥାରେ ୭-୧୦ ଦିନ ପର୍ଯ୍ୟନ୍ତ ଲକ୍ଷଣ ପ୍ରକାଶ ପାଇଥାଏ । କିନ୍ତୁ ଉପଯୁକ୍ତ ଯତ୍ନର ଅଭାବ ଏବଂ ରୋଗର ଶିଥିଳ ଅବସ୍ଥାରେ ଫାଟୁଆ ରୋଗରୁ ଆରୋଗ୍ୟ ଲାଭକରିବା ପାଇଁ ମାସ ମାସ ଧରି ସମୟ ଲାଗେ ଓ ଘା'ରେ ପୋକ ସୃଷ୍ଟିହୁଏ।। ଗୋଡ଼ରେ ଘା' ଶୁଖିବାକୁ ବହୁଦିନ ଲାଗିଲେ, ତାହା କ୍ୟାନ୍‌ସର ଆଡ଼କୁ ଗତିକରେ । ଏହି ରୋଗରୁ ଭଲ ହେବା ପରେ ବଳଦମାନଙ୍କ କାର୍ଯ୍ୟଦକ୍ଷତା ହ୍ରାସ ପାଏ ଏବଂ ଗାଈମାନଙ୍କର ଦୁଗ୍ଧ ଦେବା କ୍ଷମତା କ୍ରମାଗତ ଭାବରେ କମିଯାଏ । ପ୍ରାଣୀମାନେ ରୁଗ୍‌ଣ, ଦୁର୍ବଳ ପରି ଦିଶନ୍ତି । ଗୋରୁଙ୍କ ପୂର୍ବାବସ୍ଥା ଫେରିପାଇବାକୁ ହେଲେ ଅତିକମ୍‌ରେ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗେ ।

-ଡା. ବୀରକିଶୋର ପରିଡ଼ା
ମୋ : ୯୪୩୭୬୦୭୩୧୨

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୫/୨୦୨୬ | Bhubaneswar, Wednesday, March 25/ 2026






# ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଉଦ୍‌ଘାଟିତ

**ଭାରତୀୟ କ୍ରୀଡ଼ାରେ ନୂଆ ଅଧ୍ୟାୟ**



ପ୍ରତିଯୋଗିତା ଉଦ୍‌ଘାଟନୀ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)

ଭାରତ ଏବଂ ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଫଏଆଇ) ସଭାପତି ବାହାଦୁର ସିଂ ସାଗୋ, ୱାର୍ଲ୍ଡ ଆଥଲେଟିକ୍ସ ଉପସଭାପତି ଆଡିଲ ସୁମାରିୱାଲା, ରାଜ୍ୟ କ୍ରୀଡ଼ା ସଚିବ ଭୁପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାର ମୋଟ ୩୬ଟି ଇଭେଣ୍ଟରେରେ ୨୭୮ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୯୭ ମହିଳା ରହିଛନ୍ତି। ଓଡ଼ିଶାରୁ ମୋଟ ୩୩ ଆଥ୍‌ଲେଟ୍ ଭାଗ ନେଇଛନ୍ତି। ଏହା ମଧ୍ୟରେ ୧୩ ମହିଳା ଓ ୨୦ ପୁରୁଷ ଆଥ୍‌ଲେଟ୍ ସାମିଲ। ଦୁଇ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ। ଇନ୍‌ଡୋର ଆଥଲେଟିକ୍ସର ପ୍ରଥମ ଦିବସରେ ଓଡ଼ିଶା ପ୍ରତିଯୋଗୀଙ୍କୁ ଭଲ ସଫଳତା ମିଳିଛି। ୨୦ ବର୍ଷରୁ କମ୍ ପୁରୁଷ ଶଟ୍‌ପୁଟ୍‌ରେ ଓଁକାର ପ୍ରସାଦ ନନ୍ଦ ଓ ପୁରୁଷ ଲଙ୍ଗଜମ୍ପରେ ସରୁନ ପାୟାସିଂ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମହିଳା ୩୦୦୦ ମିଟର ରେସ୍‌ରେ ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇନ୍‌ଡୋର ଆଥଲେଟିକ୍ସର ମହିଳା ହର୍ଡଲ୍ସ ଅବସରରେ ପ୍ରତିଯୋଗୀମାନେ। (ଫଟୋ: ବିକାଶ ନାୟକ)



ଶଟ୍ ପୁଟ୍ ଥ୍ରୋ ଅବସରରେ ଓଡ଼ିଶାର ଓଁକାର ପ୍ରସାଦ ନନ୍ଦ।

## ପ୍ରଥମ ଦିବସର ଫଳାଫଳ

**ପୁରୁଷ ୩୦୦୦ ମିଟର ରେସ୍**
ସ୍ୱର୍ଣ୍ଣ: ଶିବାଜୀ ପର୍ଶୁରାମ (ରିଲାଏନ୍ସ), ରୌପ୍ୟ: ବିନୋଦ ସିଂ (ମଧ୍ୟ ପ୍ରଦେଶ), ବ୍ରୋଞ୍ଜ: ରାହୁଲ କୁମାର ବର୍ମା (ଛତିଶଗଡ଼)।

**୨୦ ବର୍ଷରୁ କମ୍ ପୁରୁଷ ଶଟ୍‌ପୁଟ**
ସ୍ୱର୍ଣ୍ଣ: ଓଁକାର ପ୍ରସାଦ ନନ୍ଦ (ଓଡ଼ିଶା), ରୌପ୍ୟ: ସାଇ କିରନ (ଏନସିଓଇ ପଟିଆଲା), ବ୍ରୋଞ୍ଜ: ହର୍ଷିତ ଗେହଲଟ (ଜେଏସ୍‌ଡବ୍ଲ୍ୟୁ)।

**ମହିଳା ୩୦୦୦ ମିଟର ରେସ୍**
ସ୍ୱର୍ଣ୍ଣ: ପ୍ରିୟଙ୍କା ସି.(କର୍ନାଟକ), ରୌପ୍ୟ: କାଜଲ ରଙ୍ଗନାଥ (ଗୁଜରାଟ), ବ୍ରୋଞ୍ଜ: ସୁସ୍ମିତା ଟିଗା (ଓଡ଼ିଶା)।

**୨୦ ବର୍ଷରୁ କମ୍ ମହିଳା ଶଟ୍‌ପୁଟ୍**
ସ୍ୱର୍ଣ୍ଣ: ଡୋନା ମାରିଆ ଡୋନି (କେରଳ), ରୌପ୍ୟ: କୁସ୍‌ବୁ (ହରିୟାଣା), ବ୍ରୋଞ୍ଜ (ଅକ୍ଷୟା ଜି.ଆର. (ତାମିଲନାଡୁ)।

**ମହିଳା ଶଟ୍‌ପୁଟ**
ସ୍ୱର୍ଣ୍ଣ: ରେଖା (ଏନସିଓଇ ପଟିଆଲା), ରୌପ୍ୟ: ମୟୂରୀ ଅରାଡେ (କର୍ନାଟକ)।

**ପୁରୁଷ ଶଟ୍‌ପୁଟ**
ସ୍ୱର୍ଣ୍ଣ: ରବି କୁମାର (ବିଏସଏଫ୍), ରୌପ୍ୟ: ଆଦିଶ ଘିଲଦିୟାଲ (ଉତ୍ତରାଖଣ୍ଡ), ବ୍ରୋଞ୍ଜ: ବାଲାଜୀ (ତାମିଲନାଡୁ)।

**ପୁରୁଷ ଲଙ୍ଗଜମ୍ପ**
ସ୍ୱର୍ଣ୍ଣ: ସରୁନ ପାୟାସିଂ (ଓଡ଼ିଶା), ରୌପ୍ୟ: ପ୍ରବୀନ ଚିତ୍ରାଭେଲ (ଜେଏସଡବ୍ଲ୍ୟୁ), ବ୍ରୋଞ୍ଜ: ଡେଭିଡ ପି. (ରେଲୱେ ସ୍ପୋର୍ଟ୍ସ)।

**ମହିଳା ପୋଲଭଲ୍ଟ**
ସ୍ୱର୍ଣ୍ଣ: ବରନିକା ଇଲାନଗୋଭାନ (ତାମିଲନାଡୁ), ରୌପ୍ୟ: ବ୍ଲେସି କୁଞ୍ଜୁମୋନ (କେରଳ), ବ୍ରୋଞ୍ଜ: ମାରିୟା ଜୈସନ (କେରଳ)।

**ମହିଳା ଲଙ୍ଗଜମ୍ପ**
ସ୍ୱର୍ଣ୍ଣ: ଅନାମିକା କେ.ଏ. (ଜେଏସଡବ୍ଲ୍ୟୁ), ରୌପ୍ୟ: ମନୀଷା ମେରେଲ (ଓଡ଼ିଶା), ବ୍ରୋଞ୍ଜ: ଶେରିନ ଏ. (ଜେଏସଡବ୍ଲ୍ୟୁ)।

## କାଲ୍ ସୋମାନି ରାଜସ୍ଥାନ ରୟାଲ୍ସର ନୂଆ ମାଲିକ

**ନୂଆଦିଲ୍ଲୀ,୨୪।୩(ପି.ଟି.):** ଆଇପିଏଲ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସକୁ କାଲ୍ ସୋମାନିଙ୍କ ନେତୃତ୍ୱାଧୀନ କନ୍‌ସୋର୍ଟିୟମ ୧.୬୩ ବିଲିଅନ ଆମେରିକୀୟ ଡଲାର ବା ୧୫,୨୯୦ କୋଟି ଟଙ୍କାରେ ଅଧିଗ୍ରହଣ କରିବାକୁ ଯାଉଛି। ସୋମାନିଙ୍କ ନେତୃତ୍ୱାଧୀନ କନ୍‌ସୋର୍ଟିୟମରେ ୱାଲମାର୍ଟ ଫାମିଲି ଓ ହାମ୍ପ ଫାମିଲି (ଫର୍ଡ)ର ରବ୍ ୱାଲଟନ ରହିଛନ୍ତି। ସୋମାନି ଆମେରିକାର ଆରିଜୋନାଭିତ୍ତିକ ଜଣେ ଟେକ୍ ଉଦ୍ୟୋଗୀ, ଯିଏକି ଇଣ୍ଟ୍ରାଏକ୍ସ, ଟ୍ରୁୟୋ.ଏଆଇ ଓ ଆକାଡେମିଆନ୍‌ର ପ୍ରତିଷ୍ଠାତା। ରାଜସ୍ଥାନ ଫ୍ରାଞ୍ଚାଇଜ୍‌ର ଅଧିଗ୍ରହଣ ଲାଗି ଟାଇମ୍ସ ଇଣ୍ଟରନେଟ ନେତୃତ୍ୱାଧୀନ କନ୍‌ସୋର୍ଟିୟମ, ଆଦିତ୍ୟ ବିର୍ଲା ଗ୍ରୁପ୍ ଓ ଆର୍ସେଲର ମିତ୍ତଲ ସିଇଓ ଆଦିତ୍ୟ ମିତ୍ତଲ ରହିଥିଲେ। ବର୍ତ୍ତମାନ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ୍‌ର ବିକ୍ରି ଲାଗି ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ କେବଳ ବିସିସିଆଇର ଅନୁମୋଦନ ବାକି ରହିଛି। ତେବେ ଆଗାମୀ ଆଇପିଏଲ୍ ପରେ ମାଲିକାନା ସ୍ଥାନାନ୍ତର ହେବ। କାଲ୍ ପୂର୍ବରୁ ରାଜସ୍ଥାନ ଫ୍ରାଞ୍ଚାଇଜ୍‌ର ନିବେଶକ ଥିଲେ। ସେ ଚଳିତ ବର୍ଷର ଆଇପିଏଲ ଶେଷ ହେବା ପରେ ୟୁକେଭିତ୍ତିକ ଇମର୍ଜିଂ ମିଡିଆ ମନୋଜ ବାଦଲେଙ୍କଠାରୁ ଦାୟିତ୍ୱଭାର ସମ୍ଭାଳିବେ।

## ଡକେଟ ଓହରିଲେ

**ନୂଆଦିଲ୍ଲୀ,୨୪।୩:** ଇଂଲଣ୍ଡର ଓପନିଂ ବ୍ୟାଟର ବେନ ଡକେଟ ଆଗାମୀ ଆଇପିଏଲ୍‌ରୁ ଓହରି ଯାଇଛନ୍ତି। ନିଜ ଇଂଲଣ୍ଡ କ୍ୟାରିୟରରେ ଉପରେ ଧ୍ୟାନ ଦେବା ପାଇଁ ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ତାଙ୍କୁ ୨ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ କିଣିଥିଲା। ଏହି ଦଳରେ ଓପନିଂ ପୋଜିଶନ ଲାଗି ଶ୍ରୀଲଙ୍କାର ପଥୁମ ନିଶଙ୍କାଙ୍କ ଭଳି ବିକଳ୍ପ ରହିଛନ୍ତି। ଓହରିବା ନିଷ୍ପତ୍ତି ଯୋଗୁ ଡକେଟଙ୍କ ନାମକୁ ଆଗାମୀ ଦୁଇ ଖେଳାଳିଙ୍କ ଅକ୍ସନରେ ସାମିଲ କରାଯିବ ନାହିଁ।

## ସ୍ପେନସରଙ୍କ ସହ ସିଏସ୍‌କେର ଚୁକ୍ତି

ଚେନ୍ନାଇ ସୁପର କିଙ୍ଗ୍ସ ଅଷ୍ଟ୍ରେଲିଆର ବାମହାତୀ ପେସର ସ୍ପେନସର ଜନସନଙ୍କ ସହ ଚୁକ୍ତି କରିଛି। ତାଙ୍କୁ ଆହତ ସମସ୍ୟା ଯୋଗୁ ଆଇପିଏଲ୍‌ରୁ ବାଦ୍ ପଡ଼ିଥିବା ନାଥନ ଏଲିସଙ୍କ ବଦଳ ଖେଳାଳି ଭାବେ ସାମିଲ କରାଯାଇଛି। ସ୍ପେନସର ପୂର୍ବରୁ ଗୁଜରାଟ ଟାଇଟନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ଲାଗି ଖେଳିସାରିଛନ୍ତି।

## ମହିଳା ପୋଲଭଲ୍ଟରେ ଜାତୀୟ ରେକର୍ଡ



ଜାତୀୟ ରେକର୍ଡ ହାସଲ ପରେ ତାମିଲନାଡୁର ବରନିକା ଇଲାନଗୋଆନ।

ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ପୋଲଭଲ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ତାମିଲନାଡୁର ବରନିକା ଇଲାନଗୋଆନ। ସେ ୪.୨୨ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ବରନିକାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ। ସେ ୪.୨୫ ମିଟର କ୍ଲିୟର କରିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନ ଥିଲେ। ତେବେ ତାଙ୍କର ଏହି ପ୍ରଦର୍ଶନ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। କେରଳର ବ୍ଲେସି କୁଞ୍ଜୁମୋନ (୩.୯୫) ରୌପ୍ୟ ସ ମାରିୟା ଜୈସନ (୩.୮୦) ବ୍ରୋଞ୍ଜ ପଦକ ଜିତିଥିଲେ।

## ଆର୍ଯ୍ୟନଙ୍କ ଶତକ: ସହିଦ ସ୍ପୋର୍ଟିଂ ବିଜୟୀ

**ଏଲଏଲସିସି କ୍ରିକେଟ**

ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)

ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ୫ମ ଏଲଏଲସିସି କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସହିଦ ସ୍ପୋର୍ଟିଂ ୯ ଉଇକେଟରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପ୍ରଗତି ୩୫ ଓଭରରେ ୪ ଉଇକେଟ ହରାଇ ୨୦୬ ରନ କରିଥିଲା। ନମନ ଶତପଥୀ ସର୍ବାଧିକ ୮୪ ରନ କରିଥିଲେ। ଜବାବରେ ଆର୍ଯ୍ୟନ ମୋରେଙ୍କ ଶତକ ସହାୟତାରେ ସହିଦ ସ୍ପୋର୍ଟିଂ ୩୨.୨ ଓଭରରେ ୧ ଉଇକେଟ ହରାଇ ୨୧୦ ରନ ସଂଗ୍ରହ କରି ନେଇଥିଲା। ଆର୍ଯ୍ୟନ ୯୧ ବଲ୍‌ରେ ୧୧୬ ରନକରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୂରଜ ଧଳ ୬୧ ରନ କରିଥିଲେ। କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଓ ରଶ୍ମି ରଞ୍ଜନ ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ୍ ଆରମ୍ଭ



ଖେଳାଳି ଓ ଅଫିସିଆଲଙ୍କ ଗହଣରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା।

ଭୁବନେଶ୍ୱର,୨୪।୩ (ଅନାଦି କର)

ୟୁନିଟ୍-୧ସ୍ଥିତ ଜିଆଇଏଚ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ମଙ୍ଗଳବାର ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ବାସ୍କେଟବଲ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏସନ୍ ୩୧-୫ରେ କିସ୍‌କୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କିଟ୍ ଇଣ୍ଟରନ୍ୟାଶନାଲ ୩୩-୨୬ ବ୍ୟବଧାନରେ କେଟି ଗ୍ଲୋବାଲ ସ୍କୁଲକୁ ହରାଇ ଥିଲା। ତୃତୀୟ ମ୍ୟାଚ୍‌ରେ କେଡିବିଏ ୫୧-୨୫ ବ୍ୟବଧାନରେ ଆୟୋଜକ ପୁରୀକୁ ପରାସ୍ତ କରିଥିଲା। ଏହି ଟୁର୍ନାମେଣ୍ଟରେ ପ୍ରାୟ ୨୫୦ ଖେଳାଳି ୨୧ଟି ଦଳରୁ ଅଂଶଗ୍ରହଣ କରିଛନ୍ତି।

## ଭାରତୀୟ ଦଳ ଘୋଷିତ, ଅନୁଷ୍କା ନୂଆ ମୁହଁ

**ଦ. ଆଫ୍ରିକା ବିପକ୍ଷ ମହିଳା ଟି୨୦ ସିରିଜ୍**

ନୂଆଦିଲ୍ଲୀ,୨୪।୩(ପି.ଟି.)

ଆସନ୍ତା ଏପ୍ରିଲ ୧୭ରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ହେବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ମହିଳା ଟି୨୦ ସିରିଜ୍ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳରେ ୨୨ ବର୍ଷୀୟା ଅନୁଷ୍କା ଶର୍ମା ପ୍ରଥମଥର ସ୍ଥାନ ପାଇଛନ୍ତି। ସେ ଜଣେ ବ୍ୟାଟର ଭାବେ ଚଳିତବର୍ଷ ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ରେ ଗୁଜରାଟ ଜାଏଣ୍ଟ୍ସ ପାଇଁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ସେ ଗତମାସରେ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ରାଇଜିଂ ଷ୍ଟାର୍ସ ଏସିଆ କପ୍‌ରେ ଭାରତ ଏ’ ପକ୍ଷରୁ ଖେଳିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ୨-୧ରେ ଟି୨୦ ସିରିଜ୍ ଜିତିଥିବା ଦଳର ସ୍ନେହ ରାଣା, ଅମନ୍‌ଜୋତ କୌର, ଜି. କମଳିନୀ, ବୈଷ୍ଣବୀ ଶର୍ମାଙ୍କୁ ଏହି ସିରିଜ୍‌ରୁ ବାଦ୍ ଦିଆଯାଇଛି। ଭାରତ ପାଇଁ ଟେଷ୍ଟ ଓ ଦିନିକିଆ ଖେଳିଥିବା ପେସର କେଶଭି ଗୌତମଙ୍କୁ ପ୍ରଥମଥର ପାଇଁ ଟି୨୦ ଦଳରେ ସାମିଲ କରାଯାଇଛି। ଆସନ୍ତା ଜୁନ୍ ଓ ଜୁଲାଇରେ ୟୁକେରେ ହେବାକୁଥିବା ମହିଳା ଟି୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଏହି ସିରିଜ୍ ଜରିଆରେ ପ୍ରସ୍ତୁତି କରିବ।

**ଭାରତୀୟ ମହିଳା ଦଳ:** ହରମନ୍‌ପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ୍ (ଉଇକେଟ୍‌କିପର), ଅରୁନ୍ଧତୀ ରେଡ୍ଡୀ, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଶ୍ରୀ ଚରନୀ, ଶ୍ରେୟଙ୍କା ପାଟିଲ, କେଶଭି ଗୌତମ, ଭାରତୀ ଫୁଲମାଳି, ଉମା ଛେତ୍ରୀ, ଅନୁଷ୍କା ଶର୍ମା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ